ISSN 2583-9543
VOL. NO. 01, ISSUE NO. 04

# BAGEESHA

# ବାଗୀଶ

ଜୁଲାଇ - ଅଗଷ୍ଟ ୨୦୨୩



# ବାଗୀଶ

BAGEESHA

ସମାଲୋଚନାଧର୍ମୀ ପତ୍ରିକା

ISSN 2583-9543

■

ପ୍ରଥମ ବର୍ଷ, ଚତୁର୍ଥ ସଂଖ୍ୟା
ଜୁଲାଇ - ଅଗଷ୍ଟ ୨୦୨୩

Volume No. 01
Issue No. 04
July - August 2023

■



ଯୋଗାଯୋଗ
ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା
ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in




II ଓମ୍ ଗଣନାଥାୟ ନମଃ II

---


ପ୍ରତିଷ୍ଠାତା - ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Sri Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

# ବାଗୀଶ

BAGEESHA

ସମାଲୋଚନାଧର୍ମୀ ପତ୍ରିକା

ISSN 2583-9543

■


## ଉପଦେଷ୍ଟା ମଣ୍ଡଳୀ

**ଡ. ଗୋପୀନାଥ ବାଗ**
ସହଯୋଗୀ ପ୍ରଫେସର,ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

●

**ଡ. ବିଜୟଲକ୍ଷ୍ମୀ ଦାଶ**
ସହଯୋଗୀ ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

●

**ଡ. ରବୀନ୍ଦ୍ର କୁମାର ଦାସ**
ସହଯୋଗୀ ପ୍ରଫେସର,ବିଶ୍ୱଭାରତୀ, ଶାନ୍ତିନିକେତନ


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ଇ-ପତ୍ରିକା।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

  **ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ ।

  **ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

  **'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖା ସହ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଏକ ପାସପୋର୍ଟ ଫୋଟୋ (ଅନ୍ୟ ବିଭାଗ ପାଇଁ ଯେକୌଣସି ଫୋଟୋ ହେଲେ ଚଳିବ) ଓ ଯୋଗାଯୋଗ ରହିବା ଆବଶ୍ୟକ।

ଲେଖା ଦେବା ପାଇଁ ଇ-ମେଲ : bageesha.magazine@gmail.com। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ବାଗୀଶ

BAGEESHA

ସମାଲୋଚନାଧର୍ମୀ ପତ୍ରିକା

E-ISSN 2583-9543



**କାର୍ଯ୍ୟନିର୍ବାହୀ ସଂପାଦକ**

ରିତମ୍ ମିଶ୍ର

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**କନକ ବର୍ଦ୍ଧନ ସାହୁ**

ଅଧ୍ୟାପକ, ସିନାପାଲି ମହାବିଦ୍ୟାଳୟ, ସିନାପାଲି, ନୂଆପଡ଼ା

**ତୃପ୍ତିମୟୀ ଭୋଇ**

ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**

ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**

ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**

ଗବେଷକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନିପାଟଣା


## ଆପଣଙ୍କ ଚିଠି

‘ବାଗୀଶ’ର ବିଗତ ସଂଖ୍ୟା ମୁଁ ପଢ଼ିଛି । ଏହାର ଲେଖା ଚୟନ ଓ ବିଭାଗ ସଜ୍ଜୀକରଣ ସମକାଳୀନ ଓଡ଼ିଆ ପତ୍ରିକାମାନଙ୍କ ମଧ୍ୟରେ ସ୍ୱତନ୍ତ୍ର। ପତ୍ରିକାର କଳେବର କ୍ଷୁଦ୍ର ହେଲେ ମଧ୍ୟ ଏହା ଅତି ଯତ୍ନର ସହ ଖୁବ୍ ଆକର୍ଷଣୀୟ। ଏହି ସଂଖ୍ୟାରେ ସ୍ଥାନିତ ସବୁ ଆଲୋଚନା ମୋତେ ଖୁବ୍ ଭଲ ଲାଗିଥିଲା। ଆଲୋଚକମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା। ବିଶେଷ କରି ଏହି ସଂଖ୍ୟାରେ ସ୍ଥାନିତ ଡ. ଗୌରାଙ୍ଗ ଚରଣ ଦାଶ ଙ୍କ ସାକ୍ଷାତକାର ଖୁବ୍ ହୃଦୟସ୍ପର୍ଶୀ।

ଆଗାମୀ ଦିନମାନଙ୍କରେ ଏହା ଆହୁରି ସମୃଦ୍ଧ ହେବ ଏହି ବିଶ୍ୱାସ ମୋର ଅଛି। ସଂପାଦକଙ୍କୁ ବହୁତ ଶୁଭେଚ୍ଛା।

**--- ଯଶୋବନ୍ତ ସାହୁ, ସ୍ନାତକୋତ୍ତର ଛାତ୍ର**

ଅନ୍ୟ ସମସ୍ତ ସଂଖ୍ୟା ଅପେକ୍ଷା ବିଗତ ସଂଖ୍ୟା ମୋତେ ବହୁତ ହୃଦୟସ୍ପର୍ଶୀ ମନେହୋଇଛି। ଏହି ସଂଖ୍ୟାରେ କିଛି ନୂତନ ବିଭାଗ ମଧ୍ୟ ଦେଖିବାକୁ ମିଳିଲା। ଏହା ସହ ‘ନିନାଦ’ ବିଭାଗରେ ଉପସ୍ଥାପିତ କବି ଧର୍ମରାଜ ମହାମଲ୍ଲିକଙ୍କ କବିତା ବହୁତ ସୁନ୍ଦର ହୋଇଛି। ଏହାର ସବୁ ବିଭାଗ ମୋର ପସନ୍ଦ ହୋଇଛି। ଆଗାମୀ ଦିନରେ ଏହା ଆହୁରି ଭଲ କରିବ ବୋଲି ମୋର ଆଶା।

ଉତ୍ତୋରୋତ୍ତର ଉନ୍ନତି କାମନା ସହ ପୁଣିଥରେ ଶୁଭେଚ୍ଛା ଜଣାଉଛି।

--- ସୁଜାତା ସାହାଣୀ, ଗବେଷିକା

---

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ମତାମତ ଦେବା ପାଇଁ ଇ-ମେଲ : bageesha.magazine@gmail.com। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ ‘ବାଗୀଶ’, ବି. କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।


# ସଂପାଦକୀୟ

ସୁଧୀଜନେ! କଥାଟା ଭାରି ସାଙ୍ଘାତିକ।  ଅବଶ୍ୟ ମୁଁ ଆଗୁଆ ସାଙ୍ଘାତିକ କହିଦେବା ବି ଠିକ୍ ନୁହେଁ। ତେଣୁ କଥାଟା ଆଗ ମୁଁ କହିଦିଏ ଏହାପରେ ଆମେ ଭାବିବା ଏହା ସାଙ୍ଘାତିକ ନା ଆଉ କିଛି। ଏବେ କଥାଟି ପ୍ରତି ଦୃଷ୍ଟି ଆକର୍ଷଣ କରୁଛି।

ସେଦିନ ମୋର ଯୁବ ଅଧ୍ୟାପକ ବନ୍ଧୁ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକାମାନଙ୍କ ଦ୍ୱାରା ବ୍ୟବହୃତ ସାଧାରଣ ପ୍ରକୋଷ୍ଠରେ ବସି କୌଣସି ଏକ ପୁସ୍ତକ ଅଧ୍ୟୟନରେ ବ୍ୟସ୍ତଥାନ୍ତି। ଏତିକି ବେଳେ ପ୍ରକୋଷ୍ଠସ୍ଥ ଅଧ୍ୟାପକ-ଅଧ୍ୟାପିକାଙ୍କ ମଧ୍ୟରେ ଚଞ୍ଚଳତା ସେ ଅନୁଭବ କଲେ। ଦେଖିଲେ ସେମାନେ ପ୍ରକୋଷ୍ଠ ବାହାରୁ କିଛି ଗୋଟେ ପୁସ୍ତକ ସଂଗ୍ରହରେ ବ୍ୟସ୍ତଥାନ୍ତି। କିଛି ସମୟପରେ ଅନ୍ୟ ଜଣେ ସହ-ଅଧ୍ୟାପକ ବନ୍ଧୁ ତାଙ୍କୁ ସୂଚନା ଦେଲେ ଯେ ଓଡ଼ିଆ ପାଇଁ ମଧ୍ୟ ଉଭୟ ଯୁକ୍ତଦୁଇ ଓ ଯୁକ୍ତତିନିର ବହି ଆସିଛି ଯାଇକି ସଂଗ୍ରହ କରିନେବା ପାଇଁ। ବନ୍ଧୁ ଜଣକ ଉତ୍ସୁକତାର ସହ ପାଠ୍ୟକ୍ରମ ଆଧାରିତ ମୌଳିକ ପୁସ୍ତକ ଭାବି ଅଗ୍ରସର ହେଲେ। କିନ୍ତୁ ସେଠି ଯାଇ ଦେଖିଲା ବେଳକୁ କଥା କିଛି ଭିନ୍ନ। କିଛି ପ୍ରକାଶନ ସଂସ୍ଥା ଯୁକ୍ତଦୁଇ ଓ ଯୁକ୍ତତିନି ପାଠ୍ୟକ୍ରମ ଆଧାରିତ ଗାଇଡ୍ ପୁସ୍ତକ ଆଣି ଅଧ୍ୟାପକ-ଅଧ୍ୟାପିକାଙ୍କ ମଧ୍ୟରେ ମୁକ୍ତଭାବରେ ବାଣ୍ଟୁଥାନ୍ତି ଏବଂ ଆଶ୍ଚର୍ଯ୍ୟର ବିଷୟ ଶ୍ରଦ୍ଧେୟ ଅଧ୍ୟାପକ-ଅଧ୍ୟାପିକା ଏହା ଶ୍ରଦ୍ଧାର ସହ ଗ୍ରହଣ ପୂର୍ବକ ଉକ୍ତ ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ଭାବ ପ୍ରକାଶ କରୁଥାନ୍ତି। ଏହାଠୁ ବେଶି ଆଶ୍ଚର୍ଯ୍ୟ ଓ ପରିତାପର କଥା ହେଉଛି, ସେହି ବିତରଣ ବ୍ୟକ୍ତିମାନେ ଦୃଢ଼ଭାବେ ଜଣାଉଥିଲେ ଯେ ଶ୍ରେଣୀଗୃହରେ ଉକ୍ତ ଗାଇଡ୍ ପୁସ୍ତକ ବିଷୟରେ ପିଲାମାନଙ୍କୁ ଜଣାଇବା ସହ କିଣିବାକୁ ପ୍ରସ୍ତାବ ଦେବା ନିମନ୍ତେ। ଏ ଘଟଣା ଦେଖି ସାରିବା ପରେ ବନ୍ଧୁଜଣକ ଦୁଃଖ ପ୍ରକାଶ କରି ମୋତେ ଫୋନ୍ ମାଧ୍ୟମରେ ଜଣେଇଥିଲେ।

ତେବେ ବିଚାର କରିବାର ବିଷୟ ଯେ ଆମେ କେଉଁଆଡ଼େ ଯାଉଛେ !! ଅବଶ୍ୟ ମୁଁ ଗାଇଡ୍ ପୁସ୍ତକ ଭଲ ନୁହେଁ ବୋଲି କହୁନାହିଁ। କିନ୍ତୁ ଯେଉଁ ସମୟରେ ପିଲାମାନଙ୍କୁ ମୌଳିକ ପୁସ୍ତକ ପଠନ ସହ ତାଙ୍କ ଭିତରେ ଅନୁସନ୍ଧିତ୍ସା ସୃଷ୍ଟି କରାଯିବା ଦରକାର। ଯାହା ଫଳରେ ସେ ମୌଳିକ ଚିନ୍ତନ କରିପାରିବେ, ନିଜ ବୁଦ୍ଧି ଓ ବିବେକର ଉପଯୁକ୍ତ ପ୍ରୟୋଗ କରିପାରିବେ। ସେହି ସମୟରୁ ହିଁ ପିଲାଙ୍କ ହାତରେ ଗୋଟେ ନିର୍ଦ୍ଦିଷ୍ଟ ଗାଇଡ୍ ବହି ଦେଇ ସେହି ସବୁ ସମ୍ଭାବନାକୁ ହତ୍ୟା କରିଦେବା କେତେ ଦୂର ଠିକ୍ ! ଆଜି ଉପଯୁକ୍ତ ଶିକ୍ଷା ଅପେକ୍ଷା ପିଲାଙ୍କୁ ଭଲ ମାର୍କ ରଖିବା ପାଇଁ ସବୁ ଶିକ୍ଷାନୁଷ୍ଠାନରେ ତତ୍ପରତା। ଯାହା ମନ୍ଦ ନୁହେଁ। କିନ୍ତୁ ପିଲାଙ୍କ ମୌଳିକ ବିଚାରବୋଧକୁ ହତ୍ୟା କରି ଏ ପ୍ରକାରର ହୀନମନ୍ୟ ଅପଚେଷ୍ଟା କାହିଁକି? କେଉଁ ମହତ ଉଦ୍ଦେଶ୍ୟ ସାଧନ ପାଇଁ ଏହି କେତେକ ପ୍ରକାଶନ ସଂସ୍ଥା ନିଜକୁ ଏହିପରି ହୀନ ପ୍ରୟାସରେ ଲିପ୍ତ କରିଛନ୍ତି? ଯଦି ଏ ବ୍ୟବସାୟ; ତେବେ ଦାୟରେ ପିଲାଙ୍କ ଭବିଷ୍ୟତ କାହିଁକି? ଏ ଅଧିକାର ତାଙ୍କୁ ଦେଲା କିଏ? ସେମାନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକର ଲେଖକ ଓ ଲେଖାର ମାନ କ'ଣ? ଏମିତି ଅନେକ ପ୍ରଶ୍ନ ଆଜି ମୋତେ ଆନ୍ଦୋଳିତ କରୁଛି। ଏଥିରେ ପୁଣି ଆମେ ପିଲାଙ୍କ ଉପରେ ଦୋଷ ଲଦିଦେଉଛେ ଯେ ପିଲା ପଢ଼ିବାକୁ ଚାହୁଁ ନାହାଁନ୍ତି!! ବିଚାର ଆପଣ ମାନଙ୍କର। ଆମ ଭବିଷ୍ୟତ ପିଢ଼ି ପାଇଁ ଏହା କେତେଦୂର ଠିକ୍ ।


ଶେଷରେ ଆମର ଅନୁରୋଧ ରକ୍ଷା କରି ବିଶିଷ୍ଟ ସାରସ୍ୱତସାଧକ ତଥା ଆଲୋଚକ ପ୍ରଫେସର୍ ନାରାୟଣ ସାହୁ ମହୋଦୟ 'ବରେଣ୍ୟ ବାଗୀଶ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଚତୁର୍ଥ ସଂଖ୍ୟା ଆପଣଙ୍କ ହାତରେ ନିବେଦନ କଲି।



ସଂପାଦକ

BAGEESHA
ବାଗୀଶ

ପ୍ରଥମ ବର୍ଷ, ସଂଖ୍ୟା - ୦୪ । ଜୁଲାଇ - ଅଗଷ୍ଟ ୨୦୨୩
Volume No. 01 I Issue No. 04 I Jul - Aug 2023




ପ୍ରଚ୍ଛଦ : ବିକେଶ ସାହୁ

[ପ୍ରଚ୍ଛଦରେ ଅଛନ୍ତି ପଦ୍ମପାଣି(ତନ୍ତ୍ରଯାନର ଜଣେ ସିଦ୍ଧଦେବୀ) ଉଦୟଗିରିରୁ ସଂଗୃହିତ ।]



'ବାଗୀଶ ବରେଣ୍ୟ'ର ଚଳିତ ସଂଖ୍ୟାର ପଢ଼ନ୍ତୁ ବିଶିଷ୍ଟ ସମାଲୋଚକ ଓ ନାଟ୍ୟକାର **ପ୍ରଫେସର୍ ନାରାୟଣ ସାହୁଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତକାର

୩୮

# ଏଇ ସଂଖ୍ୟାରେ

## ପ୍ରବନ୍ଧ ଓ ଆଲୋଚନା

୦୭ ॥ ନକ୍ସଲ-ଚେତନା ଓ ଓଡ଼ିଆ ଉପନ୍ୟାସ (୧୯୮୦ ପରବର୍ତ୍ତୀ)
............ ଖଗେଶ୍ୱର ମେହେର

୧୪ ॥ ଭୀମ ପୃଷ୍ଟିଙ୍କ 'ଓଁ' ଉପନ୍ୟାସ ଏକ ବିଶ୍ଳେଷଣ
............ କନକ ବର୍ଦ୍ଧନ ସାହୁ

୨୦ ॥ ବାଲିଗଞ୍ଜର ଓଡ଼ିଆ ଫେଲୁଦା ଏକ ଦୃଷ୍ଟିପାତ
............ ପ୍ରତୀଚୀ ନନ୍ଦ

୨୫ ॥ 'କଂସର ଆତ୍ମା' ନାଟକର ଆଙ୍ଗିକ କଳା ଓ କୌଶଳ
............ ପ୍ରମୋଦିନୀ ସ୍ୱାଇଁ

## ଧୀଷଣା

୩୨ ॥ ରାଧାନାଥୀୟ ସଂସ୍କାରବୋଧ ଓ ଜୀବନଦର୍ଶନର ସଫଳ ସ୍ଫୁରଣ : 'ବଡ଼ପଣ'
............ ତୃପ୍ତିମୟୀ ଭୋଇ

## ନିନାଦ

୩୬ ॥ ଫି'ଥର କିଛି ନୂଆପଣ ଭେଟିଦିଏ ଯାହାଙ୍କ କବିତା : ସଙ୍ଘମିତ୍ରା ଭୁତିଆ

## ବାଗୀଶ ବରେଣ୍ୟ

୩୮ ॥ ପ୍ରଫେସର୍ ନାରାୟଣ ସାହୁଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର
୪୦ ॥ ବହିକଥା : 'ମାର ସମ୍ଭବ'

ପ୍ରଥମ ବର୍ଷ, ସଂଖ୍ୟା - ୦୪। ଜୁଲାଇ - ଅଗଷ୍ଟ ୨୦୨୩
Volume No. 01। Issue No. 04। Jul - Aug 2023

# ନକ୍ସଲ-ଚେତନା ଓ ଓଡ଼ିଆ ଉପନ୍ୟାସ (୧୯୮୦ ପରବର୍ତ୍ତୀ)

■ ଖଗେଶ୍ୱର ମେହେର



ଅଧ୍ୟାପକ, ଓଡ଼ିଆ ବିଭାଗ,
ବନାଇଁଗଡ଼ ମହାବିଦ୍ୟାଳୟ, ବନାଇଁଗଡ଼

୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଅନ୍ୟତମ ପରିବର୍ତ୍ତିତ ରୂପ ହିସାବରେ ଆତ୍ମପ୍ରକାଶ କରିଛି ନକ୍ସଲ-ଚେତନାର ଆଭିମୁଖ୍ୟ। ଏହା ଏକ ରାଜନୈତିକ ଚେତନା ବା ଆନ୍ଦୋଳନ। ଏହି ଆନ୍ଦୋଳନର ପ୍ରଭାବ ଫଳରେ ଭାରତୀୟ ରାଜନୀତିରେ ଆସିଥିଲା ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ। ସାଧାରଣଭାବେ କହିବାକୁ ଗଲେ ସ୍ୱାଧୀନତା ପରବର୍ତ୍ତୀ ସମୟରୁହିଁ ଆରମ୍ଭ ହୋଇଥିଲା ନକ୍ସଲ ଆନ୍ଦୋଳନ। ଏହା ଏକ ସାମାଜିକ ଆନ୍ଦୋଳନ ପୁଣି। କମ୍ୟୁନିଷ୍ଟମାନଙ୍କଦ୍ୱାରା ସଂଗଠିତ ଏହି ଆନ୍ଦୋଳନର ନାମଟି ଆସିଅଛି ପଶ୍ଚିମବଙ୍ଗର 'ନକ୍ସଲବାଡ଼ି' ନାମକ ଏକ ଗ୍ରାମରୁ। 'ନକ୍ସଲବାଡ଼ି' ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଥିବା ଜିଲ୍ଲା ଦାର୍ଜିଲିଂର ସିଲିଗୁଡ଼ି ତାଲୁକା ଅନ୍ତର୍ଗତ ଆସୁଥିବା ପାଖାପାଖି ଷାଠିଏଟି ଗ୍ରାମର ଅତ୍ୟନ୍ତ ସୁନ୍ଦର ଭ୍ରମଣଯୋଗ୍ୟ ହିମାଳୟ ପାଦଦେଶରେ ଥିବା ପାହାଡ଼ି ଅଞ୍ଚଳ। ବର୍ତ୍ତମାନ ଦେଶର ୧୬ଟି ରାଜ୍ୟ ଏବଂ ୧୪୧ଟି ଜିଲ୍ଲା ହେଉଛି ନକ୍ସଲବାଦୀଙ୍କର ଅଧିକାରଭୁକ୍ତ ।(୧) ତେବେ, ସମଗ୍ର ଦେଶ ଉପରେ ଏହି ଆନ୍ଦୋଳନର ପ୍ରଭାବ ପଡ଼ିଥିବାର ଜଣାଯାଏ ଯାହାକି, ସାଂପ୍ରତିକ ପ୍ରେକ୍ଷାପଟରେ 'ନକ୍ସଲ-ଚେତନା' ଏକ ବହୁଚର୍ଚ୍ଚିତ ବିଷୟ ପାଲଟିଛି।

ବାସ୍ତବରେ 'ନକ୍ସଲ ଆନ୍ଦୋଳନ' କମ୍ୟୁନିଷ୍ଟମାନଙ୍କର ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନକାରୀ ଆନ୍ଦୋଳନ ବା ବିଦ୍ରୋହ। ନକ୍ସଲବାଡ଼ିରେ ଘଟୁଥିବା ସବୁ ଅଭାବନୀୟ ପରିସ୍ଥିତିର ସୁଯୋଗ ନେଇଥିଲେ କମ୍ୟୁନିଷ୍ଟମାନେ। ଏହି କମ୍ୟୁନିଷ୍ଟମାନେ ହିଁ ଚାଷୀ ତଥା ଶ୍ରମିକମାନଙ୍କୁ ପ୍ରବର୍ତ୍ତାଇ ଥିଲେ ଧନୀ, ଜମିଦାର ତଥା ଚା' ବଗିଚାର ମାଲିକମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ

କରିବାକୁ। ଏହି ଆନ୍ଦୋଳନର କର୍ଣ୍ଣଧାର ଥିଲେ ଚାରୁ ମଜୁମଦାର ।(୨) ଏହି ଆନ୍ଦୋଳନଟି ପରବର୍ତ୍ତୀ ସମୟରେ ବିଶେଷଭାବେ ପ୍ରଭାବିତ କରିଥିଲା ଯୁବ-ସମାଜକୁ। ଚାଷୀ, ମୂଲିଆ, ଖଟିଖିଆ, ସର୍ବହରାମାନଙ୍କୁ ଧନୀକ, ପୁଞ୍ଜିପତି ତଥା ଜମିଦାରମାନଙ୍କର ଶୋଷଣ, ଅତ୍ୟାଚାର ଆଦିରୁ ମୁକ୍ତ କରିବା ଥିଲା ଏହି ଚେତନାର ଆଭିମୁଖ୍ୟ। ପୁଣି, ଧନୀକ, ପୁଞ୍ଜିପତି ତଥା ଜମିଦାରମାନଙ୍କର ବିନାଶ ଘଟାଇବା ଥିଲା ଏହି ଚେତନାର ଅନ୍ୟତମ ଆଭିମୁଖ୍ୟ। ଅତଏବ, ଏକ ଶୋଷଣମୁକ୍ତ ତଥା ଶ୍ରେଣୀବିହୀନ ସମାଜର ପରିକଳ୍ପନା ଥିଲା ଏହି ଚେତନାର ପ୍ରଧାନ ଆଭିମୁଖ୍ୟ।

'ନକ୍ସଲ-ଚେତନା' ଏକ କୃଷିଜୀବୀ ଆନ୍ଦୋଳନ ମଧ୍ୟ ହୋଇପାରେ। କାରଣ, ନକ୍ସଲବାଡ଼ିର କୃଷକ ଆନ୍ଦୋଳନର ପ୍ରଭାବରେ ଯେଉଁ ସାହିତ୍ୟିକ ସଂଗଠକ ସୃଷ୍ଟି ହୋଇଥିଲା, ତନ୍ମଧ୍ୟରୁ ସର୍ବପ୍ରଥମ ସଂଗଠନ ଥିଲା 'The Revolutionary Writers Association'। ଏହି ସଂଗଠନଟି ତେଲୁଗୁ ସାହିତ୍ୟିକ ସମାଜର କେତେକ ବିଶିଷ୍ଟ ପ୍ରତିଭା, ଯଥା- ଶ୍ରୀ ଶ୍ରୀ ରାଭି ଶାସ୍ତ୍ରୀ, ଖାଥୁବା ରାଓ, କେଭି ରମନ ରେଡ଼ି, ସି. ବିଜୟଲକ୍ଷ୍ମୀ ପ୍ରମୁଖଙ୍କଦ୍ୱାରା ଗଠିତ ହୋଇଥିଲା। ପରବର୍ତ୍ତୀ କାଳରେ ଏହି ସାହିତ୍ୟିକ ସଂଗଠନଟିର ପ୍ରଭାବ ପଡ଼ିଥିଲା ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଆଦି ରାଜ୍ୟ ଉପରେ।(୩) ଫଳରେ ଏହି ନକ୍ସଲବାଦୀ ଆନ୍ଦୋଳନକୁ ନେଇ ସୃଷ୍ଟି ହେଲା ଅନେକ ସାହିତ୍ୟ, ଯାହାର ସ୍ୱଷ୍ଟ ପ୍ରତିଫଳନ ଦେଖାଦେଲା ଓଡ଼ିଆ ଉପନ୍ୟାସ ରାଜ୍ୟରେ। ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶକୁନ୍ତଳା' (୧୯୮୦), ସୁରେନ୍ଦ୍ର ମହାନ୍ତିଙ୍କ 'ଅଚଳାୟତନ' (୧୯୮୧), ଅନାଦି ସାହୁଙ୍କ 'ମୁଣ୍ଡମେଖଳା' (୧୯୮୨), ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' (୧୯୯୨), ପଦ୍ମଜ ପାଳଙ୍କ 'ହାଏ ମୁନି! କେମିତି ଅଛ?' (୨୦୧୩), କୃପାସାଗର ସାହୁଙ୍କ 'ନୁହେଁ ମୁଁ ନକ୍ସଲ' (୨୦୨୦) ପ୍ରଭୃତି ଉପନ୍ୟାସ ଏହି ଚେତନାର ଏକ ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ। କିନ୍ତୁ, ଏହା ପୂର୍ବରୁ ଓଡ଼ିଆ ଉପନ୍ୟାସର ପୂର୍ବସୂରୀ ଫକୀରମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' (୧୮୯୭-୯୯) ତଥା ଗୋପୀନାଥ ମହାନ୍ତିଙ୍କର 'ପରଜା' (୧୯୪୬) ଆଦି ଉପନ୍ୟାସରେ ସରଳ, ନିରୀହ ଲୋକଙ୍କୁ ଶୋଷଣ, ଅତ୍ୟାଚାର ତଥା ଶ୍ରେଣୀ-ସଂଘର୍ଷ ବା ଶ୍ରେଣୀ-ବୈଷମ୍ୟର ଚିତ୍ର ରହିଥିଲା। ମାତ୍ର, ବର୍ତ୍ତମାନ ଶୋଷଣର ଏକ ନାରକୀୟ ରୂପ ସାହିତ୍ୟରେ ବିଦ୍ୟମାନ। ଯାହାକି, ସାହିତ୍ୟ କ୍ଷେତ୍ରରେ ଏଭଳି ଏକ ପରିବର୍ତ୍ତନ ଆସିବାପାଇଁ ଦାୟୀ ହୋଇରହିଛି ୧୯୬୭ ମସିହାର ନକ୍ସଲ ଆନ୍ଦୋଳନ; ଯେଉଁ ଆନ୍ଦୋଳନର ମୂଳମନ୍ତ୍ର ହିସାବରେ ରହିଛି ମାଓ-ସେ-ତୁଙ୍ଗ୍‌ଙ୍କ ବାଣୀ ବା ଦର୍ଶନ। ସେହି ବାଣୀ ବା ଦର୍ଶନଟି ହେଲା-"Power flows from the barrel of the gun" ବା "କ୍ଷମତା ରହିଛି ବନ୍ଧୁକ ମୁନରେ" ଅଥବା ""Those who has not depth his hand in the blood of class enemy they are not consider as a communist."(୪)

ତେବେ, ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନକ୍ସଲବାଦୀ ଆନ୍ଦୋଳନାର ଚିତ୍ର ପ୍ରକାଶ ପାଇଛି ୧୯୮୦ ମସିହାଠାରୁ, ଯାହାର ସ୍ୱଷ୍ଟ ନିଦର୍ଶନ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶକୁନ୍ତଳା' (୧୯୮୦) ଉପନ୍ୟାସ। "ଏ ଉପନ୍ୟାସରେ ସେ ୧୯୫୧ ମସିହା ପରଠାରୁ ନକ୍ସଲପନ୍ଥୀ ଆନ୍ଦୋଳନର ଶେଷ ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ବିଭିନ୍ନ ରାଜନୀତିକ ଆନ୍ଦୋଳନର ସୂଚନା ଦେଇଛନ୍ତି।"(୫) କିନ୍ତୁ, ଏହି ଆନ୍ଦୋଳନର ପରିପୁଷ୍ଟ ରୂପ ଦେଖାଦେଇଛି ମୁଖ୍ୟତଃ ୧୯୮୦ ମସିହା ପରେ। ୧୯୮୧ ମସିହାରେ ପ୍ରକାଶିତ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ 'ଅଚଳାୟତନ' ଉପନ୍ୟାସ ଏହାର ଏକ ନମୁନା। ଉପନ୍ୟାସଟିରେ ଏହି ଆନ୍ଦୋଳନର ସୂଚନାମାତ୍ର ରହିଛି। ଦୃଷ୍ଟାନ୍ତସ୍ୱରୂପ- "ଅଭୟାଶ୍ରାମ, ଏବେ ପ୍ରଚ୍ଛନ୍ନ ନକ୍ସଲପନ୍ଥୀମାନଙ୍କର ଆଡ୍‌ଡ଼ା। ସେଠାରେ ବୋମା ତିଆରି ଚାଲେ ବୋଲି ଖୋଦ୍ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ସତର୍କ କରିଦେଇଛନ୍ତି ରୁଦ୍ରମାଧବଙ୍କୁ। ରୁଦ୍ରମାଧବ ସେପରି ମାରାତ୍ମକ ପ୍ରସ୍ତୁତିର ଅବଶ୍ୟ କୌଣସି ପ୍ରତ୍ୟକ୍ଷ ପ୍ରମାଣ ପାଇନାହାନ୍ତି। ମାତ୍ର ସତୀଆଠାରୁ ସେ ଯାହା ସମ୍ବାଦ ସଂଗ୍ରହ କରିଛନ୍ତି, ସେଠାରେ ଲମ୍ବାବାଳିଆମାନଙ୍କର ଆଡ୍‌ଡ଼ା। ପିଲ୍ ଗିଳି, ସେମାନେ ପଡ଼ିଥାନ୍ତି ଅଚେତନ ପରି, ପିଲ୍ ଗିଳି ନଥିବା ବେଳେ କ'ଣ ସବୁ ତର୍କ ବିତର୍କ କରନ୍ତି, ଗଳାଫଟା କଣ୍ଠରେ। ଆଶ୍ଚର୍ଯ୍ୟ- ମଝିଆଁ ସା'ନ୍ତଙ୍କର ସେମାନେ ସବୁଠାରୁ ପ୍ରିୟପାତ୍ର। ସହରରେ ଥିଲେ, ରାଜବାଟୀରେ ନରହି ମଝିଆଁ ସା'ନ୍ତ ଅଧିକାଂଶ ବେଳେ, ସେଇ ଅଭୟାଶ୍ରମରେ ରହିଥା'ନ୍ତି, ସୂତା କାଟି, ଖବରକାଗଜ ପଢ଼ି, ଆଉ ଏଇ ଲମ୍ବାବାଳିଆ ତରୁଣମାନଙ୍କ ସହିତ, ଲେଲିନ୍ ଠାରୁ ମାଓ-ସେ-ତୁଙ୍ଗ୍, ହୋଚୀମିନ୍ ପର୍ଯ୍ୟନ୍ତ ନାନା ପ୍ରସଙ୍ଗ ଆଲୋଚନା କରି ସମୟ ଅତିବାହିତ କରିବା ପାଇଁ। ସେ ବୁଝନ୍ତି ନାହିଁ, ବିଦ୍ରୋହୀ ହେବା ପାଇଁ ସୁଦ୍ଧା ନୈତିକ ସଂଯମର

ପ୍ରୟୋଜନ। ବିଦ୍ରୋହ ଉଚ୍ଛୃଙ୍ଖଳତା ନୁହେଁ। ବନ୍ୟାଞ୍ଚଳରୁ ଫେରି, ମଝିଆଁ ସା'ନ୍ତ ଆଜି ମଧ ବାହାରିଥିଲେ 'ଅଭୟାଶ୍ରମ' ଆଡ଼େ ।"(୬) ଉପନ୍ୟାସଟିରେ ମଝିଆଁ ସା'ନ୍ତଙ୍କ ଉଦ୍ୟମରେ ପ୍ରତିଷ୍ଠିତ 'ଅଭୟାଶ୍ରମ'ର ବର୍ଣ୍ଣନା ମାଧ୍ୟମରେ ନକ୍ସଲପନ୍ଥୀମାନଙ୍କର ସେଠି ଆଡ୍‌ଡ଼ା କରିବାର ସୂଚନା ରହିଛି। ଏଇ ନକ୍ସଲପନ୍ଥୀମାନଙ୍କ ସହିତ ଘନିଷ୍ଠ ସଂପର୍କ ସ୍ଥାପିତ ହୋଇଛି ମଝିଆଁ ସା'ନ୍ତଙ୍କର। ତେବେ, ଉପନ୍ୟାସଟିରେ ଭାରତୀୟ ରାଜନୈତିକ ଆନ୍ଦୋଳନ ବା ସ୍ୱାଧୀନତା ସଂଗ୍ରାମର ବର୍ଣ୍ଣନା ପ୍ରସଙ୍ଗରେ ନକ୍ସଲପନ୍ଥୀମାନଙ୍କ କଥା ମଧ ବର୍ଣ୍ଣିତ ହୋଇଅଛି; ଯାହାକି ଉପନ୍ୟାସଟିରେ ନକ୍ସଲ-ଚେତନାର ସୂଚନା ରହିଛି ବୋଲି କୁହାଯାଇପାରେ।

ନକ୍ସଲ-ଚେତନାଭିତ୍ତିକ ଏକ ସାର୍ଥକ ଉପନ୍ୟାସ ହେଉଛି ଅନାଦି ସାହୁଙ୍କ 'ମୁଣ୍ଡମେଖଳା' (୧୯୮୨)। ଏ ଉପନ୍ୟାସଟି ନକ୍ସଲବାଦ ଓ ତା'ର ପରିଣତିକୁ ନେଇ ମୁଖ୍ୟତଃ ରଚିତ। ଉପନ୍ୟାସଟିରେ ନାୟକ ଭେଙ୍କେଟ ସତ୍ୟମ୍, ତା'ର ଝିଅ ଭାନୀ, ଯୁବ ଓକିଲ ନାଗୀ, ଅନ୍ୟତମ ଯୁବକ କୈଳାସମ୍, ଯୁବକ ପାତ୍ର (କଲେଜର ଜଣେ ଅଧ୍ୟାପକ) ଓ ତା'ର ସ୍ତ୍ରୀ ଝାଁସୀ ଆଦି ନକ୍ସଲବାଦୀ ଚରିତ୍ର ଲେଖକୀୟ ଲେଖନୀରେ ବାସ୍ତବ ରୂପ ନେଇଛି। ଶୋଷକ ଶ୍ରେଣୀ ବିରୁଦ୍ଧରେ ଶୋଷିତ ଶ୍ରେଣୀର ମୁକ୍ତ-ସଂଗ୍ରାମ ବିଷୟ ଏଥିରେ ବର୍ଣ୍ଣିତ ହୋଇଛି। ଶ୍ରେଣୀଶତ୍ରୁର ବିନାଶ କରି ନିପୀଡ଼ିତଙ୍କୁ ଉଦ୍ଧାର କରିବା ହୋଇଛି ଉପନ୍ୟାସଟିରେ ନକ୍ସଲବାଦୀଙ୍କର ମୂଳଲକ୍ଷ୍ୟ। ମାଓ-ସେ-ତୁଙ୍ଗ୍‌ଙ୍କ ବାଣୀ ହୋଇଛି ଏହି ନକ୍ସଲବାଦୀଙ୍କର ବେଦମନ୍ତ୍ର। ଏଥିରେ ପୋଲିସ୍ ହୋଇଛି ସରକାରର ପ୍ରତୀକ ଓ ଧନୀମାନଙ୍କର ରକ୍ଷା କବଚ। ନକ୍ସଲପନ୍ଥୀଙ୍କ ପାଇଁ ପୋଲିସ୍ ହୋଇଯାଇଛି ଶତ୍ରୁ। ଧନୀକ ତଥା ପୋଲିସ୍‌ମାନଙ୍କୁ ହତ୍ୟା କରିବା ଓ ଶ୍ରେଣୀବିହୀନ ସମାଜ ପ୍ରତିଷ୍ଠା କରିବା ହୋଇଯାଇଛି ନକ୍ସଲପନ୍ଥୀଙ୍କର ଆଦର୍ଶ। ଏହି ନକ୍ସଲପନ୍ଥୀଙ୍କର ନାୟକ ସାଜିଛି ଭେଙ୍କେଟ ସତ୍ୟମ୍। ସେ ପରିସ୍ଥିତିକ୍ରମେ ପାଲଟିଯାଇଛି ଏକ ନକ୍ସଲବାଦୀ। ତା'ପ୍ରତି ହୋଇଥିବା ଏକ ଧନୀକ ବ୍ୟକ୍ତିର ଶୋଷଣ ଅତ୍ୟାଚାର ତାକୁ ଏପରି କରିଦେଇଛି। ସେ ମୂଳତଃ ଏମିତି ନଥିଲା। ସେ ଥିଲା ଏକ ପ୍ରାଇମେରୀ ସ୍କୁଲ ଶିକ୍ଷକ। ମାସକୁ ତା'ର ଦରମା ପଚାଶ ଟଙ୍କା ମାତ୍ର। ପରେ ଷାଠିଏ ଟଙ୍କାକୁ ବୃଦ୍ଧି ହୋଇଛି। ତା'ର ପରିବାର କହିଲେ ଏବେ ସେ ନିଜେ, ତା'ର ସ୍ତ୍ରୀ ଓ ଆଠବର୍ଷର ଏକମାତ୍ର ଝିଅ ଭାନୀ। ଏମାନଙ୍କୁ ନେଇହିଁ ତା'ର ପରିବାର, ତା'ର ସଂସାର। ହେଲେ ପରିସ୍ଥିତିକ୍ରମେ ଗାଁ ମହାଜନ ନାରସେୟାର ଶୋଷଣ, ଅତ୍ୟାଚାର ତା' ପରିବାରକୁ ଉଜୁଡ଼ାଇ ଦେଇଛି। ଫଳରେ ସେ (ଭେଙ୍କେଟ) ହୋଇଯାଇଛି ବିଦ୍ରୋହୀ ଓ ପ୍ରତିଶୋଧ-ପରାୟଣ। ପରିଣାମସ୍ୱରୂପ ନାରସେୟାକୁ ତା'ର ହତ୍ୟାହିଁ ସାର ହୋଇଛି। ନାରସେୟା ଭଳି ଅନେକ ଧନୀକ ବା ମହାଜନଙ୍କୁ (ଯେଉଁମାନେ ଲୋକଙ୍କ ପ୍ରତି ଶୋଷଣ, ଅତ୍ୟାଚାର କରନ୍ତି) ଭେଙ୍କେଟ ହତ୍ୟା କରିଛି, ଶ୍ରେଣୀଶତ୍ରୁକୁ ଦମନ କରିବାପାଇଁ ଚାହିଁଛି ତଥା ଏକ ଶ୍ରେଣୀବିହୀନ ସମାଜ ଗଠନ କରିବାର ପ୍ରଚେଷ୍ଟା ଅବ୍ୟାହତ ରଖିଛି। ଔପନ୍ୟାସିକଙ୍କ ଭାଷାରେ, "ସେହିଦିନରୁ ଭେଙ୍କେଟର ଆରମ୍ଭ ହେଲା ଯୁଦ୍ଧ। ଶୋଷିତ ପାଇଁ ତା'ର ଅସ୍ତ୍ର ଉତ୍ତୋଳନ। ଶୋଷକକୁ ପଦାନତ କରିବାର ପ୍ରୟାସ। ଅସଂଖ୍ୟ ଗିରିଜନ ତା'ର ହେଲେ ପଦାତିକ ।"(୭)

ଏହାପରେ ଭେଙ୍କେଟ ହେଲା ଗିରିଜନମାନଙ୍କର ନେତା। ସେମାନଙ୍କୁ କୁସଂସ୍କାର ବିମୁକ୍ତ କରି ବାସ୍ତବମୁଖୀ କରାଇବାକୁ ଚେଷ୍ଟାକଲା। ତା'ର ମନେହେଲା ଯେ, ଗିରିକନ୍ଦରରେ ବାସ କରୁଥିବା ଅନାମଧେୟ, ଅଜଣା, ଯନ୍ତ୍ରଣାଗ୍ରସ୍ତ ତଥା ଦାସତ୍ୱ ବନ୍ଧନରେ ବନ୍ଧା ହୋଇଥିବା ସରଳ ଆଦିବାସୀ ବା ଗିରିଜନଙ୍କର ଦୁଃଖ-ଦୁର୍ଦ୍ଦଶା ତା'ର ନିଜ ଦୁର୍ଦ୍ଦଶା – ସେମାନେ ଯେମିତି ନିଷ୍ପେଷିତ, ସେ ମଧ ସେମିତି ନିଷ୍ପେଷିତ। ସେହି ଗିରିଜନମାନଙ୍କର ଅକୁହା ବେଦନାକୁ ଅନୁଭବ କଲା ଭେଙ୍କେଟ। ମହାଜନ ଗୋଷ୍ଠୀ ତା'ର ଶତ୍ରୁ ତଥା ଗିରିଜନର ମଧ ଶତ୍ରୁ। ସେହି ଶତ୍ରୁର ନିପାତ ଏକାନ୍ତ ଆବଶ୍ୟକ। ଗାଁ ଗାଁ ବୁଲି ଗିରିଜନମାନଙ୍କର ଦୁଃଖ-ଦୁର୍ଦ୍ଦଶା, ଅଭାବ-ଅସୁବିଧା ତଥା ଶୋଷଣ-ଅତ୍ୟାଚାର ଆଦିର ଖବର ନେଲା ଭେଙ୍କେଟ। ସବୁଠି ଗିରିଜନ ଭୋକିଲା, ଅଧାଖିଆ, ଶେଥାମୁହଁ, ବଢ଼ିଲାପେଟ, ରୋଗଗ୍ରସ୍ତ, ବେଦନାଗ୍ରସ୍ତ ଓ ଭୟଗ୍ରସ୍ତ। ପୁଣି, ସବୁଠାରେ ଦୁଃଖ, ଅତ୍ୟାଚାର ଶୋଷଣ ଓ ନିର୍ଦ୍ଦୟ ମନୋଭାବ। ଏ ସବୁକୁ ଦେଖି ଭେଙ୍କେଟର ମନ ବିଦ୍ରୋହୀ ହୋଇଉଠିଲା-ମହାଜନ , କୁମୁଟୀ ବ୍ୟବସାୟୀ, ଶୁଣ୍ଢୀ ମହାଜନ, ବ୍ରାହ୍ମଣ ଭୂମ୍ୟାଧିକାରୀ ତଥା ଛୋଟ ଛୋଟ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ। ତେବେ, ଉପନ୍ୟାସଟିରେ ଗାଁ ମହାଜନ ନାରସେୟା, କୁମୁଟୀ ବ୍ୟବସାୟୀ ଲାଛାନ୍ନା, କାଟିକୀ ମହାଜନ ବୀର ସାହୁ, କନ୍‌ଷ୍ଟେବଲ୍ ପ୍ରହ୍ଲାଦ ପାଣିଗ୍ରାହୀ ପ୍ରଭୃତି ଚରିତ୍ରଙ୍କୁ ହତ୍ୟା କରିଛି ଭେଙ୍କେଟ ତା'ର ସାଥୀଙ୍କୁ

ନେଇ। ଏମିତି ଅନେକ ସାହୁକାର ତଥା ଅଫିସର ବା କଲେକ୍ଟରଙ୍କୁ ହତ୍ୟା କରାଯାଇଛି ଉପନ୍ୟାସଟିରେ। ସୁତରାଂ, ଉପନ୍ୟାସଟିରେ ନକ୍ସଲପନ୍ଥୀମାନେ ମାଓ-ସେ-ତୁଙ୍ଗ୍‌ଙ୍କ ବାଣୀରେ ମୁଖରିତ ହୋଇ ଗୋଟିକ ପରେ ଗୋଟିଏ ହତ୍ୟା କରିଚାଲି ଶ୍ରେଣୀ-ସଂଘର୍ଷର ଦମନ କରିଛନ୍ତି ଏକ ଶୋଷଣ-ମୁକ୍ତ ସମାଜର ପରିକଳ୍ପନା ଉଦ୍ଦେଶ୍ୟରେ। ତେବେ, "ଗଣତନ୍ତ୍ରର ବ୍ୟର୍ଥତା, ଗଣତନ୍ତ୍ରରେ ସୁବିଧାବାଦୀଙ୍କର କ୍ଷମତା ଲାଭ, ଜନଗଣଙ୍କ ଦୁର୍ଦ୍ଦଶାର ପ୍ରତିକ୍ରିୟାରେ ନକ୍ସାଲବାଦୀ ରାଜନୀତିର ଉନ୍ମେଷ ବୋଲି ଲେଖକ ଉକ୍ତ ଉପନ୍ୟାସରେ ଦର୍ଶାଇ ଦେଇଛନ୍ତି ।"(୮) ତେଣୁ, ନକ୍ସଲବାଦୀ ରାଜନୀତିକ ଚେତନାଭିତ୍ତିରେ ଉପନ୍ୟାସଟିର ମୂଲ୍ୟ ଏକାନ୍ତ ଭାବରେ ଗୁରୁତ୍ୱପୂର୍ଣ୍ଣ ଓ ଉଲ୍ଲେଖନୀୟ।

'ମୁଣ୍ଡମେଖଳା' ଭଳି ଅନ୍ୟତମ ନକ୍ସଲ-ଚେତନାଭିତ୍ତିକ ଉପନ୍ୟାସ ହେଉଛି ହୃଷୀକେଶ ପଣ୍ଡାଙ୍କ 'ସୁନାପୁଟର ଲୋକେ' (୧୯୯୧)। 'ମୁଣ୍ଡମେଖଳା'ର ଭେଙ୍କେଟ ଭଳି 'ସୁନାପୁଟର ଲୋକେ'ରେ କେଶବ ଚରିତ୍ର ମାଧ୍ୟମରେ ନକ୍ସଲବାଦୀ ରାଜନୀତିର ଚିତ୍ର ପ୍ରକାଶ ପାଇଛି। ସୁତରାଂ, ଏ ଦୁଇ ଚରିତ୍ର ଆପଣାର ସଂଗ୍ରାମ ମାଧ୍ୟମରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖିଛନ୍ତି। ଭେଙ୍କେଟ ସିଦ୍ଧାନ୍ତ କରିଥିଲା ଯେ, "ମହାଜନ ଗୋଷ୍ଠୀ, ତା'ର ଶତ୍ରୁ, ଗିରିଜନର ଶତ୍ରୁ। ସେହି ଶତ୍ରୁର ନିପାତ ଆବଶ୍ୟକ ।"(୯) ଠିକ୍ ସେହିପରି କେଶବ ମଧ୍ୟ ହସିହସି ତା' ମା'କୁ କହିଥିଲା ଯେ, "ମା, ସଂଗ୍ରାମ ଅବ୍ୟାହତ ରହୁ, କଳୁଷ ଦୂର ହେଉ। ଶୋଷଣ ଶେଷ ହେଉ। ସେଥିରେ ଆମେ ନିମିତ୍ତ ମାତ୍ରକ ହେଉଥାଉଁ। ଆମର ଦୁଃଖ ସଂଗ୍ରାମର ନିଆଁ ଜାଳୁ।"(୧୦) ଶୋଷକ ଓ ଶୋଷଣର ଏହିପରି ପ୍ରତିକ୍ରିୟାରୁ ଉପନ୍ୟାସଟିର ସୃଷ୍ଟି। 'ମୁଣ୍ଡମେଖଳା'ରେ ଔପନ୍ୟାସିକ ଏକ ଶ୍ରେଣୀବିହୀନ ସମାଜ ଗଠନର ଲକ୍ଷ୍ୟ ରଖିଥିଲେହେଁ, ହତ୍ୟା ଓ ହିଂସାକୁ ସ୍ୱୀକାର କରିପାରିନାହାନ୍ତି। ସେ ଶୋଷକମାନଙ୍କର ଲକ୍ଷ୍ୟକୁ ସମର୍ଥନ କରିଛନ୍ତି; ମାତ୍ର ମାର୍ଗକୁ ନୁହେଁ। ସେହିପରି ହୃଷୀକେଶ ପଣ୍ଡା ମଧ୍ୟ ପରିଶେଷରେ ସମାନ ଭାବାଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି। ନକ୍ସଲବାଦୀ ସଂଗଠନର ହିଂସାକାଣ୍ଡ ଓ ସଂଗ୍ରାମ ବାଧ୍ୟବାଧକତାରୁ ସୃଷ୍ଟି ହୋଇଥିଲେହେଁ, ସମାଜପାଇଁ ତାହା ଆଦର୍ଶ ନୁହେଁ; ବରଂ ଏକ କଳଙ୍କ। ହିଂସାରେ ଯେ ଚିରସ୍ଥାୟୀ ପରିବର୍ତ୍ତନ ସମ୍ଭବ ନୁହେଁ, ତାହାକୁ ବିଦ୍ରୋହୀ ଚରିତ୍ର କେଶବ ସ୍ୱୀକାର କରି କହିଛି ଯେ, "ହିଂସାରେ କେବେହେଲେ ତୁମର ଜୟ ହେବନାହିଁ। ହିଂସାରେ ସାମୟିକ ଲକ୍ଷ୍ୟ ସାଧନ ହୋଇପାରେ, କିନ୍ତୁ ଚିରସ୍ଥାୟୀ ପରିବର୍ତ୍ତନ ହେବନାହିଁ। କାହାରିକୁ ମାରିଦେଲେ ଶୋଷଣ ବ୍ୟବସ୍ଥା ଉତ୍ପାଟିତ ହେବନାହିଁ ।"(୧୧) ସେଥିପାଇଁ ଉପନ୍ୟାସଟିରେ ଔପନ୍ୟାସିକ ଶୋଷକ ଗୋଷ୍ଠୀର ପ୍ରତିରୋଧ ପାଇଁ ସୃଷ୍ଟି କରିଛନ୍ତି କେଶବ ପରି ବିଦ୍ରୋହୀ ଚରିତ୍ର। ତେବେ, ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ଗାନ୍ଧୀବାଦୀ ଦର୍ଶନର ପ୍ରଭାବକୁ ଏକ ନୃତାତ୍ତ୍ୱିକ ପରିବେଶ ମଧ୍ୟକୁ ଆଣି ବୈପ୍ଲବିକ ନବଚେତନା (ନକ୍ସଲବାଦୀ ଚେତନା)ର ସ୍ଫୁରଣ ଘଟାଇଛନ୍ତି ଉପନ୍ୟାସଟିରେ ଔପନ୍ୟାସିକ।

ବିଦ୍ରୋହୀ ନାୟକ କେଶବ ଚରିତ୍ର ମାଧ୍ୟମରେ ନୂତନ ଜଗତ ଓ ଏକ ସୁସ୍ଥ ସମାଜ ବ୍ୟବସ୍ଥାର ସ୍ୱପ୍ନ ଦେଖିଛନ୍ତି ଉପନ୍ୟାସଟିରେ ଔପନ୍ୟାସିକ। ସେ ଚଉଦ ବର୍ଷ ବୟସରେ କୈଶୋରର ଉନ୍ମାଦନାକୁ ଭୁଲି, ମନର ମଣିଷ ଧାନଫୁଲର ବାସ୍ନାରେ ବିଭୋର ନହୋଇ ଦିନେ ଜାଲୁ ଜାଲୁ ଅନ୍ଧାର ସମୟରେ ଚଇତିନାଚ, ମଉଛବ, ଯାନିଯାତରାକୁ ଛାଡ଼ି ରାମହରି ଓ ଶୁକ୍ରା ସାଥିରେ ବିପ୍ଳବର ସ୍ଫୁଲିଙ୍ଗ ମଧ୍ୟକୁ ଅଗ୍ରସର ହେଲା ଓ ସୃଷ୍ଟିକଲା ନବଚେତନା। ଅନ୍ୟାୟର ପ୍ରତିରୋଧ କରିବାର ଲକ୍ଷ୍ୟନେଇ ଗାଁ ଛାଡ଼ିବା ପରେ ସେ ବିପ୍ଳବୀ ସାଜିଛି ଓ ହତ୍ୟା କରିଛି ଶୋଷକ ଗୋଷ୍ଠୀକୁ। ପୁଣି, ସେ ନୂତନ ସଂଗଠନ ଆରମ୍ଭକରି ଶୋଷିତ ଓ ସର୍ବହରାମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ସହିତ ନିଜର ମୁଖ୍ୟ ଉଦ୍ଦେଶ୍ୟ ସାଧନ ମଧ୍ୟ କରିପାରିଛି। କେଶବର ଏହି ସଂଗଠନ ମାଧ୍ୟମରେ ୧୯୪୫ ମସିହା ପରେ ପରେ ନୂତନ କରି ସୃଷ୍ଟି ହୋଇଥିବା ନକ୍ସଲବାଦ ସଂପର୍କରେ ସୂଚନା ଦେଇଛନ୍ତି ଔପନ୍ୟାସିକ। ଶୋଷକ ଗୋଷ୍ଠୀର ବିନାଶ ନକ୍ସଲବାଦର ମୂଳ ଉଦ୍ଦେଶ୍ୟ। ଏକ ସୁସ୍ଥ ସମାଜ ଗଠନ ନକ୍ସଲବାଦୀଙ୍କର ଲକ୍ଷ୍ୟ। ଯେଉଁଠି ନଥିବ ଧନୀ-ଦରିଦ୍ର ଓ ଉଚ୍ଚ-ନୀଚର ଭେଦଭାବ। ସେଥିପାଇଁ କେଶବର ସଂଗଠନ ହତ୍ୟା କରିଛି ଶାସନ ପୁରୀ ସନ୍ନ୍ୟାସୀ ରାଓ ଓ ଗୋବିନ୍ଦ ରାଓ ପରି ଅତ୍ୟାଚାରୀ ତଥା ଶୋଷକମାନଙ୍କୁ। ବିଦ୍ରୋହ ଓ ହିଂସାରେ ବିଶ୍ୱାସୀ କେଶବ ଓ ତା'ର ସଂଗଠନ ତେଣୁ ସମାଜର ଅଭିଜାତ ବର୍ଗର ଲୋକଙ୍କୁ ବିଶ୍ୱାସ କରିପାରିନାହିଁ। ଗାନ୍ଧିଜୀଙ୍କ ଉପରୁ ମଧ୍ୟ ତା'ର ତୁଟିଯାଇଛି ଆସ୍ଥା। ଔପନ୍ୟାସିକଙ୍କ ଭାଷାରେ, "ଯଦି ସୁନାପୁଟ ଗାଁକୁ ଗାନ୍ଧିଜୀ ଆସିଥାନ୍ତେ ତାହେଲେ କାହା କାନ୍ଧରେ ସେ ହାତ ରଖିଥାନ୍ତେ? କାହାକୁ

ଆଶୀର୍ବାଦ କରିଥାନ୍ତେ? ସବୁଠୁ ବଡ଼ ଚାଷୀ ଜଗନ୍ନାଥ ବଡ଼ନାଇକ ନୁହଁ ସବୁଠୁ ବୟସ୍କ ସୁନାଧର ଜାନି ନୁହଁ କି ଗାଁ ନାଇକ ଶିବ ଜାନି ନୁହଁ। ଗାନ୍ଧି ଆଶୀର୍ବାଦ କରିଥାନ୍ତେ ଶାସନପୁରୀ ସନ୍ନ୍ୟାସୀ ରାଓକୁ ।"(୧୨) ସେଥିପାଇଁ ଗାନ୍ଧିଜୀଙ୍କ ଅହିଂସା ଦର୍ଶନ ଉପରୁ ଆସ୍ଥା ତୁଟାଇ ନିଜର ଶ୍ରମ, ଇଜ୍ଜତ ଓ ହକ୍ ପାଇଁ ଅସ୍ତ୍ର ଧରିବାକୁ ଯଥାର୍ଥ ମଣିଛନ୍ତି ନକ୍ସଲବାଦୀମାନେ। ସୁତରାଂ, ଔପନ୍ୟାସିକ କେଶବ ଓ ତା'ର ସଂଗଠନ ମାଧ୍ୟମରେ ନକ୍ସଲବାଦୀ ରାଜନୀତିକ ଚେତନାର ସୂଚନା ଦେଇଛନ୍ତି ଉପନ୍ୟାସଟିରେ; ଯାହାକି ଉପନ୍ୟାସଟିରେ ଉକ୍ତ ଶୋଷଣ ଓ ଅତ୍ୟାଚାର ଯୋଗୁଁ ନକ୍ସଲବାଦୀ ରାଜନୀତିକ ଚେତନାର ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ।

ବର୍ତ୍ତମାନ ଆସିବା ଅନ୍ୟତମ ଉଲ୍ଲେଖନୀୟ ନକ୍ସଲବାଦୀ ଚେତନାଭିତ୍ତିକ ଉପନ୍ୟାସ 'ହାଏ ମୁନି! କେମିତି ଅଛ?' (୨୦୧୩) ଆଡ଼କୁ। ଏହାର ଲେଖକ ପଦ୍ମଜ ପାଳ। ଏହା ଏକ ଦଳିତ ଚେତନାଭିତ୍ତିକ ଉପନ୍ୟାସ; ଯେଉଁଥିରେ ରହିଛି ନକ୍ସଲପନ୍ଥୀ ରାଜନୀତିର ଚିତ୍ର। ଉପନସ୍ୟାସଟିରେ ଦଳିତ ସଂପ୍ରଦାୟର ପ୍ରତିନିଧି ସାଜିଛି ନାୟିକା ମୁନି ମଲ୍ଲିକ। ତା'ର ଜନ୍ମ ଏକ ହରିଜନ ସଂପ୍ରଦାୟରେ। ସମାଜରେ ଦଳିତଙ୍କ ପ୍ରତି ପ୍ରଚଣ୍ଡ ଆଡ଼ପଣ, ଅନାଦର-ହତାଦର ଆଦି ମୁନିକୁ ଦେଇଛି ଅନେକ ବ୍ୟଥା, ଦୁଃଖ ଓ ଲାଞ୍ଛନା। ତାକୁ ସହିବାକୁ ପଡ଼ିଛି ପୁଣି ବହୁ ନିର୍ଯ୍ୟାତନା। ତା'ର ଶୈଶବ ଜୀବନ ବିତିଯାଇଛି ଗୋଟିଏ ଦୁଃସ୍ୱପ୍ନ ଭଳି। କିନ୍ତୁ ଯୌବନାବସ୍ଥାରେ ସେ ହୋଇଛି ସମସ୍ତଙ୍କର ଶିକାର। ତା'ର ସ୍ୱପ୍ନ ହୋଇଯାଇଛି ଛାରଖାର। ପରିଶେଷରେ ତାକୁ ନର୍ତ୍ତକୀ ମୁନିରୁ ମାଓବାଦୀ ମୁନି ହେବାକୁ ପଡ଼ିଛି। ମାଓବାଦୀଙ୍କ ସହ ତା'ର ଗଢ଼ିଉଠିଛି ସଂପର୍କ। ଅସହାୟ, ବଞ୍ଚିତ, ଶୋଷିତ ମଣିଷଙ୍କ ପାଇଁ ସେ ମାଓବାଦୀ ଆଦର୍ଶରେ ହୋଇଛି ଅନୁପ୍ରାଣିତ। ସେ ନିଷ୍ପତ୍ତି ନେଇଛି ଯେ, ତା'ର ଅବଶିଷ୍ଟ ଜୀବନ ସେ ବିତାଇବ ଏଇ ମଣିଷମାନଙ୍କ ପାଇଁ। ତେଣୁ, ସେ କହୁଛି- "ସେ ଦିନ ମୁଁ କରିଲି ନିଷ୍ପତ୍ତି/ଅବଶିଷ୍ଟ ଜୀବନ ମୋ ବିତାଇବି-ଅସହାୟ/ବଞ୍ଚିତ, ଶୋଷିତଙ୍କ ପାଇଁ/ମାଓବାଦୀ ଆଦର୍ଶରେ!"(୧୩) ଦଶପଲ୍ଲା ଜଙ୍ଗଲର ଦୁଇଜଣ ମାଓବାଦୀ-କମ୍ରେଡ଼ ରାଓ ଓ କମ୍ରେଡ଼ ପଣ୍ଡାଙ୍କ ସହ ମୁନିର ପରିଚୟ ସୃଷ୍ଟି ହୋଇଛି। ଫଳରେ ମୁନି ପାଲଟିଯାଇଛି ଏକ ମାଓବାଦୀ। ତା'ର ଭାଷାରେ, "ଆସିଲି ଚାଲି ମୁଁ-ଏକମୁହାଁ ହୋଇ/ମାଓବାଦୀଙ୍କ ପରିକଳ୍ପିତ, ସ୍ୱତନ୍ତ୍ର ରାଷ୍ଟ୍ର/ଦଣ୍ଡକାରଣ୍ୟ ଭିତରକୁ! ବୁଲିଲି-ମାଲକାନାଗିରି ।/ ନାରାୟଣ ପାଟଣା, ଚିତ୍ରକୋଣ୍ଡା,/ ବାଲିମେଳା ଜଳଭଣ୍ଡାର ପାରି ହୋଇ ଗଲି/କୁଡୁମୁଲୁଗୁମ୍ମା ବ୍ଲକର ବଡ଼ପଡ଼ା ପଞ୍ଚାୟତ ଭିତରକୁ। ଜଳବନ୍ଦୀ, ପାଞ୍ଚଟି ପଞ୍ଚାୟତର ୧୫୧ଟି ଗାଁ!/ରାସ୍ତାଘାଟ ନାହିଁ, ଅଗମ୍ୟ ଅଞ୍ଚଳ। ସଭ୍ୟତାର ଆଲୋକ-/ ସ୍ପର୍ଶ କରିନାହିଁ। ମାଓବାଦୀଙ୍କ, ଅଭେଦ୍ୟ ସୁରକ୍ଷିତ ଦୁର୍ଗ! ଏପଟେ ଓଡ଼ିଶା ସେପଟେ ଆନ୍ଧ୍ର, ଝାଡ଼ଖଣ୍ଡ/ମଝିରେ ପାହାଡ଼ ଜଙ୍ଗଲ। ଯାନବାଇ ଘାଟି ଓ ଖରସ୍ରୋତା-ଗୁରୁପ୍ରିୟା ନଦୀ ।/ ପହଞ୍ôଚବାକୁ ସେଠି ଲାଗିଗଲା ମତେ ବହୁଦିନ!/ ରାତିରେ ରହିବାକୁ ହେଲା କେଉଁ ଗଛମୂଳେ ଅବା ଏକୁଟିଆ-/ କେଉଁ ସ୍କୁଲଘରେ। ଚାଲିଚାଲି କ୍ଷତାକ୍ତ ପାଦରେ,/ଦିନେ, ଦୁଇ ଦିନ ଧରି ଗାଁ ମୁଣ୍ଡେ ଏକୁଟିଆ ଘରେ/ଭୋକରେ ଶୋଷରେ ଏକା ପଡ଼ିଥାଏ!"(୧୪)

ଉପନ୍ୟାସଟିରେ ଚିତ୍ରିତ ମୁନି ଆଧୁନିକ ଦଳିତ, ନିର୍ଯ୍ୟାତିତ, ଅବହେଳିତ ନାରୀ ଜୀବନର ପ୍ରତୀକ। ତା' ପ୍ରତି ସୁକାନ୍ତ ମଣ୍ଡଳ (ମନ୍ତ୍ରୀପୁଅ) ଅକଥନୀୟ ଅତ୍ୟାଚାର କରିଛି। ଯେମିତି ମୁନିର ନାରୀସତ୍ତାକୁ ସେ କରିଛି କବଳିତ; ମୁନିର ସ୍ୱାଧୀନତାକୁ ପୁଣି କରିଛି ଅପହୃତ। ମୁନିକୁ ସେ ଏକ ପଞ୍ଜୁରୀପକ୍ଷୀ ମନେକରି ପ୍ରେମ ନାଁରେ କରିଛି ଶୋଷଣ, ଭକ୍ଷଣ ଏବଂ ସର୍ବୋପରି ବଳାତ୍କାର। ଏହାର ପରିଣାମସ୍ୱରୂପ ମାଓବାଦୀମାନେ ସୁକାନ୍ତ ମଣ୍ଡଳକୁ ଗଳାକାଟି ହତ୍ୟା କରିଛନ୍ତି। ଫଳରେ ଅତ୍ୟାଚାରୀ, ଶୋଷକ ବିରୁଦ୍ଧରେ ସଂଗ୍ରାମ କରି ତା'ର ଦମନ କରାଯାଇଛି ଉପନ୍ୟାସଟିରେ। ତେଣୁ, ମାଓବାଦୀ ବା ନକ୍ସଲପନ୍ଥୀ ରାଜନୀତିକ ଚେତନାର ଚିତ୍ର ଉପନ୍ୟାସଟିରେ ପ୍ରକାଶିତ ହୋଇଛି ବୋଲି ନିର୍ବିବାଦରେ କୁହାଯାଇପାରେ।

ପରିଶେଷରେ ଆସିବା ଔପନ୍ୟାସିକ କୃପାସାଗର ସାହୁଙ୍କ ବିରଚିତ 'ନୁହେଁ ମୁଁ ନକ୍ସଲ୍' (୨୦୨୦) ଉପନ୍ୟାସ ଆଡ଼କୁ। ବାମପନ୍ଥୀ ପ୍ରଭାବିତ ସନ୍ତ୍ରାସବାଦ ଉପରେ ଏକ ନିଷ୍ପକ୍ଷ ଚିତ୍ର ଏଥିରେ ପ୍ରଦାନ କରିଛନ୍ତି ଔପନ୍ୟାସିକ। ବାମପନ୍ଥୀ ସନ୍ତ୍ରାସବାଦର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏହି ଉପନ୍ୟାସ ରଚନା କରିବା ପୂର୍ବରୁ ଲେଖକ ବହୁବାର କୋରାପୁଟ ଓ ମାଲକାନଗିରି ଯାଇଛନ୍ତି। ଫଳତଃ ସେହି ଇଲାକାର ସମସ୍ୟାକୁ ସେ ସ୍ୱଚକ୍ଷୁରେ ଦେଖିଛନ୍ତି ଏବଂ ଅନୁଭବ ମଧ୍ୟ କରିଛନ୍ତି। ଅତଏବ, ଜଣେ ଅନୁଭବୀ ମଣିଷ ଭାବରେ ଲେଖକ ତାଙ୍କ ଅନୁଭବର ଚିତ୍ରକୁ ଆଙ୍କିଛନ୍ତି ଏଇ ଉପନ୍ୟାସଟିରେ। ତେବେ, ଏଥିରେ

ଲେଖକ କୋରାପୁଟ ଅଧିବାସୀମାନଙ୍କ ସରଳ, ନିଷ୍କପଟ ତଥା ନିରୀହ ହୃଦୟବତ୍ତାକୁ ବର୍ଣ୍ଣନା କରିଛନ୍ତି ଯେ ନିରୀହ ଆଦିବାସୀ କିପରି ନକ୍ସଲବାଦୀମାନଙ୍କ ଅତ୍ୟାଚାରର ସମ୍ମୁଖୀନ ହୋଇଛନ୍ତି। ଉପନ୍ୟାସର ମୁଖ୍ୟ ଚରିତ୍ର କୃଷ୍ଣ କବାସି, ଯିଏ ବିହାରୀ କମାଣ୍ଡର ସହ ଚାଲିଯାଇଥିବା ତା'ର ପ୍ରେମିକାକୁ ଅନ୍ୱେଷଣ କରିଛି। ଶେଷରେ ଭେଟିଛି ରାଞ୍ଚଠିଚତେ, ତାକୁ ହତ୍ୟା କରିଛି ଏବଂ ନିଜକୁ ସରେଣ୍ଡର କରିଛି। ଏସବୁ ଘଟଣାକୁ ନାୟକ କୃଷ୍ଣ କବାସି ବଖାଣିଛି ପ୍ରଦୀପ୍ତ ଦାସଙ୍କ ଆଗରେ। ବିଷୟବସ୍ତୁ ଦୃଷ୍ଟିରୁ ଉପନ୍ୟାସଟି ମନୋମୁଗ୍ଧକର ହୋଇପାରିଛି। ଆଦିବାସୀ କେବେ ହିଂସା ଚାହେଁ ନାହିଁ। ଅବସ୍ଥା ଚକ୍ରରେ ପଡ଼ି ହିଂସ୍ର ହୋଇଯାଏ। ଏହାକୁ ଲେଖକ କୃଷ୍ଣ କବାସି ମାଧ୍ୟମରେ ଉପସ୍ଥାପନ କରିବାର ପ୍ରୟାସ କରିଛନ୍ତି। ଫଳରେ ଉପନ୍ୟାସଟିରେ ନକ୍ସଲବାଦୀ ରାଜନୀତିର ଚିତ୍ର ପ୍ରକାଶ ପାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ମୋଟାମୋଟି ଭାବରେ ବିଚାର କଲେ ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ, ନକ୍ସଲ ଚେତନା ବା ନବମାନବବାଦୀ ଚେତନାକୁ ନେଇ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶକୁନ୍ତଳା'ରେ ଯେଉଁ ଆଦ୍ୟ ଓଁକାର ସୃଷ୍ଟି ହୋଇଥିଲା, ତାହାର ପରିମାର୍ଜିତ ଓ ବିକଶିତ ରୂପ ହେଲା 'ମୁଣ୍ଡମେଖଳା', 'ସୁନାପୁଟର ଲୋକେ', 'ହାଏ ମୁନି! କେମିତି ଅଛ?' ପ୍ରଭୃତି ଉପନ୍ୟାସରେ। ଏହି ଉପନ୍ୟାସଗୁଡ଼ିକରେ ନବମାନବ ସୃଷ୍ଟିର ମୂଳଉତ୍ସକୁ ଅନୁସନ୍ଧାନ କରାଯାଇଛି। ସାରା ବିଶ୍ୱରେ ମୁଣ୍ଡବ୍ୟଥାର କାରଣ ହୋଇଥିବା ନକ୍ସଲବାଦ ବା ନବମାନବବାଦ ରାଜନୀତିକ ନେତାମାନଙ୍କର ଅର୍ଥସର୍ବସ୍ୱ ମନୋଭାବ, ସ୍ୱାର୍ଥାନ୍ୱେଷୀ ମନୋଭାବ ତଥା ଶୋଷଣରୁ ଯେ ସୃଷ୍ଟି ହୋଇଥିଲା, ତାହାକୁ ସାଧାରଣ ଜନତା ଓ ପାଠକମାନଙ୍କୁ ପ୍ରାଞ୍ଜଳ ଭାବରେ ଉକ୍ତ ଉପନ୍ୟାସଗୁଡ଼ିକରେ ସୂଚେଇ ଦିଆଯାଇଛି। ସୁତରାଂ, ନକ୍ସଲ-ଚେତନାର ଆଭିମୁଖ୍ୟ ଥିଲା ଶୋଷଣମୁକ୍ତ ସମାଜ ଗଠନ କରିବା। ଏହି ଉଦ୍ଦେଶ୍ୟରେ ୧୯୮୦ ମସିହାଠାରୁ ଆରମ୍ଭକରି ତା' ପରବର୍ତ୍ତୀ କାଳ ପର୍ଯ୍ୟନ୍ତ କିଛି ଉପନ୍ୟାସ ଲେଖାଯାଇ ଏକ ନୂତନ ରାଜନୀତିକ ଚେତନାର ଅଭ୍ୟୁଦୟ ଘଟିଥିଲା, ଯାହାକି ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏହି ଚେତନାର ପ୍ରୟୋଗକୁ ଏକାନ୍ତ ଅସ୍ୱୀକାର କରାଯାଇନପାରେ।

ପ୍ରାନ୍ତଟୀକା :


୧) ବାରିକ, ଡ. ଶ୍ରୀକାନ୍ତ କୁମାର (ସଂ) –'ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ: ସୃଷ୍ଟି ଓ ସମ୍ଭାବନା', ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ: ୨୦୧୯, ପୃ-୩୧୦। (ଦ୍ରଷ୍ଟବ୍ୟ- ଡ. ସ୍ୱପ୍ନାରାଣୀ ସିଂଙ୍କ 'ଏକବିଂଶ ଶତାବ୍ଦୀର ଓଡ଼ିଆ ଓ ହିନ୍ଦୀ ଉପନ୍ୟାସରେ ନକ୍ସଲ-ଚେତନା' ଶୀର୍ଷକ ପ୍ରବନ୍ଧ)

୨) ତତ୍ରୈବ, ପୃ-୩୧୦। (ଦ୍ରଷ୍ଟବ୍ୟ - ଡ. ସ୍ୱପ୍ନାରାଣୀ ସିଂଙ୍କ ଉକ୍ତ ପ୍ରବନ୍ଧ)

୩) ତତ୍ରୈବ, ପୃ-୩୧୧। (ଦ୍ରଷ୍ଟବ୍ୟ - ଡ. ସ୍ୱପ୍ନାରାଣୀ ସିଂଙ୍କ ଉକ୍ତ ପ୍ରବନ୍ଧ)

୪) ତତ୍ରୈବ, ପୃ-୩୧୨। (ଦ୍ର ଷ୍ଟବ୍ୟ - ଡ. ସ୍ୱପ୍ନାରାଣୀ ସିଂଙ୍କ ଉକ୍ତ ପ୍ରବନ୍ଧ)

୫)କର, ପ୍ରଫେସର ବାଉରୀବନ୍ଧୁ - 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ: ୨୦୧୫, ପୃ-୧୬୮।

୬) ମହାନ୍ତି, ସୁରେନ୍ଦ୍ର - 'ଅଚଳାୟତନ', କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ-୨, ତୃତୀୟ ସଂସ୍କରଣ: ୨୦୦୮, ପୃ-୪୩-୪୪ ।

୭) ସାହୁ, ଅନାଦି - 'ମୁଣ୍ଡମେଖଳା', ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ତୃତୀୟ ସଂସ୍କରଣ: ୧୯୯୫, ପୃ-୯ ।

୮) 'ଝଙ୍କାର', ୫୧ଶ ବର୍ଷ: ୫ମ ସଂଖ୍ୟା, ଅଗଷ୍ଟ: ୧୯୯୯, ପୃ-୬୨୫। (ଦ୍ରଷ୍ଟବ୍ୟ- ବୈଷ୍ଣବ ଚରଣ ସାମଲଙ୍କ 'ଓଡ଼ିଆ ରାଜନୀତିକ ଉପନ୍ୟାସ: ଏକ ଦୃଷ୍ଟିପାତ' ଶୀର୍ଷକ ପ୍ରବନ୍ଧ)

୯) ସାହୁ, ଅନାଦି - 'ମୁଣ୍ଡମେଖଳା', ପୃ-୫-୬ ।

୧୦) ପଣ୍ଡା, ହୃଷୀକେଶ - 'ସୁନାପୁଟର ଲୋକେ', ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨, ପୁନର୍ମୁଦ୍ରଣ: ୨୦୦୪, ପୃ-୧୫୨।

୧୧) ତତ୍ରୈବ, ପୃ-୧୫୧।

୧୨) ତତ୍ରୈବ, ପୃ-୫୨।

୧୩) ପାଳ, ପଦ୍ମଜ - 'ହାଏ ମୁନି! କେମିତି ଅଛ?', ଟାଇମ୍‌ପାସ୍, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ: ୨୦୨୧, ପୃ-୧୯୭।

୧୪) ତତ୍ରୈବ, ପୃ-୧୯୯।


●

ନୂ ଆ କ ଥା


ବନ୍ଧୁଗଣ ! ଆପଣ କବିତା ଶୁଣିବାକୁ ପସନ୍ଦ କରନ୍ତି କି ? ଯଦି ହଁ ତେବେ ଆଉ ବିଳମ୍ବ କାହିଁକି ଏବେ ହିଁ ପରିଦର୍ଶନ କରନ୍ତୁ 'ସୃଜନ ପାଗ' ୟୁଟ୍ୟୁବ ଚ୍ଯାନେଲ୍ ଏବଂ ମନ ଭରି ଶୁଣନ୍ତୁ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କବିତା ବିକେଶ ସାହୁଙ୍କ କଣ୍ଠରେ ।



ଓଡ଼ିଆ କବିତା | ଆସ ବା ନଆସ | ସୌରୀନ୍ଦ୍ର ବାରିକ | Asa Ba Naasa by Sourindra Barik



ଓଡ଼ିଆ କବିତା | ତମେ ନୀଳକଣ୍ଠ (ଶ୍ରୀରାଧା) | ରମାକାନ୍ତ ରଥ | Tame Neelakain...



ଓଡ଼ିଆ କବିତା | ଭୁବନେଶ୍ୱର | ଜଗନ୍ନାଥ ପ୍ରସାଦ ଦାସ | Bhubaneswar by Jagannath...



ଓଡ଼ିଆ କବିତା | ଧାନଫୁଲ କାନଫୁଲ | ଦିଲୀପ କୁମାର ସ୍ୱାଇଁ | Dhanphul Kanaphula by...



ଓଡ଼ିଆ କବିତା । ଦାଗ । ଜ୍ଞାନୀ ଦେବାଶିଷ ମିଶ୍ର । A Odia Poem Daga By Poet Jnanee...



ଓଡ଼ିଆ କବିତା | କୁକୁରା ପାଇଁ ଗୋଟିଏ ସଙ୍ଗୀତ | ସୀତାକାନ୍ତ ମହାପାତ୍ର | Odia Poem By Poe...



ଓଡ଼ିଆ କବିତା । ବାତାୟନେ । ସଚ୍ଚି ରାଉତରାୟ | Odia Poem Batayane By Poet...



ଓଡ଼ିଆ କବିତା | ଚମ୍ପାଫୁଲ | ଗୁରୁପ୍ରସାଦ ମହାନ୍ତି | Odia Poem Champaphul By Poet...



ସୃଜନାର୍ପଣ | ଶବରୀ | ପ୍ରତିଭା ଶତପଥୀ | Shabari by Pratibha Satapathy



ସୃଜନାର୍ପଣ | ଶବ୍ଦାଙ୍କୀର ଶେଷଚିଠି | ପ୍ରବୀଣ କବି | Shabdir Sheshchithi by Prabin Kabi



ସୃଜନାର୍ପଣ | ବନବାସ | ସନ୍ତୋଷ ଭୋଇ | Banabas by Santosh Bhoi



ଓଡ଼ିଆ କବିତା | ଗୋପଯାତ୍ରା | ସେନାପତି ପ୍ରଦ୍ୟୁମ୍ନ କେଶରୀ | Gopajatra by Senapati...

YouTube @srujanapaga

srujanapaga

bikesh-sahu-b16100158

Bikeshsahu2

bikesh.sahu

MOST VISIT !!

A L O C H A N A
ଆ ଲୋ ଚ ନା

ପ୍ରଥମ ବର୍ଷ, ସଂଖ୍ୟା - ୦୪। ଜୁଲାଇ - ଅଗଷ୍ଟ ୨୦୨୩
Volume No. 01 I Issue No. 04 I Jul - Aug 2023

# ଭୀମ ପୃଷ୍ଟିଙ୍କ 'ଓଁ' ଉପନ୍ୟାସ ଏକ ବିଶ୍ଳେଷଣ

■ କନକ ବର୍ଦ୍ଧନ ସାହୁ



ଅଧ୍ୟାପକ, ଓଡ଼ିଆ ବିଭାଗ,
ସିନାପାଲି ମହାବିଦ୍ୟାଳୟ, ନୂଆପଡ଼ା

ବିଂଶ ଶତାବ୍ଦୀର ଶେଷ ଭାଗ ଓ ଏକବିଂଶ ଶତାବ୍ଦୀର ଆଦ୍ୟ ଦୁଇ ଦଶକରେ ଯେଉଁ ପ୍ରତିଭାଧର କଥାକାରଗଣ ଓଡ଼ିଆ କଥା ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରୁ ଭୀମ ପୃଷ୍ଟି ଅନ୍ୟତମ। ସେ ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ ତଥା ଆଲୋଚକ। ଏହା ସହିତ ସେ ପ୍ରଗତିବାଦୀ, ଧରିତ୍ରୀ ସମ୍ବାଦପତ୍ର ତଥା ନିତିଦିନର ସମ୍ପାଦକ ରୂପେ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟାପନା ଥିଲା ତାଙ୍କ ବୃତ୍ତି। ତାଙ୍କର ଗଳ୍ପ ସଂକଳନ ମଧ୍ୟରେ ଅଛି 'ପ୍ରଥମ ବହି' (୧୯୮୦ରୁ ୨୦୦୦ ମଧ୍ୟରେ ପ୍ରକାଶିତ ନିର୍ବାଚିତ ଗଳ୍ପ ସଂକଳନ, ୨୦୦୧), 'ହେ ମଣିଷମାନେ' (୨୦୦୨), 'ପେଟ ଓ ପେଟତଳ' (୨୦୦୩), 'ଅଧେ ମଣିଷ'(୨୦୦୩), 'ଗପର ହାତଗୋଡ଼' (୨୦୦୮), 'ଲଛମନିଆ' (୨୦୦୮), 'ମାନନୀୟ ଶ୍ରୀଯୁକ୍ତ' (୨୦୧୭), 'ଶ୍ରେଷ୍ଠ ଗଳ୍ପ'(୨୦୧୭), '୪୦ ବର୍ଷ ୪୦ ଗପ'(୨୦୨୧)। 'ହୀରା ମୋତି ମାଣିକ' କବିତା ସଂକଳନଟି ହେଉଛି ଶିଶୁ ସାହିତ୍ୟ ଯାହା ୨୦୨୦ ମସିହାରେ ପ୍ରକାଶିତ। ୨୦୨୧ ମସିହାରେ ପ୍ରକାଶିତ 'ଦିନ ଚିହ୍ନବର୍ଣ୍ଣ' ହେଉଛି ଆଲୋଚନା ପୁସ୍ତକ। ସେ ଅଦ୍ୟାବଧି ସାତଟି ଉପନ୍ୟାସ ରଚନା କରିଛନ୍ତି। ସେଗୁଡ଼ିକ ହେଲା, 'ମୁହାଣ'(୨୦୦୨), 'କବିତାର ଉପନ୍ୟାସ'(୨୦୦୨), 'ପ୍ରିୟନାରୀ'(ଆତ୍ମଜୀବନୀମୂଳକ, ୨୦୦୪), 'ସମୁଦ୍ର ମଣିଷ'(୨୦୦୬), 'ଓଁ'(୨୦୦୯), 'କୁଆଡ଼େ ଚାଲିଛ ରୁହ ପଞ୍ଚଭୂତ'(୨୦୧୧), 'ଜମ୍ବୁଲୋକ'(୨୦୧୭)। ୨୦୦୮ ମସିହାରେ ତାଙ୍କ 'ସମୁଦ୍ର ମଣିଷ' ଉପନ୍ୟାସ ନିମିତ୍ତ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କଲେ।

ଓଁ ହେଉଛି ଔପନ୍ୟାସିକଙ୍କ ପଞ୍ଚମ ଉପନ୍ୟାସ।

ଏହା ପ୍ରଥମେ ୨୦୦୯ ମସିହାରେ ପ୍ରଗତି ପ୍ରକାଶନୀ, ଯାଜପୁରଦ୍ୱାରା ପ୍ରକାଶିତ ଏହି ଉପନ୍ୟାସଟି ଶହେଚାରି ପୃଷ୍ଠା ବିଶିଷ୍ଟ। ଉପନ୍ୟାସଟି ତିନି ଭାଗରେ ବିଭକ୍ତ। ପ୍ରଥମ ଭାଗର ନାମ ନାହିଁ। ଦ୍ୱିତୀୟ ଭାଗର ନାମ 'ଶେଷ ପରିଚ୍ଛେଦ' ଏବଂ ତୃତୀୟ ଭାଗର ନାମ 'କିପରି ହେଲା ଓଁ'।

ପ୍ରଥମେ ଆସିବା ଉପନ୍ୟାସର ନାଁ ପାଖକୁ। ନାଁରୁ ଆମ ମନରେ କିଛି ଧାରଣା ଆସେ। ଏହି ନାଁରୁ ଆମେ ଜଣକର ଜନ୍ମଜାତକ ଆଉ ଅତୀତ ଭବିଷ୍ୟତକୁ ଠଉରେଇ ନେଉଁ। ମାତ୍ର ଏହା ସବୁବେଳେ ଠିକ ରହେ ନାହିଁ। ଉପନ୍ୟାସର ନାଁ ହେଉଛି ଓଁ। ଏହାକୁ ଶୁଣିଲା ପରେ ପାଠକଟିଏ ମନରେ ଭାବିବ ଯେ, ଉପନ୍ୟାସରେ ଓଁ ସମ୍ପର୍କୀୟ ବହୁ ତତ୍ତ୍ୱର ବର୍ଣ୍ଣନା ଥିବ। ମାତ୍ର ଉପନ୍ୟାସରେ ଓଁ ବିଷୟରେ ସେମିତି କିଛି ବିଶେଷ ବର୍ଣ୍ଣନା ନାହିଁ, କେବଳ ଗୋଟିଏ ସ୍ଥାନରେ ଓଁ ସମ୍ପର୍କରେ କେଇଟା କଥା କୁହାଯାଇଛି। ଓଁ ହେଉଛି ଏହି ଉପନ୍ୟାସର ଏକ ଚରିତ୍ର ଯିଏ ତା' ବଡ଼ଭାଇ ସହିତ ଯୋରନ୍ଦା ମେଳା ଦେଖିବାକୁ ଯାଇ ହଜିଯାଇଛି। ତାକୁ ତା' ବଡ଼ ଭାଇ ଖୋଜିଖୋଜି ବୁଲୁଛି। ଉପନ୍ୟାସର ଏମୁଣ୍ଡରୁ ସେ ମୁଣ୍ଡ ଓଁକୁ ନେଇ ଏକ ଉତ୍କଣ୍ଠା ଲାଗିରହିଛି। ପ୍ରତ୍ୟକ୍ଷଭାବେ ଉପନ୍ୟାସରେ ଓଁ ଆସିନାହିଁ। ଓଁର ବଡ଼ଭାଇ ଓଁକୁ ଖୋଜିବା ପାଇଁ ବିଭିନ୍ନ ମହିମା ଧର୍ମର ଅନୁଷ୍ଠାନ ଥିଲା ସେଗୁଡ଼ିକରେ ବୁଲିଛି। ଫଳରେ ଉପନ୍ୟାସରେ ମହିମା ଧର୍ମର ତଥ୍ୟ, ତତ୍ତ୍ୱ, ଆଚାର ବ୍ୟବହାର, ନୀତି ନିୟମ ସହିତ ଭୀମ ଭୋଇଙ୍କ ଜୀବନୀ କଥା ଏବଂ ଦର୍ଶନ ସ୍ଥାନପାଇଛି। ମନେହୁଏ ଔପନ୍ୟାସିକ ମହିମା ଧର୍ମର ସାମ୍ପ୍ରତିକ ପରିସ୍ଥିତି ଓ ଭୀମ ଭୋଇଙ୍କ ଜୀବନୀ ସମ୍ପର୍କରେ ଏକ ଆଲୋଚନା ଲେଖୁଲେଖୁ ଉପନ୍ୟାସ ହୋଇଗଲା।

ବାପା ମା ଛେଉଣ୍ଡ ଓଁ ଭାଇଭାଉଜଙ୍କ ଛତ୍ରଛାୟା ତଳେ ବେଶ୍ ଖୁସିରେ ଥିଲା। ଏମିତି ଗୋଟିଏ ଦିନ ବଡ଼ଭାଇଙ୍କ ସହିତ ପ୍ରସିଦ୍ଧ ଯୋରନ୍ଦା ମେଳା ଦେଖିବାକୁ ଗଲା। ଉପନ୍ୟାସରେ ଓଁର ବଡ଼ଭାଇଙ୍କ ନାମ ନାହିଁ। ଓଁ ବାଟରେ ନାଟିମା ବଜାରରୁ ଗେରୁଆ ଖଣ୍ଡେ କିଣି ପିନ୍ଧିଥିଲା। ମେଳାରେ ବୁଲୁବୁଲୁ ଖଞ୍ଜଣି ହାଟରେ ବଡ଼ଭାଇ ସହିତ ଅଲଗା ହୋଇଗଲା। ଏଇଠୁ ଉପନ୍ୟାସର ଆରମ୍ଭ। ପ୍ରଥମ ଭାଗରେ ଓଁର ବଡ଼ଭାଇ ଓଁକୁ ଯୋରନ୍ଦାର ବଡ଼ମଠ, ସାନମଠ, ଲତା ଆଶ୍ରମ, ନାଟିମା ମଠ, ମାତା ମଠ, ଦି'ଦିଟା ଗାଦି ମନ୍ଦିର, ଘଣ୍ଟା ମନ୍ଦିର, ଧୂପ ମନ୍ଦିର, ଶୂନ୍ୟ ମନ୍ଦିର ଇତ୍ୟାଦି ସ୍ଥାନରେ ଖୋଜି ନିରାଶ ହୋଇଛି। ଏଇ ଏତିକି ଖୋଜିବା ଭିତରେ ଦୁଇଟି କଥା ଆମ ସମ୍ମୁଖକୁ ଆସେ। ପ୍ରଥମ କଥା ଓଁକୁ ନେଇ ତା'ବଡ଼ଭାଇ ମନରେ ଥିବା ଆଶଙ୍କା, ଦ୍ୱିତୀୟ କଥା ଯୋରନ୍ଦାର ମଠ-ମନ୍ଦିରରେ ଚାଲିଥିବା ବିଭିନ୍ନ ନୀତି ନିୟମ ଓ ମହିମା ଧର୍ମାବଲମ୍ବୀଙ୍କ ଆଚାର ବ୍ୟବହାର।

ଓଁକୁ ନେଇ ତା' ବଡ଼ଭାଇ ମନରେ ଏକ ଆଶଙ୍କା ଦେଖାଦେଲା ଯେ ଓଁ ମହିମା ଧର୍ମ ଗ୍ରହଣ କରି ବାବାଜୀ ହୋଇ କେଉଁଆଡ଼େ କେଉଁ ବାବା ସହିତ ଚାଲିଯାଇଛି। ଏମିତି ଆଶଙ୍କା ପଛର ପ୍ରଥମ କାରଣ ହେଲା ସେ ଘରୁ ମେଳାକୁ ଆସିଲାବେଳେ ନାଟିମା ବଜାରରେ ଖଣ୍ଡେ ଗେରୁଆ କିଣିଲା ଆଉ ତାକୁ ପିନ୍ଧିକରି ଆସିଥିଲା। ଏହା ପୂର୍ବରୁ ସଂଖ୍ୟା ଦର୍ଶନ, ଶୂନ୍ୟ ସଂହିତା, ଭୀମଭୋଇଙ୍କ ଭଜନରୁ 'ଆମେ ଶୂନ୍ୟରୁ ଆସିଛେ ଶୂନ୍ୟରେ ମିଳେଇଯିବା' ଭଳି ଦର୍ଶନ ଓଁ ମୁହଁରେ ଶୁଣିବାକୁ ମିଳିଛି। ପୁଣି କାମ୍ୟୁ, କାଫକା, ସାର୍ତ୍ରେଙ୍କ ଅସ୍ତିତ୍ୱହୀନ ଚିନ୍ତାଧାରାକୁ ବି ଗ୍ରହଣ କରିଛି। ପ୍ରେମରେ ବିଫଳ ହୋଇଛି ଆଉ ସହଜରେ ଚାକିରୀ ମିଳିବ ନାହିଁ ବୋଲି ବି ସେ ଜାଣିଥିଲା। ପୁଣି ତନ୍ତ୍ର ଉପରେ ବିଶେଷ ନ ଜାଣି ଶୁଣାଶୁଣି କଥାରେ ଜୋର ଦେଇ କହେ-'ସାଧନା ବଳରେ ଶରୀର ମଧ୍ୟ ଆତ୍ମା ସହିତ ଯାଇପାରେ'। ଆତ୍ମା ଓ ମନ୍ତ୍ରରୁ ମୁକୁଳି ଆସି ଆୟୁର୍ବେଦ ଭିତରେ ବୁଡ଼ି ଯାଏ। ଚରକ ଜଙ୍ଗଲ ଜଙ୍ଗଲ ବୁଲି ସମସ୍ତ ବୃକ୍ଷର ଔଷଧୀୟଗୁଣକୁ ଚିହ୍ନି ପାରିଲେ ମାତ୍ର ଆମେ କେବଳ ସେଗୁଡ଼ିକୁ ଅଙ୍ଗାରରେ ପରିଣତ କରୁଥିବାରେ ବିବ୍ରତ ହୋଇଉଠେ। ସତେ ଯେମିତି ଓଁ ଏକ ରହସ୍ୟମୟ ପିଲା। ବାପା ମା ବଞ୍ଚିଥିଲାବେଳେ ଜଣେ ବଲ୍କଲଧାରୀ ସାଧୁ ଓଁକୁ ନିଜ ସାଙ୍ଗରେ ନେଇଯିବାକୁ ଚାହିଁଥିଲା। ମାତ୍ର ତା' ମାଆ ଜଗନ୍ନାଥଙ୍କୁ ଭରସା କରିବାରୁ ସାଧୁ ଚିଡ଼ି ଯାଇ ଜଗନ୍ନାଥଙ୍କୁ ମହିମା ଗୋସେଇଁଙ୍କ ଶିଷ୍ୟ କରି ଚଉଷଠି ସାଧୁ ଭିତରେ ଜଣେ ବୋଲି କହିଲେ। ଓଁ ଗେରୁଆ ପିନ୍ଧି ଆସିଲା ବେଳେ ତା ବଡ଼ଭାଇ କହିଥିଲେ 'ବେଶ ବଦଳେଇ ଦେଲେ ଜଣେ କଣ ମହିମା ବାବା ହୋଇଯାଏ?'। ଏହାର ଉତ୍ତର ଦେଇଥିଲା ଓଁ ଯେ 'ମହିମା ଗୋଟେ ଧର୍ମ ନୁହେଁ ଭାଇ! ସମାଜ। ଏଠି ଗେରୁଆ ପିନ୍ଧିଲେ କେହି ସାଧୁ ହୋଇଯାଏ ନାହିଁ। ଏହି ଗେରୁଆ ପିନ୍ଧିବାଟା ମୋର ସେମାନଙ୍କ ପ୍ରତି ଭଲ ପାଇବା'। ଏସବୁ କଥାକୁ ସ୍ମରଣ କରି ଓଁର ବଡ଼ଭାଇ ଚିନ୍ତିତ ଯେ କାଳେ ମହିମା ଦୀକ୍ଷା ନେଇ ଘରଛଡ଼ା ପ୍ରକୃତିର ଓଁ ବସ୍ତର କି ବାଲେଶ୍ୱର,

କୋରାପୁଟ କି କେଉଁଝରେ ଚାଲିଯାଯାଇ ନାହିଁ ତ? ଏ ଆଶଙ୍କା ମନରେ ଘେରି ରହିଛି। ଓଁ କେବଳ ଭାବନାରେ ଅଛି। ଦ୍ୱିତୀୟ ଭାଗର ଶେଷରେ ତାର ଦେଖାମିଳେ। ସେତେବେଳେ ବାତ୍ୟା ଯୋଗୁଁ ଭାଙ୍ଗି ଯାଇଥିବା ଘରର ଛାତ ସଜାଡୁଥିଲା। ହଜିଯାଇଥିବା ଓଁକୁ ଖୋଜିଯାଇଛି ଦ୍ୱିତୀୟ ଭାଗରେ। ବର୍ତ୍ତମାନ ଆସିବା ଦ୍ୱିତୀୟ କଥାକୁ।

ମହିମା ଗୋସେଇଁ ଶୂନ୍ୟ ଉପାସନା ପାଇଁ କହିଥିଲେ। ଓଡ଼ିଆ ଜାତିର କବି ଭୀମ ଭୋଇ ସେହି କଥାକୁ ଭଜନରେ, ଗୀତାରେ, ଚଉତିଶାରେ ଲେଖିଲେ। ଧୁନି ଜାଳି ଶୂନ୍ୟ ଉପାସନା ଥିଲା ମୂଳ। ତେବେ ଏତେ ସଂଖ୍ୟକ ମନ୍ଦିର, ଗାଦି, ମଠର ଆବଶ୍ୟକତା କ'ଣ ? ଆପଣମାନେ କହିବେ ସେଥିରେ ପରା ମହିମା ଧର୍ମର ସାଧୁ ସନ୍ୟାସୀ ରହିବେ। ସମସ୍ୟା ଆରମ୍ଭ ହେଲା ଏଇଠୁ। ଯୋରନ୍ଦାରେ ଯେଉଁ ମଠ, ମନ୍ଦିର ଅଛି ତାର ସୂଚନା ଉପରେ ରହିଛି। ଯେତେଦିନ ପର୍ଯ୍ୟନ୍ତ ଖୋଲା ଆକାଶ ତଳେ ଶୂନ୍ୟ ଉପାସନା ଥିଲା ସେତେଦିନ ଯାଏ ମହିମା ଧର୍ମ ସୁରକ୍ଷିତ ତଥା ନିଜ ପ୍ରଚାରିତ ମୂଳ ତତ୍ତ୍ୱ ଓ ନୀତି ନିୟମରେ ସ୍ଥିର ଥିଲା। ଯେଉଁଦିନ ମଠ ମନ୍ଦିର ତିଆରି ହେଲା ସେଦିନରୁ ମହିମା ଧର୍ମରେ ଅନେକ ଅନାଚାର ପଶି ଆସିଲା। ଏହା କେବଳ ମହିମା ଧର୍ମ ସହିତ ହୋଇଛି ତାହା ନୁହେଁ, ବରଂ ସବୁ ଧର୍ମରେ ଏହା ଦେଖାଯାଇଛି। ବୌଦ୍ଧ ଧର୍ମରେ ମଧ୍ୟ ସେଇଆ ଘଟିଥିଲା। ଯାହାର କୌଣସି ସ୍ଥିତି ନାହିଁ ସେ ସ୍ଥାନରେ ଉତ୍ତରାଧିକାରୀର ଆବଶ୍ୟକତା ନାହିଁ। ମାତ୍ର ଯେଉଁଠି ସ୍ଥାବର ଅସ୍ଥାବର ସମ୍ପତ୍ତିର କଥା ଉଠିଛି ସେଠାରେ ଜଣେ ଉତ୍ତରାଧିକାରୀ ଦରକାର ହୋଇଛି। ତାହା ପରମ୍ପରା ଅନୁଯାୟୀ ଶିଷ୍ୟମାନଙ୍କୁ ମିଳିବାର ଉଦାହରଣର ଅଭାବ ନାହିଁ। ମହିମା ଗୋସେଇଁଙ୍କ ପରେ ଗୋବିନ୍ଦ ବାବା ଓ ଭୀମ ଭୋଇଙ୍କୁ ଯେଉଁ ଆଦେଶ ମିଳିଲା ସେଇ ଅନୁସାରେ କାର୍ଯ୍ୟ କଲେ ଏହି ଦୁଇଜଣ ଗୁରୁଭକ୍ତ। ମାତ୍ର ସାମ୍ପ୍ରତିକ ସମୟରେ ତାହା ବିପର୍ଯ୍ୟସ୍ତ। ଆଉ ଏହି ବିପର୍ଯ୍ୟସ୍ତମୟ ଚିତ୍ରକୁ ନିଖୁଣ ଭାବେ ଉପନ୍ୟାସରେ ଅଙ୍କନ କରିଛନ୍ତି ଔପନ୍ୟାସିକ। ସାଧୁମାନେ ମଠମାନଙ୍କର ଭଣ୍ଡାର ଘରେ ଆୟବ୍ୟୟର ହିସାବ ଛିଡ଼େଇ ପାରୁନାହାନ୍ତି। ତାଳପତ୍ରର ଚାଳିଆରେ ରହି ଯେଉଁଠି ସାଧୁମାନେ ସାଧନା କରୁଥିଲେ ଆଜି ସେଠାରେ ଭକ୍ତଙ୍କ ଦାନ ଦକ୍ଷିଣାରେ କୋଠାବାଡ଼ି ଧର୍ମଶାଳା ହୋଇଛି। ସେଠାକାର ମହନ୍ତ ହେବାପାଇଁ ନିଜ ନିଜ ଭିତରେ ଦ୍ୱନ୍ଦ୍ୱ। ନାରୀମାନଙ୍କ ପାଇଁ ଗଢ଼ାହୋଇଛି ମାତାମଠ। ପ୍ରଥମ ଭାଗରେ ଏତିକି ବର୍ଣ୍ଣନା ଅଛି। ଓଁର ବଡ଼ଭାଇ ଓଁକୁ ନ ପାଇ ଘରକୁ ଯାଇଛି। ଦ୍ୱିତୀୟ ଭାଗରେ ଓଁ ବିଷୟରେ ରହସ୍ୟର ଗ୍ରନ୍ଥି ଉନ୍ମୋଚନ ହୋଇଛି।

ଘରକୁ ଏକା ଆସିବାରୁ ନିଜର ଗର୍ଭବତୀ ସ୍ତ୍ରୀ ପୁଣିଥରେ ତାକୁ ପଠେଇଛି ଓଁକୁ ଆଣିବା ପାଇଁ। ଓଁର ବଡ଼ଭାଇ ଘରଛାଡ଼ି ବାହାରି ଯାଇଛି। ଏହି ଭାଗରେ ଓଁର ବଡ଼ଭାଇ ଭୀମ ଭୋଇଙ୍କ ସହିତ ସଂଶ୍ଳିଷ୍ଟ ଅନେକ ସ୍ଥାନ ବୁଲିଛି ଓଁର ଅନୁସନ୍ଧାନ ନିମିତ୍ତ। ତା'ର ଯାତ୍ରା ମଧୁପୁର, କନ୍ଧରା, କାଙ୍କଣପଡ଼ା, ଖଲିଆପାଲିଠାରୁ କଟକ ସାଲେପୁର ବାଲିଆ ସଂଗତ ଆଶ୍ରମ ପର୍ଯ୍ୟନ୍ତ ଲମ୍ବିଯାଇଛି। ସଂଗତ ଆଶ୍ରମକୁ ଆସିଲା ପରେ ଆମେ ଓଁ ଓ ତା ଭାଇ ପରିବାର ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଉଁ। ନଚେତ ଆରମ୍ଭରୁ ଏକ ଉତ୍କଣ୍ଠା ଲାଗି ରହିଛି ଯେ କିଏ କାହାକୁ ଖୋଜୁଛି। ଏବିଷୟରେ ପରେ ଆଲୋଚନା କରିବା। ବର୍ତ୍ତମାନ ବିଚାର କରିବା ମଧୁପୁରଠାରୁ ଖଲିଆପାଲି ଯାଏଁ ଯାତ୍ରା। ଭୀମ ଭୋଇ ଓ ମହିମା ଧର୍ମକୁ ନେଇ ଭୀମ ଭୋଇଙ୍କ ପରିବାର ଓ ସାଧାରଣ ଜନତାଙ୍କ ବିଶ୍ୱାସ, ମଧୁପୁରଠାରୁ ଖଲିଆପାଲି ସମାଧି ପୀଠ ପର୍ଯ୍ୟନ୍ତର ସାମ୍ପ୍ରତିକ ଅବସ୍ଥାକୁ ଏଠାରେ ବର୍ଣ୍ଣନା କରିଛନ୍ତି।

ମଧୁପୁରର ତାଳବଣରୁ ଦନେଇ ଭୋଇ ଗୋଟେଇ ଆଣି ଗୁରୁବାରୀକୁ ଦେଇଥିଲେ। ଦନେଇ ଭୋଇଙ୍କ ଦେହାନ୍ତ ପରେ ତାଙ୍କ ସାନ ଭାଇ ଧନେଶ୍ୱର ଭୋଇ ଗୁରୁବାରୀଙ୍କୁ ବହାହୋଇଥିଲେ। ଭୀମ ଭୋଇ ତାଙ୍କଠାରେ କିଛିଦିନ ରହି କାଙ୍କଣପଡ଼ା ତା'ପରେ କନ୍ଧରାକୁ ଚାଲିଯାଇଥିଲେ ଭୀମ। ପରବର୍ତ୍ତୀ କାଳରେ ଖଲିଆପାଲିରେ ରହିଲେ ମଠ କରି। ଏହି ବିଶ୍ୱବିଖ୍ୟାତ କବି ନିଜର ତଥାକଥିତ ବଂଶଧରଙ୍କ ନିକଟରେ ଅଗୋଚର। ଭୀମଙ୍କ କବିତାର କୌଣସି ପ୍ରଭାବ ନାହିଁ କି ଭୀମଭୋଇଙ୍କୁ ନେଇ ସେମାନେ କେହି ଖୁସି ନାହାଁନ୍ତି। ପଚାରିଲେ କହନ୍ତି –'କି ଖୁସି ? ଭୀମଭୋଇକୁ ନେଇ ବାବାଜୀ ମାତାଜୀ ଖୁସି। ଆମର କି ଖୁସି ? ଗତବର୍ଷ ମରୁଡ଼ି। ଫସଲ ପାଣି ଗଲା। ଏବର୍ଷ ଯାହା ଯେମିତି ଉପର ପାଣିରେ ଧାନ ହୋଇଛି। ତା'ଠୁ ଅଧିକ ବାଲୁଙ୍ଗା। ରାତିରେ ହାତୀ ଖାଇଯାଉଛନ୍ତି ଫସଲ। ଆମର ଆଉ ଖୁସି କ'ଣ?' ମାତ୍ର ଦଳେ କୌପୀନଧାରୀ ଓ ବଲ୍କଳଧାରୀଙ୍କ ମଧ୍ୟେ ବିବାଦ ଅଛି ଯେ ତାଙ୍କ ଜନ୍ମସ୍ଥାନ ସୋନପୁରର ଜଟାସିଂହା ନା ମଧୁପୁର। ଏହାର ପଛରେ ରହିଛି ଗାଦି କରିବା। ଏଇ ଗାଦି କରି ନିଜର ଆଧିପତ୍ୟ ବିସ୍ତାର କରିବାର ପରମ୍ପରା

ଭିତରେ ମହିମା ଗୋସେଇଁଙ୍କ ପ୍ରବର୍ତ୍ତିତ ତତ୍ତ୍ୱ ଓ ମାର୍ଗ ବିପର୍ଯ୍ୟସ୍ତର ସ୍ୱାଦ ଚାଖୁଛି। ଆଜି ମଠଟିଏ କି ଗାଦିଟିଏ କରିପାରିଲେ ହାତକୁ ଆପେଆପେ କ୍ଷମତା ଓ ସମ୍ପତ୍ତି ଯାଚିଦେବେ ଏ ସରଳ ସାଧାରଣ ଜନତା। ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି ଏହି କ୍ଷମତା ହାତେଇବା ପାଇଁ। ସେତିକିରେ ସରିନି କ୍ଷମତାର କଥା। ସାଧାରଣ କୌପୀନଧାରୀ ହେଲେ ଜୀବନ ସାର୍ଥକ ନୁହେଁ ବଲ୍କଳ ଖଣ୍ଡେ ନିହାତି ଆବଶ୍ୟକ। ଏହି ମାନସିକତା ଭିତରେ ଈଶ୍ୱର ଚିନ୍ତା, ପ୍ରାଣୀଙ୍କ ଚିନ୍ତା କେଉଁଠି ହଜିଯାଇଛି ଯେ ତା'ର ଠିକଣା ମିଳୁନାହିଁ।

କନ୍ଧରାର ଯେଉଁ କୂପରୁ ଉଦ୍ଧାର ହେବା ପାଇଁ ଭୀମଭୋଇ ତାଙ୍କ ଗୁରୁଙ୍କୁ ନିଜ ଦୃଢ଼ ବିଶ୍ୱାସ ଓ ଭକ୍ତି ବଳରେ ଅତିଷ୍ଠ କରିଦେଇଥିଲେ ଓ ଫଳ ସ୍ୱରୂପ ଗୁରୁଦେବ ପାଦପଦ୍ମ ବଢ଼ାଇଦେଲେ, ସେ କୂଅକୁ ନେଇ ଚାଲିଛି ବଳ କଷାକଷି। ସେ କୂଅକୁ ପୁନରୁଦ୍ଧାର କରିବା ପାଇଁ ରାଜନୈତିକ ଦଳଙ୍କ ହସ୍ତକ୍ଷେପ ହେଉଛି। କୂଅ ଉପରେ ନିର୍ମାଣ ହେବ ମନ୍ଦିର। ଏହାକୁ ନେଇ କେଶ୍ କରିବା ଯାଏଁ ଚିନ୍ତା ଆସୁଛି। ଖାଲିଆପାଲିରେ ମଧ୍ୟ ଠିକ ସେଇ ଅବସ୍ଥା। ଓଁର ଭାଇ ଏସବୁକୁ ଗୋଟିଗୋଟି କରି ଦେଖୁଛି। ଯେଉଁ ଶୂନ୍ୟ ଉପାସନା କଥା କୁହାଯାଇଥିଲା ସେଥିରେ ପାଦୁକା ସେବା ମିଶିସାରିଛି। ଭୀମଭୋଇ ଯେଉଁ ମୂର୍ତ୍ତି ପୂଜାକୁ ବିରୋଧ କରୁଥିଲେ ବୋଲି ପ୍ରମାଣ ଦିଆଯାଇଛି ସେହି ମୂର୍ତ୍ତି ପୂଜା ଖାଲିଆପାଲି ଆଶ୍ରମରେ ଚାଲିଛି। କେବଳ ଖଲିଆପାଲି କହିଲେ ଠିକ୍ ହେବନି ପ୍ରାୟତଃ ସବୁ ମହିମା ଆଶ୍ରମରେ ଏସବୁ ଦେଖାଗଲାଣି। ପାଦୁକା ମନ୍ଦିର ନାମରେ ଏକ ମନ୍ଦିର ବି ଅଛି। ଭୀମଭୋଇ ଓ ଅନ୍ନପୂର୍ଣ୍ଣାଙ୍କ ଚାରୋଟି କଠଉକୁ ରଖି ପାଦୁକା ସେବା ଚାଲିଛି। ମହୁ, ଗୁଡ଼, ଘିଅ, ଗୋବର, ଚନ୍ଦନ, ଦହି ଇତ୍ୟାଦିକୁ ସପ୍ତାମୃତ କରି କଠଉକୁ ସାତଥର ଧୋଇବା ଓ ସାତଥର ଲମ୍ବ ପ୍ରଣାମ କରିବା ଏକ ପ୍ରକାର ମୂର୍ତ୍ତି ପୂଜାର ପ୍ରମାଣ ଅଟେ। ଏଠାରେ ଭକ୍ତି ଈଶ୍ୱରଙ୍କ ପ୍ରତି ନୁହେଁ, କଠଉ ପ୍ରତି। ଏହାକୁ ଅବଶ୍ୟ ଜଣେ କବିଙ୍କ ପୂଜା ବା ତାଙ୍କ ପ୍ରତି ଶ୍ରଦ୍ଧା ବୋଲି କହିଦେଲେ ଗୋଟିଏ ପ୍ରକାର ସମାଧାନର ବାଟ ମିଳିଯିବ। ଖଲିଆପାଲିରେ ଥିବାବେଳେ ଓଁର ବଡ଼ଭାଇ ଭୀମଭୋଇଙ୍କ ପରିବାର, ଶିଷ୍ୟଙ୍କ ସମାଧି ଚାରିପଟେ ଘୁରିବୁଲୁଛି। ଭୀମଭୋଇ, ଅନ୍ନପୂର୍ଣ୍ଣା, ସୁମେଧା, ରୋହିଣୀ, କପିଳେଶ୍ୱର, ଲାବଣ୍ୟବତୀ, ବାସୁପଣ୍ଡା, ହରିପଣ୍ଡା ଇତ୍ୟାଦିଙ୍କ ସମାଧି ଚାରିପଟେ ବୁଲି ସେମାନଙ୍କ ଜୀବନକୁ ଅନୁଭବ କରୁଛି। ଓଁର ବଡ଼ଭାଇ ଓଁକୁ ଖୋଜିଖୋଜି ଯେତେ ସ୍ଥାନ ଯାଇଛି ସବୁଠି(ମଧୁପୁରରୁ ଖଲିଆପାଲି ଯାଏଁ) କିଛି ନା କିଛି କାମ ସନ୍ଧାନ କରିଛି। ଏହା ତାର କର୍ମପ୍ରବଣତାର ପରିଚୟ।

ଏହି ଭାଗରେ କଟକ ସାଲେପୁର ବାଲିଆ ସଂଗତ ଆଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ମଠରେ ପ୍ରଫୁଲ୍ଲ ବାବା ଓ ତାଙ୍କ ଚେଲା ଜ୍ୟୋତି ବାବା(ବାମା ବାବା)ଙ୍କ ସହିତ ଓଁର ଭାଇର ଭେଟ। ଓଁର ଭାଇ ପ୍ରଫୁଲ୍ଲ ବାବାଙ୍କୁ ଖାଲିଆପାଲିରେ ଭେଟିଥିଲେ। ସେଇଠୁ ଆସିଲେ ସଂଗତ ଆଶ୍ରମକୁ। ସେତେବେଳେ ୧୯୯୯ ମସିହା ଚାଲିଥାଏ। ଏହି ଆଶ୍ରମରେ ୧୯୯୯ ମସିହାରେ ଘଟିଯାଇଥିବା ମହାବାତ୍ୟାର ଭୟାବହ ଚିତ୍ର ଦିଆଯାଇଛି। ପ୍ରଫୁଲ୍ଲ ବାବା ଓ ଓଁର ବଡ଼ଭାଇ ବସ ଯୋଗେ ସଂଗତ ଆଶ୍ରମରେ ପହଞ୍ଚିଲେ। ପ୍ରଫୁଲ୍ଲ ବାବାଙ୍କ ଶିଷ୍ୟ ବାମା ବାବା ଆଗରୁ ଥା'ନ୍ତି। ଏହି ଦୁଇବର୍ଷ ହେଲା ଯେ ଗେରୁଆ ପିନ୍ଧିଛନ୍ତି। ତାଙ୍କ ନାମ ଥିଲା ଜ୍ୟୋତି। ମାତ୍ର ପ୍ରଫୁଲ୍ଲ ବାବା ତାଙ୍କୁ ବାମା ବୋଲି ନାମ ଦେବାରୁ ସେ ବାମା ବାବା ରୂପେ ପରିଚିତ। ସେ ବାମା ବାବା ଆଗରୁ ମେକାନିକ ଡିପ୍ଲୋମା କରି ଇଂଜିନିୟର ହୋଇ ଏକ ବେସରକାରୀ ସଂସ୍ଥାରେ ଚାକିରୀ କରୁଥିଲେ। ସେ ଚାକିରୀ ଛାଡ଼ି ଲଫଙ୍ଗାଗିରି କଲା, ମଦପିଇ ମାଙ୍କୁ ହାତ ଉଠେଇଲା। ତା'ପରେ ଗାଁ ଛାଡ଼ି ହିମାଳୟ ଗଲା। ବିବେକାନନ୍ଦଙ୍କ କିଛି ବହି ପଢ଼ି ପରେ ସଂଗତ ଆଶ୍ରମକୁ ଆସି ମହିମା ଦୀକ୍ଷା ନେଲା। ଏଠି ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରଫୁଲ୍ଲ ବାବା ଜ୍ୟୋତିକୁ କହିଥିଲେ ଯେ, 'ତୋ ମା'କୁ ତୁ ପଚାରି ଆ'। ମହିମାରେ ଆମେ ବିନା ଘରଲୋକଙ୍କୁ ନ ପଚାରି କାହାକୁ ଦୀକ୍ଷିତ କରୁନା'। ପରେ ତା' ମା' ଆସି ରହିବା ପାଇଁ ଅନୁମତି ଦେଲା। ଏଇ ଘରଲୋକଙ୍କୁ ପଚାରିବାର କାରଣ କ'ଣ ହୋଇପାରେ? କାରଣ ଭୀମଭୋଇଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଥିଲା ପ୍ରଫୁଲ୍ଲ ବାବାଙ୍କର। ଭୀମଭୋଇ ନିର୍ଦ୍ଦେଶିତ ପଥରେ ସେ ପରିଚାଳିତ। ଗୃହ ତ୍ୟାଗ କରିବାର ଆବଶ୍ୟକତା ନାହିଁ। ଗୃହରେ ପରିବାର ସହିତ ରହି ମଧ୍ୟ ସାଧନା କରାଯାଇପାରେ। ପରିବାରକୁ ଦୁଃଖଦେଇ କାହାର ସୁଖ ସାଧନ କରିବା। ସମସ୍ତଙ୍କୁ ତ୍ୟାଗକରି ଆତ୍ମମୁଖୀ ହେବା ସାଧୁର ଲକ୍ଷଣ। ମାତ୍ର ଏ ଆତ୍ମମୁଖୀ ଆତ୍ମସ୍ୱାର୍ଥ ନ ହୋଇ ସାମୂହିକ ସ୍ୱାର୍ଥ ହେଲେ ବିଶ୍ୱର ମଙ୍ଗଳ ହେବ ଏଥରେ ଦ୍ୱିଧା ନାହିଁ। ସେ ଯାହାହେଉ ସଂଗତ ଆଶ୍ରମରେ ବର୍ତ୍ତମାନ ପ୍ରଫୁଲ୍ଲ ବାବା, ତାଙ୍କ ଶିଷ୍ୟ ବାମା ବାବା ଏବଂ

ଓଁର ବଡ଼ଭାଇ। ବାମା ବାବା ଭଲ କବିତା ଲେଖୁଥିଲେ। ୧୯୯୯ର ମହାବାତ୍ୟାର କାଳରାତି।

ଚାରିଆଡ଼େ ଝଡ଼ ଓ ବର୍ଷା। ଆଶ୍ରମ ଜଳମୟ। ଏଣେ ପ୍ରଫୁଲ୍ଲ ବାବାଙ୍କୁ ଜର। ପୁରୁଣା ଆମ୍ବଗଛ ଉପରେ ବାମା ବାବା ଓ ଓଁର ବଡ଼ଭାଇ ପ୍ରଫୁଲ୍ଲ ବାବାଙ୍କୁ ନେଇ ଆଶ୍ରୟ ନେଲେ। ପ୍ରଫୁଲ୍ଲ ବାବା ଢଳି ପଡୁଥିବାରୁ ତାଙ୍କୁ ଏକ କପଡ଼ାରେ ଗଛରେ ବାନ୍ଧି ଦିଆଗଲା। ସମସ୍ତଙ୍କୁ ଚେଇଁ ରଖିବା ପାଇଁ ଓଁର ବଡ଼ଭାଇ ନିଜର କଥା ସବୁ କହିଉଠୁଛି। ସେ ଓ ଓଁ କେମିତି ଆସିଥିଲେ ,ପରେ ଓଁ ହଜିଗଲା, ସେ ଘରୁ ଓଁକୁ ଖୋଜି ଖୋଜି ଖଲିଆପାଲିରେ ପହଞ୍ଚିବା ଓ ପ୍ରଫୁଲ୍ଲ ବାବାଙ୍କ ସହିତ ଭେଟ ଯାଏଁ ସବୁ ଗୋଟିଗୋଟି କରି କହିଚାଲିଛି। ମାତ୍ର ପ୍ରଫୁଲ୍ଲ ବାବା ବେଶୀ ସମୟ ଚେଇଁ ପାରିଲେ ନାହିଁ। କିଛି ସମୟ ଗଲାପରେ ପ୍ରଫୁଲ୍ଲ ବାବା କାଳର ବଶବର୍ତ୍ତୀ ହୋଇ ଦେହ ତ୍ୟାଗ କଲେ ସେଇ ଗଛ ଉପରେ। ମହିମା ଧର୍ମାନୁସାରେ ତାଙ୍କୁ ମାଟିରେ ସମାଧି ଦିଆଯାଇ ପାରିଲା ନାହିଁ। ଏଣୁ ତାଙ୍କୁ ଜଳ ସମାଧି ହିଁ ଦିଆଗଲା। ଓଁର ବଡ଼ଭାଇ ବାମା ବାବାଙ୍କଠୁ ଅନୁମତି ନେଇ ଘରକୁ ଫେରିଲେ। ଘରେ ପହଞ୍ଚି ଦେଖିଲେ ତାଙ୍କ ସ୍ତ୍ରୀ ଘର ଲିପୁଛି, ତାଙ୍କ ପୁଅ ଖେଳୁଛି ଓ ଯାହାର ଅନ୍ୱେଷଣରେ ସେ ଏତେଦୂର ବୁଲିଲେ ସେ ଛାତ ସଜାଡୁଛି। ଏତିକି ଭିତରେ ଓଁ ଚରିତ୍ରଟି ସରିଯାଇଛି। ଏସବୁ ଦେଖି ତା' ଭିତରେ ଏକ ପରିବର୍ତ୍ତନ ଆସିଲା। ସେ ଭାବୁଛି ଯେ ତା ବିନା ତା ସଂସାର ଅନାଥ ହୋଇନାହିଁ। ସେ ଆଉ ଘରଲୋକଙ୍କୁ ଦେଖା ଦେଇନାହିଁ। ଉପନ୍ୟାସଟି ପଢ଼ିଲେ ଲାଗିବ ଓଁ ଘର ଛାଡ଼ି କେଉଁଆଡ଼େ ବାବାଜୀ ହୋଇ ଚାଲିଯାଇଛି। ତା'ର ଅନ୍ୱେଷଣ ହିଁ ଉପନ୍ୟାସକୁ ଗତିଶୀଳ କରିଛି। ମାତ୍ର ପରିଶେଷରେ ବାବାଜୀ ହୋଇଛି ଓଁର ବଡ଼ଭାଇ। ଏହି ଉତ୍କଣ୍ଠା ହିଁ ପାଠକକୁ ଆକର୍ଷଣ କରେ।

ତୃତୀୟ ଭାଗର ନାମ ରଖିଛନ୍ତି 'କେମିତି ହେଲା ଓଁ'। ସୁକାନ୍ତ ସହିତ ଔପନ୍ୟାସିକ ମେଳା ଦେଖିବାକୁ ଯାଇଛନ୍ତି। ଏଠାରେ ଭୀମଭୋଇଙ୍କ ଜୀବନୀକୁ ବର୍ଣ୍ଣନା କରିଛନ୍ତି। ଭୀମଭୋଇଙ୍କ ଜନ୍ମରୁ ସାଧନା ଓ ସିଦ୍ଧି ପର୍ଯ୍ୟନ୍ତର ଏକ ସୂଚନା ଏଠାରେ ଦେଇଛନ୍ତି। ଏହି ଭାଗଟିକୁ ଆମେ ଭୀମଭୋଇଙ୍କ ଏକ ଜୀବନାଲେଖ୍ୟ ରୂପେ ଗ୍ରହଣ କରିପାରିବା। ଭୀମଭୋଇଙ୍କ ଜନ୍ମଜାଗା ମଧୁପୁର, ଦୀକ୍ଷାଜାଗା କଙ୍କଣପଡ଼ା, ଉତ୍ଥାନଜାଗା କନ୍ଧରା ଏବଂ ସମାଧିଜାଗା ଖଲିଆପାଲି। ଏହି ଖଲିଆପାଲିରେ ଔପନ୍ୟାସିକ ଚାରିପାଞ୍ଚଦିନ ଥିଲେ। ସେଠାରେ ତାଙ୍କର ଭାବାନ୍ତର ହେଲା। ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଫେରିଛନ୍ତି। ତାଙ୍କୁ ଲାଗିଲା ଯେମିତି ଭୀମଭୋଇ ତାଙ୍କୁ ବଞ୍ଚେଇଲେ। ତା'ପରେ ଭୀମଭୋଇଙ୍କ ବିଷୟରେ ଖୋଜାଲୋଡ଼ା ଚାଲିଲା କେନ୍ଦ୍ରାପଡ଼ାର କେତେକ ଗ୍ରାମ୍ୟମାଣ ବାବାଙ୍କଠାରୁ ସଂଗତ ଆଶ୍ରମ ଯାଏଁ। ପରେ ୧୯୯୯ର ମହାବାତ୍ୟା ତାଙ୍କୁ ଉପନ୍ୟାସ ଲେଖିବାରେ ବିଶେଷ ଖୋରାକ ଯୋଗେଇଛି। ସେ ସବାଶେଷରେ ସୂଚନା ଦେଇଛନ୍ତି ଯେ, "ତା'ପରେ ଆସିଲା ଓଡ଼ିଶାର ୧୯୯୯ର ମହାବାତ୍ୟା। ସେହି ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟର ଦାନ୍ତରେ ଲୁଚିକି ଥିଲା ଯେପରି ସ୍ୱପ୍ନ ଓ ବୈରାଗ୍ୟ। ଧର୍ମଦର୍ଶନ, ଦୀକ୍ଷା ଓ ସାହିତ୍ୟ କିଛିଦିନ ପାଇଁ ସ୍ତବ୍ଧ ହୋଇ ରହିଲା। ଅସାର ଅର୍ଥହୀନତା, ପାଣିଫୋଟକା ଜୀବନ ଦର୍ଶନର କୁହୁଡ଼ି ହଟିଗଲା। ନୂଆ ସର୍ଜନା ଓ ସଜଡ଼ାର ଦିନ ଓ ଜୀବନ ଆରମ୍ଭ ହେଲା। ତା'ରି ଭିତରେ ଲେଖା ହୋଇ ଶେଷ ହେଲା ଓଁ"। ଅର୍ଥାତ ପ୍ରଥମ ଦୁଇଟି ଭାଗ ହିଁ ଉପନ୍ୟାସ। ଶେଷ ଭାଗଟି ଉପନ୍ୟାସ ଲେଖିବାର ପୃଷ୍ଠଭୂମି।

ଉପନ୍ୟାସ ଆକାର ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ୍ୟ ଚମତ୍କାର। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ଉତ୍କଣ୍ଠା ଲାଗିରହିଛି ଯେ ଓଁ ଜଣକ କିଏ? ସେ କୁଆଡ଼େ ଗଲା? କ'ଣ କଲା? କ'ଣ କରୁଥିବ? । ଏମିତି ଅନେକ ପ୍ରଶ୍ନ ଓଁକୁ ନେଇ ମନରେ ଆସିବ। ପରିସ୍ଥିତିକୁ ନେଇ ଜଣେ ପାଠକ ଭାବିବ ଯେ ଓଁ ନିଶ୍ଚୟ ମହିମା ସାଧୁ ହୋଇଯାଇଛି। ମାତ୍ର ଶେଷବେଳକୁ ଜଣାପଡ଼େ ଯେ ଓଁର ବଡ଼ଭାଇ ଗୃହ ତ୍ୟାଗ କରିଛି। ଓଁକୁ ଖୋଜିବାର ମାୟା ଭିତରେ ସେ କେତେବେଳେ ମହିମା ଧର୍ମରେ ଦୀକ୍ଷିତ ତାହା ଜାଣିପାରିନାହିଁ। ଘରକୁ ଆସିବା ପୂର୍ବରୁ ଯେଉଁ ଧାରଣା ଥିଲା, ଘରକୁ ଆସି ଦେଖିଲା ପରେ ତା'ର ଭାବାନ୍ତର ହୋଇଛି। ସେ ଆଉ ଘରଲୋକଙ୍କ ନିକଟରେ ନିଜକୁ ଦେଖେଇ ନାହିଁ। ଅର୍ଥାତ ମନରେ ବୈରାଗ୍ୟ ଆସିଯାଇଛି। ସେ ଅନୁଭବ କରିଛି ତା' ବିନା ମଧ୍ୟ ତା' ସଂସାରର କିଛି ଅସୁବିଧା ନାହିଁ। ନିଜର ଭୂମିକାକୁ ଯେତେବେଳେ ଗୌଣ ଭାବି ଦେଇଛି ତା' ଭିତରେ ସେତେବେଳେ ବୈରାଗ୍ୟ ତିଆରି ହେଲା। ସେ ଭାବୁଥିଲା ଯେ ତା ଭାଇ ବାବାଜୀ ହୋଇଗଲା ମାତ୍ର ପ୍ରକୃତରେ ସିଏ ବାବାଜୀ ହୋଇଯାଇଛି। ଏହି କାହାଣୀ ସହିତ ମହିମା ଧର୍ମର ସାମ୍ପ୍ରତିକ ପରିବେଶ ତଥା ଭୀମଭୋଇଙ୍କ ଜୀବନୀ ସମାନ୍ତରାଳ ଭାବେ

ଗତିକରିଛି। ଭୀମଭୋଇଙ୍କୁ ନେଇ ଦିଆଯାଇଥିବା ତଥ୍ୟ ବିଭିନ୍ନ ଆଲୋଚନା ପୁସ୍ତକ ସହିତ ଏକା ଥିବାରୁ ତଥା ଚର୍ବିତ ଚର୍ବଣର ଭୟ ହେତୁ ସେ ବିଷୟରେ ଏଠାରେ ଆଲୋଚନା କରିବାରୁ କ୍ଷାନ୍ତ ରହିଲୁ। ଏହି 'ଓଁ'କୁ ଧାର୍ମିକ, ଜୀବନୀ ଭିତ୍ତିକ, ଆଲୋଚନାତ୍ମକ ଉପନ୍ୟାସ କହିଲେ ମଧ୍ୟ ଚଳିବ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ ବୀର କିଶୋର(ସଂ); ଭୀମଭୋଇ ଗ୍ରନ୍ଥାବଳୀ; ଛାତ୍ରସାଥୀ ଅଫିସ, କଟକ-୨; ଜେ. ମହାପାତ୍ର ଏଣ୍ଡ କୋ; ୧ମ ସଂସ୍କରଣ- ଜୁଲାଇ ୧୯୭୧।

୨.ନେପାକ ଭାଗୀରଥି; ମହିମା ଧର୍ମ ଓ ମହିମା ଗୋସେଇଁ; ଖଟବିନ୍ ସାହି, କଟକ-୮, କେ.କେ. ମିଶ୍ର ଏଣ୍ଡ କୋ; ୧ମ ମୁଦ୍ରଣ- ୧୯୯୯।

୩.ପୃଷ୍ଟି ଭୀମ, ଓଁ; ଗୋବିନ୍ଦପୁର ଦେବୀଦ୍ୱାର, ଯାଜପୁର-୭, ପ୍ରଗତି; ୧ମ ସଂସ୍କରଣ-୨୦୦୯।

୪..ଜୀବନାଲେଖ (Bio-Data) ଭୀମ ପୃଷ୍ଟିଙ୍କଠାରୁ ପ୍ରାପ୍ତ।


●

ନୂ ଆ ବ ହି




## ବିବିଧବର୍ଣ୍ଣା

(ଆଲୋଚନା)

ଲେଖକ : ବିକେଶ ସାହୁ
ପ୍ରକାଶକ : ଷ୍ଟୋରିମିରର୍
ପ୍ରଥମ ପ୍ରକାଶ : ୨୦୨୩
ପୃଷ୍ଠା - ୯୪, ମୂଲ୍ୟ - ୧୭୫ ଟଙ୍କା

ପ୍ରଥମ ବର୍ଷ, ସଂଖ୍ୟା - ୦୪। ଜୁଲାଇ - ଅଗଷ୍ଟ ୨୦୨୩
Volume No. 01। Issue No. 04। Jul - Aug 2023

# ବାଲିଗଞ୍ଜର ଓଡ଼ିଆ ଫେଲୁଦା

■ ପ୍ରତୀଚୀ ନନ୍ଦ



ଗବେଷିକା, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ପଶ୍ଚିମବଙ୍ଗ

ଓଡ଼ିଶାର ଖଡ଼ିଅଣ୍ଟା ଗ୍ରାମରୁ କଲିକତାର ବାଲିଗଞ୍ଜ, ଦୀର୍ଘ ପନ୍ଦରଶହ ଦୂରତାରେ ରହି ପ୍ରିୟ ଜନ୍ମମାଟି ଓଡ଼ିଶା ଓ ଓଡ଼ିଆ ସାହିତ୍ୟପ୍ରତି ନିଜର ପ୍ରତିବଦ୍ଧତା ରକ୍ଷା କରିବା ବାସ୍ତବିକ୍ ଆୟାସସାଧ୍ୟ ବ୍ୟାପାର। ବାଲିଗଞ୍ଜର ଏହି ଓଡ଼ିଆ ଫେଲୁଦା ଅନ୍ୟ କେହି ନୁହନ୍ତି, ସେ ହେଉଛନ୍ତି ଓଡ଼ିଆ ଗୋଇନ୍ଦା ଉପନ୍ୟାସର କର୍ଣ୍ଣଧାର ଔପନ୍ୟାସିକ କସ୍ତୁରୀ ଚରଣ ଦାସ। ସେ ଏକାଧାରରେ ଜଣେ ଓଡ଼ିଆ ସାହିତ୍ୟ ସାଧକ, ସମ୍ପାଦକ, ମୁଦ୍ରକ, ପ୍ରକାଶକ ଏବଂ ବିତରକ। ଓଡ଼ିଆ ସାହିତ୍ୟ ଏବଂ ସମାଜରେ ଏକଦା ଅବହେଳିତ ହୋଇପଡ଼ିଥିବା ଗୋଇନ୍ଦା ଉପନ୍ୟାସକୁ କଥାକାର କସ୍ତୁରିଚରଣ ଦାସଙ୍କ ଅବଦାନ ଅନବଦ୍ୟ। ସେ ସୁଦୂର ପ୍ରତିବେଶରେ ରହି ପ୍ରାୟ ଶତାଧିକ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ରଚନା କରିଛନ୍ତି।

୧୯୨୯ ମସିହା ଡିସେମ୍ବର ୧୭ ତାରିଖରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳସ୍ଥ ଖଡ଼ିଅଣ୍ଟା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ମୃତ୍ୟୁ ପରେ ମ୍ୟାଟ୍ରିକ୍ ପାସ୍ ଶିକ୍ଷାଗତ ଯୋଗ୍ୟତା ନେଇ ୧୯୪୩-୪୪ ମସିହାରେ ମାତ୍ର ଚଉଦ ପନ୍ଦର ବର୍ଷ ବୟସରେ ଜୀବିକା ଅନ୍ୱେଷଣ ପାଇଁ କଲିକତା ଚାଲି ଆସିଥିଲେ। ପ୍ରାରମ୍ଭିକ ସମୟରେ ସେ ନିଜର ଭଗ୍ନିପତିଙ୍କ ଘରେ ରହୁଥିଲେ। ସେଠାରେ ସେ ତାଙ୍କର ତଥାକଥିତ ନୈଶ ବିଦ୍ୟାଳୟର ଶିକ୍ଷକ କୁଞ୍ଜବିହାରୀ ଦାସଙ୍କ ସଂସ୍ପର୍ଶରେ ଆସି ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କଦ୍ୱାରା ରଚିତ ଗଳ୍ପଗୁଡ଼ିକ 'ଶଙ୍ଖ', 'ଚତୁରଙ୍ଗ', 'ବୀଣା', 'କୁଙ୍କୁମ', 'ଝଙ୍କାର' ଆଦି ପତ୍ରିକାରେ ପ୍ରକାଶିତ ହେଉଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି।

ଉତ୍କଳ ସମ୍ମିଳନୀର କଲିକତା ଅଧିବେଶନରୁ ଜନ୍ମ ନେଇଥିଲା ୧୯୪୯ ମସିହାରେ 'ଆସନ୍ତାକାଲି'

ପତ୍ରିକା । କୋଣାର୍କ ପ୍ରେସ୍ ରୁ ମୁଦ୍ରଣ ହେବାଠୁ ଆରମ୍ଭ କରି ବିତରଣ ପର୍ଯ୍ୟନ୍ତ ପ୍ରାୟ ସମସ୍ତ କାର୍ଯ୍ୟ ନିଷ୍ଠାର ସହିତ ପାଞ୍ଚବର୍ଷ ଧରି ତୁଲାଇବା ପରେ କୌଣସି ଅଭିମାନ ପାଇଁ ସେଥିରୁ ସେ ବିରତି ନେଇ ଯାଇଥିଲେ। ଏହାପରେ ଜଗଦୀଶ ପାଣିଙ୍କ ସହ ମିଶି 'ସମାବେଶ' ପତ୍ରିକାର ସମ୍ପାଦନା କରିଥିଲେ। ତତ୍ ପରେ 'କଳନା', 'ତରଙ୍ଗ' ପତ୍ରିକା ଓ କଥାକାର ବିଭୂତି ପଟ୍ଟନାୟକଙ୍କ ସହଯୋଗରେ, ପାରମିତା ପରିଜାଙ୍କ ପୃଷ୍ଠପୋଷକତାରେ ୧୯୭୦ ମସିହା ପ୍ରକାଶ ପାଇଥିଲା 'ନବରବି' ପତ୍ରିକା। ବିନା ଦେୟରେ ସେ ସମ୍ପାଦନା, ଲେଖକ ମାନଙ୍କ ନିକଟରୁ ପତ୍ରିକା ପାଇଁ ଲେଖପାଇଁ ଲେଖା କେମିତି ଆସିବ , କେମିତି ତାହା ବଜାରରେ ଉପଲବ୍ଧ ହେବ ଏବଂ ନିତିଦିନିଆ ଗ୍ରାହକ କେମିତି ପତ୍ରିକା ପାଇପାରିବେ ସେ ସମସ୍ତ ଦାୟିତ୍ୱ ବୁଝୁଥିଲେ ।

ସେ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ କରିଥିଲେ ସାମାଜିକ ଗଳ୍ପ ରଚନାରୁ। ଉକ୍ତ ଗଳ୍ପଗୁଡ଼ିକ 'ଧୂଳିର ଧରଣୀ' ଗଳ୍ପଗ୍ରନ୍ଥରେ ସଂକଳିତ। ମାତ୍ର ଔପନ୍ୟାସିକା କଳ୍ପନା କୁମାରୀ ଦେବୀଙ୍କ ସହ ବିବାହ ବନ୍ଧନରେ ବନ୍ଧିହେବା ପରେ ସେ ଉପନ୍ୟାସ ରଚନାରେ ଅଧିକ ନିବିଷ୍ଟ ହୋଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ 'ଦାଗ', 'ଦୁନିଆ ଗୋଲ', 'ବାଲିଝଡ଼', 'କୁମାରୀ କନ୍ୟା', 'ଜନ୍ମମାଟି' ପରି ସାମାଜିକ ଉପନ୍ୟାସ ଲେଖୁଥିଲେ। ସାମାଜିକ ଉପନ୍ୟାସଗୁଡ଼ିକୁ ଦେୟ ବହନ କରି ପ୍ରକାଶ କରାଇବା ତାଙ୍କ ପକ୍ଷେ ସହଜ ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ତାଙ୍କ ଦ୍ୱାରା ରଚିତ ସାମାଜିକ ଉପନ୍ୟାସ ଅପେକ୍ଷା ରହସ୍ୟ ରସଘନ ଗୋଇନ୍ଦା ଉପନ୍ୟାସ ଅଧିକ ଲୋକପ୍ରିୟତା ଗୋଟାଇ ପାରିଥିଲା।

ଏକଦା ଡକ୍ଟର ମିହିର କୁମାର ସାହୁଙ୍କୁ କସ୍ତୁରୀ ଚରଣ ଦାସ ଦେଇଥିବା ସାକ୍ଷାତକାରରେ କହିଥିଲେ- କଟକର କେତେଜଣ ପ୍ରକାଶକଙ୍କ ନିକଟରୁ ତାଙ୍କର ପାଣ୍ଡୁଲିପି ମୁଦ୍ରଣ ନହୋଇ ଫେରି ଆସିଥିବାରୁ ସେ ପଣ କରିଥିଲେ ନିଜର ସ୍ୱତନ୍ତ୍ର ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା କରିବେ। ମନମୋହନ ପୁସ୍ତକାଳୟରୁ ଅଗ୍ରୀମ ହଜାରେ ଟଙ୍କା ଦେଇ କିଣା ହୋଇଥିଲା ମୁଦ୍ରଣ ଯନ୍ତ୍ର।ଜଣେ ବନ୍ଧୁଙ୍କ ନିକଟରୁ କରଜ କରି ସେ ନିଜ ଏକବଖରା ବିଶିଷ୍ଟ ଭଡ଼ା ଘରେ ୧୯୬୨-୬୩ ମସିହାରେ ଆରମ୍ଭ କରିଥିଲେ 'କଳିଙ୍ଗ ମୁଦ୍ରଣୀ'। ତାହା ନୂର ମହମ୍ମଦ ଲେନ୍ ,କଲିକତା – ୯ରେ ଅବସ୍ଥିତ। ସେଠାରେ ସେ ଅନ୍ୟୁନ ଏକଶତରୁ ଅଧିକ ଉପନ୍ୟାସ, ସହସ୍ରାଧିକ ସଂଖ୍ୟାରେ ଛାପି ପାଠକ ନିକଟରେ ପହଞ୍ଚାଇ ପାରିଛନ୍ତି। ଗଣମାଧ୍ୟମରେ, ଅନଲାଇନରେ ବହି ବା ପତ୍ରିକା ବିକ୍ରିର ସେତେବେଳେ ବ୍ୟବସ୍ଥା ନଥିଲା। ସେ ପ୍ରତ୍ୟେକ ସ୍ଥାୟୀ ଗ୍ରାହକଙ୍କ ନିକଟକୁ ଭି.ପି.ପି. ମାଧ୍ୟମରେ ପ୍ରେରଣ କରୁଥିଲେ। ଫଳରେ ଗ୍ରାହକ ସଂଖ୍ୟା ପାଂଚ ହଜାରରୁ ଅଧିକ ହୋଇ ପାରିଥିଲା। ମାତ୍ର କ୍ରମଶଃ ଆର୍ଥିକ ଦରବୃଦ୍ଧି ହେତୁ ଆଉ ସ୍ୱଳ୍ପ ମୂଲ୍ୟରେ ଭି.ପି.ପି. ମାଧ୍ୟମରେ ପୁସ୍ତକ ଯୋଗାଇ ଦେବା ସହଜ ହେଲା ନାହିଁ। ତେଣୁ ଏହି ସୁବିଧା ଆଉ ଉପଲବ୍ଧ ହେଲା ନାହିଁ। ମାତ୍ର ତାଙ୍କର ଏହି ଅବଦାନ ପାଠକ ପ୍ରାଣରେ ଓଡ଼ିଆ ଗୋଇନ୍ଦା ଉପନ୍ୟାସକୁ ଇଂରାଜୀ, ବଙ୍ଗଳା ଗୋଇନ୍ଦା ଉପନ୍ୟାସର ସମକକ୍ଷ କରାଇ ପାରିଥିଲା। ପଛରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ, ଅନେକ ରାତିର ଉନିଦ୍ର ଉପକ୍ରମ ରହିଛି।

(୨)

କଥାକାର କସ୍ତୁରୀ ଚରଣ ଦାସ ଜନ୍ମରୁ ଯୌବନ ପର୍ଯ୍ୟନ୍ତ ବିଶ୍ୱଯୁଦ୍ଧ କାଳୀନ ପରିବେଶକୁ ପ୍ରତ୍ୟକ୍ଷ ଭୋଗିଛନ୍ତି। ଅଭାବ, ଅନଟନ, ଦଙ୍ଗା, ଫସାଦ ଭିତରେ ଜୀବନ ଜୀବିକା ପାଇଁ ପ୍ରତିନୀୟତ ସଂଘର୍ଷ କରୁଥିବା ମଣିଷକୁ ସେ ପାଖରୁ ଦେଖିଛନ୍ତି। ପରିବାର ପ୍ରତିପୋଷଣ, ନିଜର ଭୋକ ନିବାରଣ ପାଇଁ ବିଦେଶକୁ ଲୋକ ପୋକମାଛି ପରି ଚାଲି ଯାଉଥିଲେ। ସମାଜରେ ଅନାଚାର, ଦୁର୍ନୀତି, ଅପରାଧର ମାତ୍ରା ବଢ଼ି ଚାଲିଥିଲା। ରାତାରାତି ମାଲାମାଲ୍ ହେବାର ପ୍ରଚେଷ୍ଟାରେ ବଢ଼ି ଚାଲିଥିବା ଅପରାଧର ପ୍ରତିଯୋଗିତା। ବିଶେଷତଃ କଲିକତା ଏକ ବାଣିଜ୍ୟିକ ମହାନଗରୀ। ସେଠାରେ ଅନେକ ପ୍ରବାସୀ ଶିକ୍ଷା ଗ୍ରହଣ ପାଇଁ ଅବା କାର୍ଯ୍ୟ ଅନ୍ୱେଷଣ ପାଇଁ ଆଶାୟୀ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବି ସଂଘର୍ଷ କରୁଥିଲେ। ଯାହା ଔପନ୍ୟାସିକଙ୍କୁ ଗୋଇନ୍ଦା ଉପନ୍ୟାସ ରଚନାର ଉସ୍ତ ଯୋଗାଇ ଦେଇଥିଲା।

ହିନ୍ଦୀ, ବଙ୍ଗଳା ପରି ପଡ଼ୋଶୀ ଭାଷାରେ ସେତେବେଳେକୁ ପକେଟ୍ ବୁକ୍ ଭାବରେ ଗୋଇନ୍ଦା ଉପନ୍ୟାସ ବଜାରରେ ଓ ପାଠକ ସମାଜରେ ଖୁବ୍ ଚହଳ ପକାଇଥିଲା। ଓଡ଼ିଆ ସାହିତ୍ୟରେ ସେହି ସମୟରେ ଚନ୍ଦ୍ରମଣି ଦାସ ଏବଂ ଅନ୍ୟ ହାତଗଣତି ପାଞ୍ଚ ସାତ ଜଣ ଔପନ୍ୟାସିକ ଗୋଇନ୍ଦା ଉପନ୍ୟାସ ଲେଖୁଥିଲେ । ଏମିତି ନୁହେଁ ଯେ ଗୋଇନ୍ଦା ଉପନ୍ୟାସର ପ୍ରଶଂସକ ନଥିଲେ। ମାତ୍ର ସେମାନେ ଇଂରାଜୀ, ବଙ୍ଗଳା ଭାଷାରେ ଲେଖା

ଯାଉଥିବା ଲୋକପ୍ରିୟ ଉପନ୍ୟାସ ସର୍ଲେକ ହୋମସ୍, ବ୍ୟୋମକେଶ ବକ୍ସି ପରି ଧାରାବାହିକ ଗୋଇନ୍ଦା ଉପନ୍ୟାସର ଓଡ଼ିଆ ଅନୁବାଦ ପଢ଼ି ନିଜର ପଠନ ତୃଷା ମେଣ୍ଟାଉ ଥିଲେ। ୧୯୬୫ ମସିହା ବେଳକୁ ଯଦୁନାଥ ଦାଶମହାପାତ୍ରଙ୍କ ରାଜଶ୍ରୀ ପ୍ରେସ୍ ଭଲ ଚାଲିଥାଏ। ଉକ୍ତ ନାମ ଦ୍ୱାରା ପ୍ରଭାବିତ ହୋଇ କସ୍ତୁରିଚରଣ ଦାସ 'ରାଜଶ୍ରୀ ପକେଟ୍ ବୁକ୍' ନାମରେ ଓଡ଼ିଆ ଭାଷାର ପ୍ରଥମ ପକେଟବୁକ୍ ସିରିଜ୍ ଆରମ୍ଭ କରିଥିଲେ। ଯେଉଁଥିରେ ପ୍ରକାଶ ପାଇଛି ଶତାଧିକ ଲେଖକଙ୍କ ଅଜସ୍ର ସୁଖପାଠ୍ୟ ଗୋଇନ୍ଦା ଉପନ୍ୟାସ। ତେଣୁ କସ୍ତୁରି ଚରଣଙ୍କର ସାହିତ୍ୟ ସାଧନାର ଦିଗ କ୍ରମଶଃ ଟାଣି ହୋଇଯାଇଥିଲା ଗୋଇନ୍ଦା ଉପନ୍ୟାସର ରହସ୍ୟମୟ ଇନ୍ଦ୍ରଜାଲ ଆଡ଼କୁ। ସେ ସାମାଜିକ ଉପନ୍ୟାସ ରଚନାରୁ ଦୃଷ୍ଟି ହଟାଇ ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ ସର୍ଜନା କରିଥିଲେ ଗୁରୁଗମ୍ଭୀର ଅପରାଧର ଗୋଲକଧନ୍ଦା।

୧୯୫୦ ମସିହାରେ ତାଙ୍କ କର କଲମରୁ ଜନ୍ମ ନେଇଥିଲା 'ତେପନ ପଟ ତାସ' ତାଙ୍କର ପ୍ରଥମ ଗୋଇନ୍ଦା ଉପନ୍ୟାସ। ପରେ ପରେ 'ରକ୍ତ ତାଣ୍ଡବ' (୧୯୫୦), '୩୦୩ ରିଭଲଭର' (୧୯୫୬), 'ସଇତାନି' (୧୯୫୭), 'ମିଡ଼ନାଇଟ ହୋଟେଲ' (୧୯୫୭), 'ଅଶରୀରୀର କାରସାଦି' (୧୯୫୮), 'ଦିନେ ରାତିରେ' (୧୯୫୮), 'ଲାଲ ମହଲ'(୧୯୫୯), 'ଲାଲ ପରୀ' (୧୯୫୯), 'ଲାଲ ସଂକେତ' (୧୯୫୯), 'ଲାଲ ମୁସାଫିର' (୧୯୫୯), 'ଲାଲ ମାଙ୍କଡ଼ସା' (୧୯୫୯), 'ମୃତ୍ୟୁର ପଦଧ୍ୱନି' (୧୯୫୯), 'ଲାଲ ସିଂ ଓ ଲାଲ ବାଈ' (୧୯୬୦), 'ଲାଲ ଫିତା' (୧୯୬୦), 'ଲାଲ ମହଲ' (୧୯୬୦), 'ନୀଳ ନୀଳୟ' (୧୯୬୦), 'ସେ ତିନିଜଣ' (୧୯୬୦), 'ଛାୟା କୁହେଳି' (୧୯୬୦), 'ରାତ୍ରିର କ୍ରନ୍ଦସୀ' (୧୯୬୦), 'ସି. ଆଇ.ଡି.' (୧୯୬୧), 'ଦାନବୀର ଲାଲ ସିଂ' (୧୯୬୨), 'ବଳି ଲାଲସିଂ' (୧୯୬୧), 'ମିସ୍ ଅଳକାନନ୍ଦା' (୧୯୬୧), 'ଦସ୍ୟୁ ଲଲାସିଂ' (୧୯୬୧), 'ଲାଲସିଂର ଆଜ୍ଞାତବାସ' (୧୯୬୧), 'ଲାଲସିଂର ମୟାଚକ୍ର' (୧୯୬୨), 'ଦୁଇଟି କଳା ଆଖି' (୧୯୬୨), 'ଅଶରୀରୀ ଲାଲସିଂ' (୧୯୬୨), 'ରକ୍ତ ଗୋଲାପ ଓ ରଙ୍ଗୀନ ସୁରା' (୧୯୬୩), 'ନିଶିଗନ୍ଧା' (୧୯୬୩), 'ଆତ୍ମହତ୍ୟା' (୧୯୬୪), 'ଗୋପାନଚାରିଣୀ' (୧୯୬୭), 'ଲଳିତା ସମ୍ବାଦ' (୧୯୬୭), 'ଡାହାଣୀ ଆଲୁଅ' (୧୯୬୭), 'ଶଙ୍ଖନୀଡ଼' (୧୯୬୮), 'ବିଷକନ୍ୟା' (୧୯୮୯), 'ଜାପାନୀ ଖେଳନା' (୧୯୬୯), ' କପଟ ପଶା', 'ମୃଗୟା', 'କିଏ କନ୍ଦେ', 'ସ୍ୱର୍ଣ୍ଣ ମୟୁରୀ ଉପାଖ୍ୟାନ' ଆଦି ପରି ପ୍ରାୟ ଶତାଧିକ ଗୋଇନ୍ଦା ଉପନ୍ୟାସର ସେ ସ୍ରଷ୍ଟା।

(୩)

ଔପନ୍ୟାସିକ କସ୍ତୁରୀ ଚରଣ ଦାସ ସ୍ୱଭାବତଃ ଭାରି ସ୍ୱଳ୍ପ ଏବଂ ମିଷ୍ଟଭାଷୀ ଓ ଶାନ୍ତିପ୍ରିୟ ପ୍ରିୟ ମଣିଷ। ସେ ବୁଝିଛନ୍ତି ଯନ୍ତ୍ରଣା ଜର୍ଜରିତ ମଣିଷର ଅନ୍ତଃମର୍ମକୁ। ତେଣୁ ତାଙ୍କ ଦ୍ୱାରା ରଚିତ ଗୋଇନ୍ଦା ଉପନ୍ୟାସ ଗୁଡ଼ିକରେ ବିଭତ୍ସ ରକ୍ତାକ୍ତ ଚିତ୍ରଣ ଦେଖିବାକୁ ମିଳେ ନାହିଁ। ସେ ଦଣ୍ଡ ନୁହେଁ କ୍ଷମା ଦେବାରେ ଅଧିକ ବିଶ୍ୱାସୀ। କାହାଣୀର ପରିଣତିରେ ପ୍ରତିଶୋଧକୁ ପ୍ରଶ୍ରୟ ନଦେଇ ସେ ଅପରାଧୀକୁ ଆଇନର କରଗତ କରାଇଛନ୍ତି। 'କଳା କଳା ଦୁଇ ଆଖି', 'ଡାହାଣୀ ଆଲୁଅ', 'ରକ୍ତ ଗୋଲାପ ଓ ରଙ୍ଗୀନ ସୁରା' ଆଦି ପରି ଅନେକ ଉପନ୍ୟାସରେ ତାହା ଦେଖିବାକୁ ମିଳେ। ଚିନ୍ତା, ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ଉଦ୍ରେକକାରି ବର୍ଣ୍ଣନା ଶୈଳୀ , ପରିବେଶକୁ ଅଧିକ ରହସ୍ୟ ବିଜଡ଼ିତ କରିପାରୁଥିବା ଗଳ୍ପଗୁମ୍ଫନ ପରାକାଷ୍ଠା ତଥା ସହଜ ସରଳ ଶବ୍ଦରେ ଘଟଣାର ନିଖୁଣ ଲୋମୋଦ୍ଗମକାରୀ କୌଶଳ ତାଙ୍କୁ ବେଶ୍ ଜଣା। ତାଙ୍କ ଉପନ୍ୟାସର କଥାବସ୍ତୁରେ ଖୋଲି ହୋଇଯାଏ ଚରିତ୍ରମାନଙ୍କ ଗୋପନ ମନସ୍ତତ୍ତ୍ୱ। ନିଶୀଗନ୍ଧା, ଅମୁହାଁ ଦେଉଳ, ଆତ୍ମହତ୍ୟା, ରାତି କଥା କହେ, ଦିନେ ରାତିରେ ପରି ଉପନ୍ୟାସରେ ଚରିତ୍ରମାନଙ୍କର ଅବଚେତନ ମନର ଚିତ୍ରଣ , ବାସ୍ତବ ଜୀବନରେ କରୁଥିବା କର୍ଯ୍ୟଗତ ଆସଂଗତିକୁ ସ୍ୱଷ୍ଟ କରେ। ଫଳରେ କାହାଣୀ ପ୍ରବାହରେ ରସଭଙ୍ଗ ହୁଏ ନାହିଁ।ତେଣୁ ପାଠକ ଗୋଟେ ଥରରେ ଉପନ୍ୟାସ ଆରମ୍ଭ କରି ଉତ୍କଣ୍ଠା ପ୍ରଶମନ ପାଇଁ କାହାଣୀ ଶେଷ କରିବାକୁ ବାଧ୍ୟହୁଏ ।

ଅନେକ ଉପନ୍ୟାସର କଥାବସ୍ତୁରେ ସେ ନିଜର ଅଙ୍ଗେଲିଭା ଘଟଣାକୁ ଚରିତ୍ର, ସ୍ଥାନ ଆଦିର ନାମ ପରିବର୍ତ୍ତନ କରି ସାହିତ୍ୟିକ ଛଟାରେ ତାକୁ ପରିବେଷଣ କରିଥାନ୍ତି। ଅନେକ କ୍ଷେତ୍ରରେ 'ମୁଁ' ଚରିତ୍ର ଭାବରେ କଥାବସ୍ତୁ ଭିତରେ ନିଜର ଉପସ୍ଥିତି ଓ ଅନୁପ୍ରବେଶରୁ ସେ ମୁକ୍ତ ହୋଇ ପାରି ନାହାଁନ୍ତି। ତେଣୁ ତାଙ୍କ ବର୍ଣ୍ଣିତ କାହାଣୀରେ କଲିକତାର ବର୍ଣ୍ଣନା, ଭୌଗଳିକ ସ୍ଥିତିର ନିଖୁଣ ଚିତ୍ର ଦେଖିବାକୁ ମିଳେ। ଏସବୁ ଭିତରେ ସେ ଓଡ଼ିଶାକୁ କେବେବି ପାଶୋରି ଯାଇ ନାହାନ୍ତି। ପ୍ରତ୍ୟେକ ଘଟଣା ଓଡ଼ିଶାର ପଟ୍ଟଭୂମିରେ ଆରମ୍ଭ ହୋଇ କଲିକତା ଆଡ଼କୁ ମୁହାଁଇ ଥାଏ। ସେଥି ଭିତରେ

ଓଡ଼ିଶାର ସାଂପ୍ରତିକ ସ୍ଥିତି ସହ କଲିକତାର ସାଂପ୍ରତିକ ବାତାବରଣର ଏକ ତୁଳନାତ୍ମକ ନକ୍ସା ଆଙ୍କି ହୋଇଯାଏ ମନ ଭିତରେ। କଲିକତାରେ ବହୁତଳ ବିଶିଷ୍ଟ ପ୍ରସାଦ, ବାର୍ , ଧୂମ୍ରପାନ ଓ ମହାନଗରୀ ରାସ୍ତାରେ ସମ୍ଭ୍ରାନ୍ତ୍ୟ କାର୍ ଅଧିକ ଦେଖିବାକୁ ମିଳିଥାଏ। ତେଣୁ କଣ୍ଟୁରୀଚରଣ ଦାସଙ୍କ ଉପନ୍ୟାସରେ ଅନେକ ବ୍ରାଣ୍ଡ ଏବଂ ମଡ଼େଲର କାର, ଅନେକ ବ୍ରାଣ୍ଡର ସିଗାରେଟର ନମୋଲ୍ଲେଖ ଦେଖିବାକୁ ମିଳେ। ନାରୀମାନଙ୍କ ସ୍ୱାଧୀନତା ଓ ଆଧୁନିକତାର ଚିତ୍ର କଲିକତି ସଭ୍ୟତାର ଅନ୍ୟଏକ ମାନଦଣ୍ଡ।

(୪)

ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ ପରୀକ୍ଷା ନିରୀକ୍ଷାର ସୂତ୍ରପାତ କରିଥିଲେ ଔପନ୍ୟାସିକ କଣ୍ଟୁରୀଚରଣ ଦାସ। ଏକଥା ସତ ଯେ ଗୋଇନ୍ଦା ଉପନ୍ୟାସର ବିବର୍ତ୍ତନ ଧାରା ବିଶ୍ୱ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ନିକଟରେ ମୁଖ୍ୟତଃ ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ସାହିତ୍ୟ ମଧ୍ୟଦେଇ ଗତିକରି ଆସିଛି। ଔପନ୍ୟାସିକ କଲିକତାରେ ରହିବା ଦ୍ୱାରା ସେଠାକାର ପାଠାଗାରରୁ ଅନେକ ଇଂରାଜୀ ଓ ବଙ୍ଗଳା ଗୋଇନ୍ଦା ଉପନ୍ୟାସ ପଢ଼ିବାର ସୁଯୋଗ ପାଇଥିଲେ। ଯାହାର ଫଳ ସ୍ୱରୂପ ଇଂରାଜୀ ଗୋଇନ୍ଦା ଉପନ୍ୟାସ ପରି ଅନେକ ନୂତନ ଦିଗ ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ ଦେଖିବାକୁ ମିଳିଲା। ଯେପରି 'ନୀଳ ନୀଳୟ' ଉପନ୍ୟାସରେ ହିପ୍ନୋଟିଜିମ୍ ବା ସମ୍ମୋହନ ଆଧାରିତ କାହାଣୀ, 'ମିସ୍ ଅଳକାନନ୍ଦା' ଉପନ୍ୟାସରେ ମଲ୍ଟିପୁଲ ପର୍ଶୋନାଲିଟୀ ଡିଶୋର୍ଡର ବା ଏକାଧିକ ବ୍ୟକ୍ତିତ୍ୱ ସଞ୍ଚରଣ, 'ଗୋପନଚାରିଣୀ' ଉପନ୍ୟାସରେ ସ୍ପ୍ଲିଟପର୍ଶୋନାଲିଟି ବା ଦ୍ୱୈତବ୍ୟକ୍ତିତ୍ୱକୁ କେନ୍ଦ୍ର କରି କାହାଣୀ ଉପନ୍ୟାସର କଳେବର ମଣ୍ଡିତ କରିଛି। ପାଠକୀୟ ରୁଚିକୁ ପରିପୁଷ୍ଟ କରିବା ପାଇଁ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ କବିବର ରାଧାନାଥ ରାୟଙ୍କ ପରି ପାଶ୍ଚାତ୍ୟ ତଥା ବଙ୍ଗଳା ଗୋଇନ୍ଦା ଉପନ୍ୟାସର ଛାଞ୍ଚ ଉପରେ ଓଡ଼ିଶା ସଂସ୍କୃତି, ଐତିହ୍ୟର ସାହିତ୍ୟିକ ପୁଟ ଲଗାଇ ଉପନ୍ୟାସ ପରିବେଷଣ କରିଥିବାର ମଧ୍ୟ ନଜିର ରହିଛି।

ରହସ୍ୟାନୁସନ୍ଧାନୀ ଚରିତ୍ରର ଭୂମିକା ଗୋଇନ୍ଦା ଉପନ୍ୟାସରେ ଖୁବ ଗୁରୁତ୍ୱପୂର୍ଣ୍ଣ। କଣ୍ଟୁରିଚରଣଙ୍କ ଦ୍ୱାରା ରଚିତ ଗୋଇନ୍ଦା ଉପନ୍ୟାସରେ ଗୋଇନ୍ଦାର ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ଶୈଳୀ ନିଆରା। ଖୁବ୍ ସୂକ୍ଷ୍ମ ମନସ୍ତାତ୍ତ୍ୱିକ ଅନୁଶୀଳନ ଦ୍ୱାରା ଅପରାଧୀକୁ ଚିହ୍ନଟ କରାଯାଇଥାଏ। ବଙ୍ଗଳା ସାହିତ୍ୟରେ ସେତେବେଳେକୁ ପାଠକ ପ୍ରାଣରେ ଜୀବନ୍ତ ହୋଇ ଉଠିଥିବା ଗୋଇନ୍ଦା ଚରିତ୍ର ଶୋରଦିନ୍ଦୁ ବନ୍ଦୋପାଧ୍ୟାୟଙ୍କ 'କିରିଟୀ' ସତ୍ୟଜିତ ରାୟଙ୍କ 'ଫେଲୁଦା' ପରି କଣ୍ଟୁରିଚରଣ ଦାସଙ୍କ କାଳ୍ପନିକ ଅନୁସନ୍ଧାନୀ 'ସତ୍ୟଜିତ ମହାପାତ୍ର'ଙ୍କୁ ପ୍ରତିଷ୍ଠିତ କରାଇ ପାରିଥିଲେ।

(୫)

ଏକାଧାରରେ ସର୍ଜନା, ମୁଦ୍ରଣ, ସମ୍ପାଦନା ଓ ବିତରକ ଦାୟିତ୍ୱ ନିର୍ବାହ କରିବା ସହଜ କଥା ନୁହେଁ। ପତ୍ରିକା ଓ ପୁସ୍ତକର ମୁଦ୍ରଣ କାଳରେ ସେହିଠାରେ ହିଁ ବସି ରାତିରେ ଔପନ୍ୟାସିକ ଗୋଇନ୍ଦା ଉପନ୍ୟାସ ରଚନା କରୁଥିଲେ। ତାଙ୍କର ସ୍ଥାୟୀ ବାସସ୍ଥାନ ବାଲିଗଞ୍ଜରେ ହେବାପରେ ମୁଦ୍ରଣ ପାଇଁ 'କଳିଙ୍ଗ ମୁଦ୍ରଣୀ' ନୂର୍ ମହମ୍ମଦ ଲେନକୁ ପ୍ରତ୍ୟେହ ଆସିବାକୁ ପଡୁଥିଲା। ବୟସ ବଢ଼ିବା ସାହିତ୍ୟ ପ୍ରକାଶନ ପାଇଁ ଆର୍ଥିକ ସ୍ଥିତି ମଧ୍ୟ ତାଙ୍କର ସଙ୍କଟାପନ୍ନ ସ୍ଥିତି ଦେଇ ଗତି କରିଥିଲା। ତେଣୁ ସେ ଭୁବନେଶ୍ୱରରେ ଏକଦା କିଣିଥିବା ଭବନ ବିକ୍ରି କରିଦେଇଥିଲେ। ଅଧିକ ଅଭାବ ହେବାରୁ ନିଜ କୋଟରେ ଲାଗିଥିବା ହୀରାର ବୋତାମକୁ ମଧ୍ୟ ବାହାର କରି ଦେଇ ଦେଇଥିଲେ। ସେଇଟା ଥିଲା ପ୍ରକାଶନ ସଂସ୍ଥାକୁ ଚଳାଇ ରଖିବା ପାଇଁ ତାଙ୍କର ଶେଷ ପ୍ରୟାସ। ପରେ ରାଜଶ୍ରୀ ପ୍ରକାଶନୀ ବନ୍ଦ ହୋଇଗଲା। ଏହା ପରେ ମଧ୍ୟ ସେ ହରିଯାଇ ନଥିଲେ। ସ୍ୱପ୍ନ ଦେଖିଥିଲେ ଭୁବନେଶ୍ୱରରୁ ପ୍ରକାଶ କରିବା ପାଇଁ। ତାହା କିନ୍ତୁ ଶେଷ ପର୍ଯ୍ୟନ୍ତ ସଫଳ ହୋଇପାରି ନଥିଲା। ତାଙ୍କ ଦ୍ବାରା ରଚିତ ଗୋଇନ୍ଦା ଉଉପନ୍ୟାଗୁଡ଼ିକର ପାଠକୀୟ ଚାହିଦାକୁ ଲକ୍ଷ୍ୟ କରି 'କାହାଣୀ ପ୍ରକାଶନ' ସେଗୁଡ଼ିକର ଏକତ୍ରିକା ପ୍ରକାଶ କରିଛନ୍ତି।

ସତ୍ୟଜିତ ରାୟଙ୍କ ରଚିତ ଗୋଇନ୍ଦା ଉପନ୍ୟାସର ପ୍ରସିଦ୍ଧ ଚରିତ୍ର 'ଫେଲୁଦା' ଓରଫ୍ ପ୍ରଦୋଷ ଚନ୍ଦ୍ର ମିତ୍ତର୍ ଙ୍କ କାହାଣୀ ବର୍ଣ୍ଣିତ ବାସସ୍ଥାନ ହେଉଛି ରଜନୀ ସେନ୍ ରୋଡ଼, ବାଲିଗଞ୍ଜ ୨୧, କଲିକତା। କଣ୍ଟୁରିଚରଣ ଦାସ କଲିକତାରେ ନିଜସ୍ୱ ଘର କରି ରହି ପ୍ରତିଷ୍ଠିତ ହେବା ପରେ ତାଙ୍କର ଠିକଣା ଥିଲା – ୨୦/୩, ବାଲିଗଞ୍ଜ ପ୍ଲେସ, କଲିକତା। ଅବଶ୍ୟ ସେ ଓଡ଼ିଆ ଗୋଇନ୍ଦା ଉପନ୍ୟାସରେ ଫେଲୁଦା ନାମକ କୌଣସି ରହସ୍ୟାନୁସନ୍ଧାନୀ ସୃଷ୍ଟି କରି ନାହାନ୍ତି। ମାତ୍ର ତାଙ୍କର ବାଲିଗଞ୍ଜ ରହଣୀ ଭିତରେ ଓଡ଼ିଆ ଗୋଇନ୍ଦା ଉପନ୍ୟାସ ପ୍ରତି ଥିବା ବ୍ୟାପକ ଅବଦାନ ହେତୁ ତାଙ୍କୁ 'ବାଲିଗଞ୍ଜର ଓଡ଼ିଆ ଫେଲୁଦା' କୁହାଯାଇଛି।

ତାଙ୍କ ରଚିତ ଗଳ୍ପ ବା ଉପନ୍ୟାସରେ ଓଡ଼ିଶାକୁ ନେଇ ବା ପ୍ରବାସକୁ ନେଇ କୌଣସି ବ୍ୟକ୍ତିଗତ ଆଲେଖ୍ୟ ସ୍ଥାନ ପାଇନାହିଁ। ମାତ୍ର ତାଙ୍କ ଗଳ୍ପ ଉପନ୍ୟାସର ପୃଷ୍ଠଭୂମି ଓ ପ୍ରେକ୍ଷାପଟରେ ସ୍ୱବାସ ଓ ପ୍ରବାସର ଗୁରୁତ୍ୱ ବେଶ୍ ଉପଲବ୍ଧ।

●

ନୂ ଆ କ ଥା

N I N A D A


# ନି ନା ଦ

ବନ୍ଧୁଗଣ ! ଆପଣ କବିତା ଲେଖନ୍ତି କି ? ଆପଣଙ୍କ ବୟସ ୨୫ ବର୍ଷରୁ କମ୍ କି ? ତେବେ ଆଉ ଡେରି କାହିଁକି ! ଆପଣ ବି ପଠେଇ ପାରିବେ ନିଜ କବିତା ଆଗାମୀ ସଂଖ୍ୟା 'ନିନାଦ' ପାଇଁ । ଆମେ ସବୁବେଳେ ନୂଆପଣର ସାନ୍ଧନରେ, ନୂଆ ପ୍ରତିଭାର ସନ୍ଧାନରେ ।

ଆଜି ହିଁ ଆପଣଙ୍କ ଦୁଇଟି ସୁନିର୍ବାଚିତ କବିତା ଆମକୁ ପଠାନ୍ତୁ । ଏବଂ, ଏହା ସହ ନିଜ ଠିକଣା ଓ ଏକ ସୁନ୍ଦର ଫଟୋ । ଆମେ ଅପେକ୍ଷାରେ ।

ଇ-ମେଲ : bageesha.magazine@gmail.com

ନୂ ଆ ବ ହି




# ନିଜପାଇଁ ଯେତେ କବିତା

(କବିତା ସଂକଳନ )

କବି : ବିକେଶ ସାହୁ

ପ୍ରକାଶକ : ବନଫୁଲ ପ୍ରକାଶନ

ପ୍ରଥମ ପ୍ରକାଶ : ୨୦୨୩

ପୃଷ୍ଠା - ୭୦, ମୂଲ୍ୟ - ୧୫୦ ଟଙ୍କା

ପ୍ରଥମ ବର୍ଷ, ସଂଖ୍ୟା - ୦୪। ଜୁଲାଇ - ଅଗଷ୍ଟ ୨୦୨୩
Volume No. 01। Issue No. 04। Jul - Aug 2023

# 'କଂସର ଆତ୍ମା' ନାଟକର ଆଙ୍ଗିକ କଳା ଓ କୌଶଳ

■ ପ୍ରମୋଦିନୀ ସ୍ୱାଇଁ



ରାଣୀହାଟ, ରେଭେନ୍ସା କଲେଜ ଛକ, କଟକ-୭୫୩୦୦୩

୧୯୭୦ ପରବର୍ତ୍ତୀ ଓଡ଼ିଆ ନାଟକ ଗତାନୁଗତିକ ଶୃଙ୍ଖଳାରୁ ମୁକ୍ତ ହୋଇ ନୂତନ ସାରଣୀରେ ଯିବା ପାଇଁ ବାଟ ଖୋଜୁଥିବା ବେଳେ ଶତ ଘାତ-ପ୍ରତିଘାତ ଭିତରେ ତାକୁ ନୂତନ ପରିଚିତି ଦେବାପାଇଁ ସତେ ଯେମିତି ଦୃଢ଼ ସଂକଳ୍ପ ଗ୍ରହଣ କରିଥିଲେ ନାଟ୍ୟକାର ବିଜୟ କୁମାର ଶତପଥୀ। ୧୯୭୪ ମସିହାରେ ନାଟ୍ୟକାରଙ୍କର ପ୍ରଥମ ଛୋଟ ନାଟକ 'ଫସିଲର ନିଦ୍ରାଭଙ୍ଗ'। କହିବାବାହୁଲ୍ୟ ଯେ 'ଫସିଲର ନିଦ୍ରାଭଙ୍ଗ' ମଞ୍ଚସ୍ଥ ପରେ ପରେ ହିଁ ନିଜର ଲେଖନୀ ଉପରେ ତାଙ୍କର ଗଭୀର ଆସ୍ଥା ଆସିଥିଲା। ତେବେ ଜଣେ ନାଟ୍ୟକାର ରୂପରେ ତାଙ୍କ ଆତ୍ମପ୍ରକାଶ ହୁଏ ଗତ ଶତକର ସପ୍ତମ ଦଶକରେ। ଇତି ମଧ୍ୟରେ ତାଙ୍କ ଲେଖନୀରୁ ଫସିଲର ନିଦ୍ରାଭାଙ୍ଗ (୧୯୭୬), ବିବର୍ଣ୍ଣ ସହର (୧୯୭୬), କ୍ଷୁଧିତ ସରୀସୃପ (୧୯୭୮), କଂସର ଆତ୍ମା (୧୯୮୦), ବିଷାଦ ବୃତ୍ତର କାହାଣୀ (୧୯୮୧), ଏଇ ଯେ ସୂର୍ଯ୍ୟ ଉଏଁ (୧୯୮୫), କର୍ଣ୍ଣ (୧୯୯୨), ଶୋଣିତ ସ୍ୱାକ୍ଷର (୨୦୦୦), କାରାଗାରର କାହାଣୀ (୧୯୮୧), ପ୍ରଳୟ ପରେ (୨୦୦୧) ଆଦି ବହୁ ନାଟକ ଆତ୍ମପ୍ରକାଶ କରିସାରିଛି।

ତେବେ ଏହି ପରିପ୍ରେକ୍ଷୀରେ ନାଟ୍ୟକାର ବିଜୟ ଶତପଥୀଙ୍କ 'କଂସର ଆତ୍ମା' ନାଟକର ବିବିଧ ଆଙ୍ଗିକ ଦିଗ ଉପରେ ଆଲୋଚନାଟିକୁ ଗତିଶୀଳ କରାଯାଇପାରେ।

**କଥାବସ୍ତୁ** : 'କଂସର ଆତ୍ମା' ଦୁଇଟି ଭିନ୍ନ ପରିବେଶକୁ ନେଇ ଗଢ଼ି ଉଠିଛି। ପ୍ରଥମ ପର୍ଯ୍ୟାୟଟି କାଳ୍ପନିକ ପଟ୍ଟଭୂମିରେ ରୂପାନ୍ତର ଘଟିଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଛି ଆଧୁନିକ ସମାଜ ବ୍ୟବସ୍ଥା। ପ୍ରଥମ ପର୍ଯ୍ୟଟି କାଳ୍ପନିକ ରାଜକୀୟ ପଟ୍ଟଭୂମି ଓ ଦ୍ୱିତୀୟ

ପର୍ଯ୍ୟାୟଟି ଗଣତନ୍ତ୍ର ତଥା ଆଧୁନିକ ଶିଳ୍ପ ସଭ୍ୟତାର ପଟ୍ଟଭୂମିର ରଚିତ। ଏହି ନାଟକ ପୁରାଣର କଂସ ଚରିତ୍ରକୁ ନୂତନ ନାଟ୍ୟ ଶୈଳୀରେ ମଣ୍ଡିତ କରି ଉପସ୍ଥାପନା କରିଛି। ପ୍ରଥମ ଦୃଶ୍ୟ ଆରମ୍ଭ ହୋଇଛି ମଂଚର ଗଭୀର ଅନ୍ଧାରରେ ଏକ କରୁଣ ସଙ୍ଗୀତର ମୂର୍ଚ୍ଛନା ସମଗ୍ର ମଂଚକୁ ଆଚ୍ଛନ୍ନକରି ରଖିଥିବା ବେଳେ ମଂଚ ଉପରକୁ ସୂତ୍ରଧର ଆସି ଶୁଣାଇଛନ୍ତି, ସବୁ ସମୟରେ କିପରି ଅତ୍ୟାଚାର ନିପିଡ଼ନର ପ୍ରଭୁତ୍ୱ ଜାହିର ହୋଇଛି। ଶୋଷଣର ଲିପ୍ସା ସୃଷ୍ଟିର ଆରମ୍ଭକୁ ମଣିଷର ରକ୍ତ କଣିକାରେ ମିଶି ଯାଇଛି। ପୁରାଣ ଯୁଗର କଂସ ମରିଛି ସତ ମାତ୍ର ତା'ର ଆତ୍ମା ଯୁଗ ଯୁଗ ଧରି ଆହୁରି କଂସମାନେ ଜନ୍ମ ନେଇଛନ୍ତି। ମହାରାଜ ରାଜଦରବାରରେ ବୟସ୍ୟ ୨ୟ ଓ ୩ୟ ପାରିଷଦ ଉପସ୍ଥିତ ଥିବା ବେଳେ ରାଜା ଅନ୍ଧକଙ୍କର ତାଙ୍କ ମହିମା ପରାକ୍ରମର ଗୁଣଗାନ କରିଛନ୍ତି। ଏହି ଜୟ ଧ୍ୱନି ସ୍ୱର ମଧ୍ୟରେ ହଠାତ୍ ଆସିଛି ପ୍ରତିବାଦର ସ୍ୱର। ପ୍ରଥମ ପରିଷଦ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ବାଧ ହୋଇଛି ସ୍ୱର ଉତ୍ତୋଳନ ପାଇଁ। ସେ ଜାଣେ ଏହାର ପରିଣାମ ମୃତ୍ୟୁ ହୋଇପାରେ କିନ୍ତୁ ସେ ଦୀର୍ଘ ଦିନ ଧରି ନିଜକୁ ବନ୍ଦୀ ହୋଇଥିବା ମିଥ୍ୟା ପାଚେରୀକୁ ଭାଙ୍ଗି ତା'ର ନାମ ସତ୍ୟବ୍ରତ ନାମକୁ ସେ ଉପଲବ୍ଧି କରିଛି। ସତ୍ୟବ୍ରତ ରାଜଦ୍ରୋହ କରିଥିବାରୁ ଅନ୍ଧକ ଆଦେଶ ଅନୁସାରେ ରକ୍ଷୀ ବିସ୍ତୃତ ରାଜଦାଣ୍ଡରେ ସତ୍ୟବ୍ରତର ଚକ୍ଷୁ ଉତ୍ପାତ କରିଛି। ରାଜା ଅନ୍ଧକ ସ୍ୱପ୍ନ ଦେଖି ଭୟଭୀତ ହୋଇଛନ୍ତି। ଆଦେଶ ଅନୁସାରେ ମନ୍ତ୍ରୀ ଚତୁରାକ୍ଷ ସୈନ୍ୟବଳ ସାଥିରେ ରାଜ୍ୟର ଦୁଃଖୀ ଦରିଦ୍ର ପର୍ଯ୍ୟାୟଙ୍କୁ ନିର୍ମମ ଭାବରେ ହତ୍ୟା କରିଛି। ଦ୍ୱିତୀୟ ଦୃଶ୍ୟରେ ଦରିଦ୍ର ତମ ପ୍ରଜା ଧର୍ମପାଳ ଯିଏକି ଏକ ପୁତ୍ର ସନ୍ତାନ ଜନ୍ମହେବାର ସ୍ୱପ୍ନ ଦେଖିଛି ଅନୁରୂପ ଭାବେ ରାଜାଙ୍କ ସ୍ୱପ୍ନ ଦେଖିଛନ୍ତି ଯେ ରାଜ୍ୟର ଏକ ଦରିଦ୍ର ପ୍ରଜାର ସନ୍ତାନ ତାଙ୍କ ମୃତ୍ୟୁର କାରଣ ହେବ। ଧର୍ମପାଳ ଓ ତା'ର ଗର୍ଭବତୀ ପତ୍ନୀକୁ କାରଗାରରେ ବନ୍ଦୀରଖିବା ଏବଂ ସନ୍ତାନ ଜନ୍ମହେବା ମାତ୍ରେ ତା' ତଣ୍ଡିଚିପି ନିର୍ମମ ଭାବେରେ ହତ୍ୟା କରିବେ। ତୃତୀୟ ଦୃଶ୍ୟରେ ରାଜ ଦରବାର ଚର୍ତୁଦିଗରେ ମୃତ୍ୟୁ ପରି ନିସ୍ତବତା ଖେଳି ଯାଇଛି। ପ୍ରଜାମାନଙ୍କ ଅହରହ ଅସହ୍ୟ ଚିତ୍କାର ଖେଳିଯାଇଛି। ବନ୍ଦୀଶାଳାରେ ଶିଶୁପୁତ୍ର ଜନ୍ମ ହେବା ମାତ୍ରେ ଧର୍ମପାଳ ଓ ବନ୍ଦୀମାନଙ୍କର ଶୃଙ୍ଖଳ ସବୁ ଉନ୍ମୁକ୍ତ ହୋଇଯାଇଛି ତତ୍ ସହିତ ଅସ୍ତ୍ର ଶସ୍ତ୍ର ଧରି ଛୁଟିଯାଇଥିବା ସୈନ୍ୟବାହିନୀମାନେ ମୃତ୍ୟୁ ବରଣ କରିଛନ୍ତି। ଶିଶୁ ଜନ୍ମ ହେବା ପରେ ସତ୍ୟବ୍ରତ ସେ ତା'ର ଦୃଷ୍ଟି ଶକ୍ତି ଫେରିପାଇଛି ଶେଷରେ ସତ୍ୟର ଜୟ ହୋଇଛି ଏବଂ ଅତ୍ୟାଚର ପ୍ରତିକ ଅନ୍ଧକ ସହ ମନ୍ତ୍ରୀ ଓ ସହକର୍ମୀ ଶୃଙ୍ଖଳ ପିନ୍ଧି ଠିଆ ହୋଇଛି। ଏବଂ ହସି ହସି କହିଛି ମୋର ବିଚାର ପୁଣି ଜନତା କରିବ ଅନ୍ଧକ ପୁଣି ମାନିନେବ ପରାଜୟ? ନା ଅସମ୍ଭବ ଏକ ସାମୟିକ ପରାଜୟ ରୂପାନ୍ତର ହୁଏତ ଆଜିର ବିପ୍ଳବରେ ଅନ୍ଧକ ମରିଯାଇପାରେ ହେଲେ, ସେ ପୁଣି ଜନ୍ମିବ ଭିନ୍ନ ରୂପରେ। ଦ୍ୱିତୀୟ ପର୍ଯ୍ୟାରେ ଶିଳ୍ପପତି ଅନ୍ଧଲୋଚନ ସାହସ ମଲ୍ଲଙ୍କର ଫ୍ୟାକ୍ଟ୍ରୀ ଧର୍ମଘଟକୁ ନେଇ କାହାଣୀଟି ଗତିଶୀଳ ହୋଇଛି। ଅର୍ଥ କ୍ଷମତାର ଆସନରେ ଅଧିପତି ଅନ୍ଧଲୋଚନଙ୍କ ପାଖରେ ଶ୍ରମିକମାନେ ନିଜର ହକ୍ ଦାବୀ ପାଇଁ ଧାରଣା ଦେଇଛନ୍ତି। ଏଠାରେ ଅନ୍ଧକ, ଚତୁରାକ୍ଷ, ବୟସ୍ୟ ଏବଂ ପରିଷଦ ବର୍ଗ ପ୍ରଭୃତିଙ୍କୁ ଆମେ ନଭେଟିଲେ ମଧ୍ୟ ତାଙ୍କର ସମଗୋତ୍ରୀୟମାନଙ୍କୁ ଭେଠିବା। ଅନ୍ଧଲୋଚନ ଶିଳ୍ପପତି ତଥା ନେତା ମଧ୍ୟ ଚତୁର ସେନ୍ ସେ ଫ୍ୟାକ୍ଟ୍ରୀର ଜଣେ ସେୟାର ହୋଲଡ଼ର୍ ଓ ରାଜନୀତି କ୍ଷେତ୍ରରେ ଅନ୍ଧଲୋଚନକ ସହକର୍ମୀ ଜଣେ ପୋଲିସ୍ କର୍ମଚାରୀ ସେମାନେ ଆଗକୁ ଆସୁଥିବା ନିର୍ବାଚନକୁ ନେଇ ଆଲୋଚନା ଚାଲିଥିବା ବେଳେ ଏହି ସମୟରେ ଫ୍ୟାକ୍ଟ୍ରୀର ଧର୍ମଘଟ ତଥା ଶ୍ରମିକମାନଙ୍କ ପ୍ରତିବାଦ ସମ୍ପର୍କରେ ସୂଚନା ଦେଇଛି। ପ୍ରତିବାଦର କାରଣ ହୋଇଛି ଅଧିକ ମଜୁରୀ ଦିଅ, ବୋନସ୍ ଦିଅ, ଛୁଟି ଦିଅ। ବିପ୍ଳବ ରାୟ ଜଣେ ଯୁବକ ଲୋକମାନଙ୍କୁ ରିଭୋଲ୍ୟୁସ୍ ପାଇଁ ପରାମର୍ଶ ଦେଉଛି ଏହାର ନେତୃତ୍ୱ ନେଇଛନ୍ତି ସତ୍ୟବ୍ରତ ଓ ଧର୍ମପାଳ । ଦ୍ୱିତୀୟ ଦୃଶ୍ୟ ଆରମ୍ଭ ହୋଇଛି ଶ୍ରମିକମାନଙ୍କର ଧର୍ମ ଘଟର ଅବସାନ ଯେପରି ଘଟେ ଏ ଦାୟିତ୍ୱ ଚତୁର ସେନଙ୍କୁ। ଅନ୍ଧଲୋଚନ, ଚତୁରସେନ, ପୋଲିସ୍ କର୍ମଚାରୀ ମିଶି ତାଙ୍କ ସହକର୍ମୀ ସହ ସ୍ମଗ୍ଲିଙ୍ଗ୍ କରିଛନ୍ତି। ଅନ୍ଧଲୋଚନ ଟଙ୍କାର ବଳରେ ପ୍ରତିରୋଧ କରୁଥିବା ସମସ୍ତଙ୍କ ମୁହଁକୁ ବନ୍ଦ କରିଛି। ତୃତୀୟ ଦୃଶ୍ୟ ଅନ୍ଧଲୋଚନ ଦିଲ୍ଲୀ ଯିବା ପରେ ଫ୍ୟାକ୍ଟ୍ରୀରେ ଶ୍ରମିକ ମହଲରେ ଅସନ୍ତୋଷର ବହ୍ନି କୁହୁଳି ଉଠିଛି। ମ୍ୟାନେଜର୍ ସତ୍ୟବ୍ରତ ଓ ଧର୍ମପାଳଙ୍କୁ ଧର୍ମଘଟ ସଂକ୍ରାନ୍ତରେ ସମାଧାନର କଥା ଭାଷା ପାଇଁ ଡକାଇଛି ଓ ଧର୍ମଘଟର ଅପୋଷ ସମାଧାନ ପାଇଁ ପ୍ରସ୍ତାବ ଦେଇଛି। ସତ୍ୟବ୍ରତ ଶ୍ରମିକ ୟୁନିୟନର ସମସ୍ତ ଦାବୀକୁ ମାନିନେବା ପାଇଁ ମ୍ୟାନେଜରଙ୍କୁ କହିଛି। ଆନ୍ଦୋଳନ ପ୍ରତିହାର କରିବା ପାଇଁ ଚତୁର ସେନ ପ୍ରମୋସନ୍ ପ୍ରଲୋଭନ ଦେଖାଇଛି। ଧର୍ମପାଳ ମଧ୍ୟ ତା'ର ଉଚିତ୍ ଜବାବ ଦେବାକୁ ଯାଇ କହିଛି – "We hate money. ଆମେ ଖୋସାମଦ

କରି ବଂଚିବାକୁ ଚାହୁଁନା। ମଣିଷପରି ବଂଚିବୁ। 'ଦ୍ୱିତୀୟ ଦୃଶ୍ୟରେ ଅନ୍ଧୋଲୋଚନ ନିର୍ବାଚନ ଜିତି ଯାଇଛି। ଚତୁର ସେନ୍ ଓ ମ୍ୟାନେଜରର ଲୋକମାନେ ଶ୍ରମିକ ସଂଘର ନେତା ବିପ୍ଳବକୁ ହତ୍ୟାକରି ଧର୍ମପାଳ ଓ ସତ୍ୟବ୍ରତଙ୍କ ଘରେ ସବୁ ପ୍ରମାଣ ରଖିଦେଇଆସିଛନ୍ତି। ଯା' ସେମାନକୁ ହତ୍ୟା କରିଛି ବୋଲି ପ୍ରମାଣ କରିବା ପାଇଁ ଯଥେଷ୍ଟ ହେବ। ଅନ୍ଧଲୋଚନ, ଚତୁରସେନ୍ ଓ ମ୍ୟାନେଜରର ଷଡ଼ଯନ୍ତ୍ରରେ ଶିକାର ହୋଇଛନ୍ତି ଧର୍ମପାଳ ଓ ସତ୍ୟବ୍ରତ। ପ୍ରମାଣକୁ ଆଖି ଆଗରେ ରଖି ପୋଲିସ୍ ସେ ଦୁହିଁକୁ ଆରେଷ୍ଟ କରିଛି। ଧର୍ମପାଳ ଯିବାବେଳେ ଅନ୍ଧଲୋଚନକୁ ବିପ୍ଳବର ବାର୍ତ୍ତା ଶୁଣାଇ କହିଛି ମିଥ୍ୟା ଅଭିଯୋଗରେ ଆମକୁ ଜେଲ୍ କିମ୍ବା ଫାଶି ହୋଇପାରେ। ମାତ୍ର ସମୟର ସ୍ପନ୍ଦନକୁ ଆପଣ କେବେ ଫାଙ୍କିପାରିବେନି। ନୂଆ ଯୁଗ ନିଶ୍ଚୟ ଆସିବ। ଧର୍ମଘଟରେ ଭାଗ ନେଇଥିବା କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ।

**ଚରିତ୍ର** : ନାଟକରେ ଏକ ବିଶିଷ୍ଟ ଉପାଦାନ ହେଉଛି ଚରିତ୍ର। ଚରିତ୍ରକୁ ନେଇ ନାଟକ ଗତିଶୀଳ ହୋଇଥାଏ। କଂସର ଆତ୍ମା ନାଟକରେ ପ୍ରଥମ ପର୍ଯ୍ୟାୟରେ କାଳ୍ପନିକ ପଟ୍ଟଭୂମିର ଚରିତ୍ରମାନେ ହେଲେ ଅନ୍ଧକ, ଚତୁରାକ୍ଷ, ବୟସ୍ୟ, ପ୍ରଥମ ପାରିଷଦ (ସତ୍ୟବ୍ରତ), ଦ୍ୱିତୀୟ ପାରିଷଦ, ତୃତୀୟ ପାରିଷଦ, ଧର୍ମପାଳ, ରକ୍ଷୀ - ଏହି ଚରିତ୍ର ମାନଙ୍କର ରୂପାନ୍ତର ଘଟିଛି ଦ୍ୱିତୀୟ ପର୍ଯ୍ୟାର ଗଣତାନ୍ତ୍ରିକ ଆଧୁନିକ ବ୍ୟବସ୍ଥାରେ ଯଥା- ଅନ୍ଧଲୋଚନ, ଚତୁରସେନ। ମ୍ୟାନେଜର ପୋଲିସ୍ ଅଫସର, ଫ୍ୟାକ୍ଟ୍ରୀ, କର୍ମଚାରୀ, କନେଷ୍ଟବଳ, ସତ୍ୟବ୍ରତ ଓ ଧର୍ମପାଳ। ନାଟ୍ୟକାର ଅନ୍ଧକ ଚରିତ୍ରକୁ ରାଜା ଭୂମିକାରେ ଚିତ୍ରଣ କରିଛନ୍ତି ଯିଏ ମୃତ୍ୟୁକୁ ଅସ୍ୱୀକାର କରେ ନିଜକୁ ମୃତ୍ୟୁଞ୍ଜୟୀ ତଥା ଦେବତା ବୋଲି ଅହଂକାର କରେ। ସତ୍ୟବ୍ରତକୁ ରାଜଦ୍ରୋହ ଆଖ୍ୟା ଦେଇ ତା'ର ଚକ୍ଷୁ ଉତ୍ପାଡ଼ିତ କରିବାର ଆଦେଶ ଦେଇଛି। ଅନ୍ଧକ ଏଠି ପୁରାଣ ଯୁଗର କଂସର ପ୍ରତିଭୂ। ଦୁର୍ବଳ ପ୍ରଜାଙ୍କୁ ନିର୍ମମ ଭାବରେ ଶାସ୍ତି ଦେଇଛି। ଏକ ସ୍ୱପ୍ନ ଅନ୍ଧକୁ ବିଚଳିତ କରିଛି ନିଜକୁ ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ ଭାବେ ଘୋଷଣା କରି ଦରିଦ୍ର ପ୍ରଜା ଧର୍ମପାଳ ତା'ର ଗର୍ଭବତୀ ପତ୍ନୀକୁ କାରାଗାରରେ ଅନ୍ଧାର କକ୍ଷରେ ବନ୍ଦୀ କରିଛି। ଯେଉଁ ଶିଶୁକୁ ହତ୍ୟାକରିବ ବୋଲି ମନସ୍ତ କରିଛି ସେ ଦେବୋପମ ଶିଶୁ ଜନ୍ମହୋଇ ରାଜା ଅନ୍ଧକର ହାତରେ ଲୁହାର ଶୃଙ୍ଖଳ ପିନ୍ଧିବାର କାରଣ ହୋଇଛି। ଉତ୍ତର ଆଧୁନିକ ନାଟକରେ ଚରିତ୍ର ମାନଙ୍କର Transfrormation ବା ରୂପାନ୍ତିକରଣ ପରିଲକ୍ଷିତ ହୋଇଥାଏ। ଯାହାକି ଏହି ନାଟକରେ ହୋଇଛି। ଏହି ନାଟକର ଅତୀତ କାଳ୍ପନିକ ଦୃଶ୍ୟର ଚରିତ୍ର ଅନ୍ଧକ ରାଜା ହେବା ବେଳେ ପରବର୍ତ୍ତୀ ବର୍ତ୍ତମାନ ଦୃଶ୍ୟରେ ଅନ୍ଧଲୋଚନ ନାମିତ ହୋଇ ଏକ ଫ୍ୟାକଟ୍ରୀ ମାଲିକ ତଥା ନେତାରେ ପରିଣତ ହୋଇଛି। ନିର୍ବାଚନକୁ ଟଙ୍କା ଦ୍ୱାରା କିଭଳି ଜିତି ପାରିବ ତାହା ପୋଲିସ୍ ଅଫିସର ଓ ଚତୁରସେନଙ୍କ ସହ ଯୋଜନା କରିଛି। ଫ୍ୟାକ୍ଟ୍ରୀରେ ଧର୍ମଘଟ ହୋଇଛି ଅନ୍ଧଲୋଚନ ମନେକରେ ଯେଉଁମାନେ ଆର୍ଦଶ ନ୍ୟାୟକୁ ଜାବୁଡ଼ି ଧରନ୍ତି ସେମାନେ ବୋକା। ସରକାରୀ ଦଳର ସମସ୍ତ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ହାତରେ ରଖି ଗୋଲ୍ଡ ବିସ୍କୁଟ୍‌ର ସ୍ମଗ୍ଲିଂକରିଛି। ନିର୍ବାଚନ ଜିତି ନେତା ହୋଇଛି। ଶେଷରେ ଚତୁର ସେନ୍ ଓ ମ୍ୟାନେଜର ସହ ମିଶି ଷଡ଼ଯନ୍ତ୍ରକରି ବିପ୍ଳବ ରାୟର ହତ୍ୟାକରୀ ସତ୍ୟବ୍ରତ ଓ ଧର୍ମପାଳ ବୋଲି ପ୍ରମାଣିତ କରାଇ ତାଙ୍କୁ ଜେଲ୍ ପଠାଇଛି।

କୁଟନୀତିଜ୍ଞ ତଥା ମନ୍ତ୍ରୀ ଚତୁରାକ୍ଷ ଯେ ପ୍ରଜାର ହିତାକାଂକ୍ଷୀ କିନ୍ତୁ ସେ ପ୍ରତିବାଦୀ ସତ୍ୟବ୍ରତକୁ ରାଜଦ୍ରୋହୀ ଆରୋପ କରିଛି। ରାଜା ଅନ୍ଧକ ଆଦେଶ କ୍ରମେ ରକ୍ଷୀଙ୍କୁ ଆଦେଶ ଦେଇଛି ସତ୍ୟବ୍ରତର ଚକ୍ଷୁକୁ ଉତ୍ପାଟିତ କରିବା ପାଇଁ। ଅନ୍ଧକ ରାଜାଙ୍କର ସ୍ୱପ୍ନକଥା ଶୁଣି ଆଦେଶ ଅନୁକ୍ରମେ ରାଜ୍ୟର ପ୍ରଜା ଧର୍ମପାଳ ଓ ତା'ର ଗର୍ଭବତୀ ପତ୍ନୀକୁ କାରାରୁଦ୍ଧ କରିଛି। ଶିଶୁ ପୁତ୍ର ଜନ୍ମହେବା ମାତ୍ରେ ସବୁକିଛି ପରିବର୍ତ୍ତନ ହୋଇଯାଇଛି। ନିଜକୁ ଭୟଭୀତ ମନେକରିଛି। ଶେଷରେ ଅନ୍ଧକ ସହ ହାତରେ ଶୃଙ୍ଖଳ ପିନ୍ଧିଛି। ଠିକ୍ ଏହି ଚରିତ୍ରର ରୂପାନ୍ତରଣ ଘଟିଛି ବର୍ତ୍ତମାନ ଦୃଶ୍ୟରେ ଯେ ହୋଇଛି ଚତୁର ସେନ୍, ମାଲିକ ଅନ୍ଧଲୋଚନର ସବୁଆଦେଶକୁ ପାଳନ କରିଛି ଓ ସେ ଫ୍ୟାକ୍ଟ୍ରୀର ସେୟାର ହୋଲଡ଼ର୍ ହୋଇଛି। ତା'ର ସହକର୍ମୀ ସହ ମିଶି ସ୍ମଗ୍ଲିଂ କରିଛି। ପୂର୍ବ କଳ୍ପିତ ଯୋଜନାକୁ ୱାର୍କଆଉଟ୍ କରିବାକୁ ଧର୍ମପାଳ ସତ୍ୟବ୍ରତକୁ ପ୍ରସ୍ତାବରେ ରାଜିହେବାକୁ କହିଛି। ପ୍ରମୋସନର ଲୋଭ ଦେଖାଇ ଆନ୍ଦୋଳନକୁ ପ୍ରତ୍ୟାହର କରିବାକୁ ପ୍ରସ୍ତାବ ଦେଇଛି ଏବଂ ମ୍ୟାନେଜର ସହ ମିଶି ଷଡ଼ଯନ୍ତ୍ରକରି ବିପ୍ଳବ ରାୟର ହତ୍ୟାକାରୀ ସତ୍ୟବ୍ରତ ଧର୍ମପାଳ ବୋଲି ପ୍ରମାଣିତ କରି ତାଙ୍କୁ ଦୁହିଁକୁ ପୋଲିସ୍ ହାତରେ ଆରେଷ୍ଟ କରିଛି।

ସତ୍ୟବ୍ରତ ସତ୍ୟର ଚରିତ୍ର ଯିଏକି ଅନ୍ଧକର ରାଜ ଦରବାର ସଦସ୍ୟ ହୋଇ ମଧ୍ୟ ଅତ୍ୟାଚାର ଓ ଅନୀତି ମଧ୍ୟରେ ସ୍ୱର ଉଠେଇଛି। ରାଜାର ତୋଷାମଦ କରି

ବଂଚିବା ଅପେକ୍ଷା ମୃତ୍ୟୁ ଶତଗୁଣେ ଶ୍ରେୟ ବୋଲି ଭାବିଛି। ସେ ଜାଣେ ତା'ର ପ୍ରତିବାଦ ଏହା ଭିତରେ ହଜିଯାଇପାରେ ହୁଏତ ଏହାର ବାର୍ତ୍ତା ଶହ ଶହ ପ୍ରତିବାଦୀଙ୍କୁ ଜନ୍ମଦେଇ ପାରେ। ତା'ର ପ୍ରତିବାଦର ଦଣ୍ଡବିଧାନ ସ୍ୱରୂପ ତାକୁ ଅନ୍ଧ କରିଦିଆଯାଛି। ତଥାପି ଭିକ୍ଷା ଝୁଲି ଧରି ଦ୍ୱାର ଦ୍ୱାର ବୁଲି ବିପ୍ଳବର ବାର୍ତ୍ତା ପ୍ରଚାର କରିଛି। ସେ ସତ୍ୟ ନ୍ୟାୟରେ ଥିବାରୁ ଅନ୍ଧ ହେଲା ପରେ ମଧ୍ୟ ଦୃଷ୍ଟିଶକ୍ତି ଫେରିପାଇଛି। ସତ୍ୟବ୍ରତ ଆଦେଶରେ ସୈନ୍ୟମାନେ ଚତୁରାକ୍ଷ, ଅନ୍ଧକ ଏବଂ ତାଙ୍କ ଅନୁଚରମାନଙ୍କୁ ବନ୍ଦୀ କରିଛନ୍ତି। ଏହି ଚରିତ୍ରର ରୂପାନ୍ତିରକରଣ ହୋଇଛି ଦ୍ୱିତୀୟ ପର୍ଯ୍ୟାୟର ବର୍ତ୍ତମାନ ଦୃଶ୍ୟରେ ଯିଏକି ନିଜର ଅଧିକାର ପ୍ରାପ୍ତ ପାଇଁ ଫ୍ୟାକ୍ଟ୍ରିରେ ଏକ ସଂଘ ଗଢ଼ି ଧର୍ମଘଟ କରିଥିଲେ। ସେ ଜାଣେ ଏହାର ପରିଣାମ ତା'ର ଚାକିରୀ ଚାଲିଯାଇପାରେ। ସେ ଧର୍ମଘଟରେ ସେ ଶ୍ରମିକଙ୍କ ସହ ଯୋଗ ଦେଇଛି ଚତୁର ସେନର ପ୍ରମୋସନକୁ ପାଦରେ ଆଡ଼େଇ ଦେଇ ଫ୍ୟାକ୍ଟ୍ରିର କର୍ମଚାରୀଙ୍କ ହିତଚିନ୍ତା କରିଛି। ଚତୁର ସେନ୍ ଷଡ଼ଯନ୍ତ୍ର ଶିକାର ହୋଇ ପୋଲିସ୍ ହାତରେ ଆରେଷ୍ଟ ହୋଇଛି। ବୟସ୍ୟ ପ୍ରଥମ ପର୍ଯ୍ୟାୟ ଅତୀତର ଦୃଶ୍ୟରେ ରାଜା ଅନ୍ଧକ ମହିମା ଗାନ କରିଛି। ରାଜା ସହକର୍ମୀ ଚତୁରାକ୍ଷ ସତ୍ୟ, ନ୍ୟାୟର ପୂଜାରୀ ବୋଲି ଜୟଗାନ କରିଛି। ଅନ୍ଧକର ଧର୍ମ ଓ ଅହଂକାରକୁ ସମର୍ଥନ କରିଛି। ଶେଷରେ ନିଜର ରାଜାଜ୍ଞା ପାଳନ ନକରପାରି ଦୁଃଖ ଅପମାନ ଓ କ୍ଷୋଭରେ ଆତ୍ମହତ୍ୟା କରିଛି। ଏହି ଚରିତ୍ର ଦ୍ୱିତୀୟ ପର୍ଯ୍ୟାୟ ଦୃଶ୍ୟରେ ମ୍ୟାନେଜର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଫ୍ୟାକ୍ଟ୍ରୀ ଟିକିନିକି ଖବର ଚତୁର ସେନ୍ ଅନ୍ଧଲୋଚନକୁ ଦେଇଛି। ମ୍ୟାନେଜର ଧର୍ମଘଟ ସଂକ୍ରାନ୍ତରେ ଆପୋସ ସମାଧାନର କଥା ହେବାପାଇଁ ଧର୍ମପାଳ ଓ ସତ୍ୟବ୍ରତକୁ ଡାକି ପ୍ରମୋସନ୍ ର ପ୍ରଲୋଭନ ଦେଖାଇଛନ୍ତି। ମ୍ୟାନେଜର୍ ଲୋକ ପଠାଇ ବିପ୍ଳବ ରାୟଙ୍କୁ ହତ୍ୟାକରି ଷଡ଼ଯନ୍ତ୍ରକରି ଧର୍ମପାଳ ଓ ସତ୍ୟବ୍ରତକୁ ହତ୍ୟାକାରୀ ବୋଲି ପ୍ରମାଣିତ କରିଛି।

ଦ୍ୱିତୀୟ ପାରିଷଦ ଅତୀତର ଦୃଶ୍ୟକୁ ଅନ୍ଧକକୁ ଦୁର୍ଯ୍ୟୋଧନ, ବଳି, ବୃକୋଦର ଆଖ୍ୟାଦେଇ ଜୟଗାନ କରିଛି। ସତ୍ୟବ୍ରତର ଦଣ୍ଡ ବିଧାନକୁ ଉଚିତ୍ ବୋଲି ସର୍ମଥନ କରିଛି ଏବଂ ଅଲୌକିକ ଶିଶୁ ଜନ୍ମ ହେବା କ୍ଷଣି କାରାଗାରରେ ସୈନ୍ୟମାନେ ମୃତାହତ ପଡ଼ିବା ଘଟଣାକୁ ଓ ପ୍ରଜାମାନକୁ ବିଦ୍ରୋହୀ ହୋଇ ରାଜଧାନୀ ଅଭିମୁଖେ ଆସୁଥିବା ରାଜାଙ୍କୁ ଜଣାଇଛି। ଏହି ଚରିତ୍ର ଦ୍ୱିତୀୟ ପର୍ଯ୍ୟାୟର ଫ୍ୟାକ୍ଟ୍ରିର କର୍ମଚାରୀ ଭୂମିକାର ଅବତୀର୍ଣ୍ଣ କାରଖାନାର ବାତାବରଣକୁ ପୁରା ପୁରି Spoil କରିଦେବାର ଧର୍ମଘଟ, Revaluation, ପ୍ରତିବାଦ କରିବାର ଖବର ଜଣାଇଥିଲେ। ଅନ୍ଧଲୋଚନଠାରୁ ଟଙ୍କା ନେଇ କମ୍ପାନୀର ଗୋପନୀୟ ସମ୍ବାଦ ଜଣାଇଛି ।

ତୃତୀୟ ପାରିଷଦ ଅତୀତରେ ଦୃଶ୍ୟରେ ଅନ୍ଧକର ଗୁଣଗାନ କରିଛି ସତ୍ୟବ୍ରତ ପ୍ରତିବାଦ ଦେଖି ତାକୁ ଫାଶି ଖୁଣ୍ଟରେ ଝୁଲିବାକୁ ପଡ଼ିପାରେ ବୋଲି ଭୟ ଦେଖାଇଛି। ସତ୍ୟବ୍ରତ ଅନ୍ଧହୋଇ ବିପ୍ଳବର ବାର୍ତ୍ତା ପ୍ରଚାର କରୁଥିବାର କଥା ଅନ୍ଧକକୁ ସନ୍ଦେଶ ଦେଇଛି। ଦ୍ୱିତୀୟ ପର୍ଯ୍ୟାୟର ଏହି ଚରିତ୍ର ପୋଲିସ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଅନ୍ଧଲୋଚନ ସାହଚର୍ଯ୍ୟ ପାଇଁ ପୋଲିସ୍ ତାର ଶିଷ୍ୟତ୍ୱ ଗ୍ରହଣ କରିନେଇଛି। ମର୍ଡର ଖବର ପାଇ ତଦନ୍ତ କରି ଶ୍ରମିକ ୟୁନିୟନର ନେତାଙ୍କ ଘରୁ ରକ୍ତାକ୍ତ ଛୁରୀ ଓ ସନ୍ଦେହ ଜନକ ଜିନିଷ ପତ୍ର ଜବତ କରିଛି ଏବଂ ସତ୍ୟବ୍ରତ ଓ ଧର୍ମପାଳଙ୍କୁ ଆରେଷ୍ଟ କରିଛି।

ଅତୀତର ଦୃଶ୍ୟ ରକ୍ଷୀ ଚରିତ୍ର ରାଜାଜ୍ଞା ପାଳନ କରି ରାଜଦ୍ରୋହୀ ସତ୍ୟବ୍ରତର ଚକ୍ଷୁ ଉତ୍ପାଡ଼ିତ କରିଛି। ବନ୍ଦୀ ଶାଳାରେ ଶିଶୁ ପୁତ୍ରର ଜନ୍ମ ବନ୍ଦୀମାନଙ୍କର ଶୃଙ୍ଖଳ ଉନ୍ମୁକ୍ତ ହୋଇଯିବା ଓ ସୈନିକମାନଙ୍କର ମୃତ୍ୟୁବରଣ ଖବର ଅନ୍ଧକକୁ ଜଣାଇଛି। ସେହି ପରି ଏହି ଚରିତ୍ର କନେଷ୍ଟବଳ ହୋଇ ପୋଲିସ୍ ଅଫିସରର ଆଦେଶ ପାଳନ କରିଛି।

ଅତୀତର ଦୃଶ୍ୟରେ ଧର୍ମପାଳ ଦରିଦ୍ର ପ୍ରଜାଭାବରେ ରାଜା ଅନ୍ଧକ ଦେଖିଥିବା ସ୍ୱପ୍ନରେ ଏକ ଦରିଦ୍ର ଶିଶୁ ଯିଏକି ମୃତ୍ୟୁର କାରଣ ହେବ। ଅନୁରୂପ ଭାବରେ ଧର୍ମପାଳ ପୁତ୍ର ସନ୍ତାନକୁ ଜନ୍ମଦେବାର ସ୍ୱପ୍ନ ଦେଖିଛି। ଯିଏକି ଧାର୍ମିକ ହେବ, ଏହି କାରଣରୁ ସ୍ୱପ୍ନରେ ସାମଞ୍ଜସ୍ୟ ଥିବାରୁ ଧର୍ମପାଳ ତା'ର ଗର୍ଭବତୀ ଧର୍ମପତ୍ନୀ ବନ୍ଦୀ ହୋଇଛନ୍ତି। ବର୍ତ୍ତମାନ ଦୃଶ୍ୟରେ ଏହି ଧର୍ମପାଳ ଭୂମିକାର ଅବତୀର୍ଣ୍ଣ। ଯିଏ କି ସତ୍ୟ ଓ ନ୍ୟାୟରେ କମ୍ପାନୀର ସାଧାରଣ କର୍ମଚାରୀ ତଥା ଓ ନିଜ ହକ୍‌ର ଦାବୀକୁ ଧର୍ମଘଟ କରିଛନ୍ତି। ବିପ୍ଳବ ରାୟକୁ ହତ୍ୟା କରାଯାଇ ଜାଣି ପ୍ରତିଶୋଧ ପ୍ରବଣ ହୋଇ ଅନ୍ଧଲୋଚନ ଆଡ଼କୁ ଧାଇଁ ଯାଇଛି। ତଥାପି ଅନ୍ଧଲୋଚନ ଷଡ଼ଯନ୍ତ୍ରରେ ସବୁ ପ୍ରମାଣ ଧର୍ମ ପାଳର ବିପକ୍ଷରେ ଥିଲେ ବି ସେ ନିଜକୁ ପୋଲିସ୍ ପାଖରେ ନିର୍ଦୋଷ ଭାବେ ଗୁହାରୀ କରିଛି। ଶେଷରେ ପୋଲିସ୍ ହାତରେ ଆରେଷ୍ଟ ହୋଇ ଗଲାବଳେ ମଧ୍ୟ ବିପ୍ଳବର ବାର୍ତ୍ତା ଦେଇଛି ଯେ

ନୂଆ ଯୁଗ ଆସିବ ନିଶ୍ଚୟ ରକ୍ତାକ୍ତ ବିପ୍ଳବର ପ୍ରୟୋଜନ। ନାଟକଟି ନାରୀ ଚରିତ୍ର ବିବର୍ଜ୍ୟିୟ ହୋଇଥିଲେ ମଧ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟୟ ରହିଛି ।

**ଭାଷା / ସଂଳାପ** : ସଂଳାପ ନାଟକର ଏକ ପ୍ରଧାନ ଅଙ୍ଗ ନାଟ୍ୟକାର ନିଜ ଭାବନାକୁ ଚରିତ୍ରମାନଙ୍କ ମୁଖରେ ସଂଳାପ ମାଧ୍ୟମରେ ପ୍ରକାଶ କରିଛନ୍ତି। ୧୯୭୦ ପରବର୍ତ୍ତୀ ନାଟକର ପ୍ରକାଶ ଭଙ୍ଗୀ ହୋଇପଡ଼ିଛି ପୂର୍ବ ନାଟକଗୁଡ଼ିକଠାରୁ ସ୍ୱତନ୍ତ୍ର ସାଧାରଣ ଲୋକଙ୍କ ଭାଷାକୁ ନାଟକ ସ୍ଥାନ ଦେଇଛି ନିଜ ଭିତରେ। ସଂଳାପରେ ସ୍ଥାନ ପାଇଲା ଗୀତିଧର୍ମୀତା, ପୂର୍ବତନ ନାଟ୍ୟ ଶୈଳୀର ସଂଳାପ ସହିତ ବିଭିନ୍ନ ଲୋକ ଭାଷାର ମଧ ପ୍ରୟୋଗ ଘଟିଲା ଉତ୍ତର ଆଧୁନିକ ନାଟକର ଭାଷା ଜୀବନକୁ ଚିହ୍ନାଇ ଦେବାର ଭାଷା ଲୋକମୁଖର ଭାଷା ସରଳ ଦର୍ଶକ ବୁଝିଲା ପରି ଭାଷାରେ ରଦ୍ଧିମନ୍ତ, ବୁଝିଲା ପରି ଭାଷାରେ ରୁଦ୍ଧିମନ୍ତ ଆଜିର ନାଟକ ସଂଳାପ। ସଂଳାପ ଗୁଡ଼ିକ ଛୋଟ ଓ ସାଙ୍କେତିକ ହେଲା। ନାଟକର ଗଦ୍ୟ ଧର୍ମୀ ସଂଳାପ ବ୍ୟତୀତ କେତେକ ନାଟକର ପଦ୍ୟ ଧର୍ମୀ ସଂଳାପର ମଧ ବ୍ୟବହାର କରାଯାଇଛି। କଂସର ଆତ୍ମା ନାଟକରେ ବିଶିଷ୍ଟ ବାକ୍‌ଭଙ୍ଗୀ ଶୈଳୀ ଦ୍ୱାରା ସଂଳାପର ମାଧୁର୍ଯ୍ୟ ଫୁଟିଉଠିଛି। ଏହାର ଭାଷା ବୈଚିତ୍ର୍ୟ ନାଟକର ସାର ଓ ଆକର୍ଷଣ ହୋଇଛି। ନାଟକର କେତେକ ସ୍ଥାନରେ ସଂଳାପ କ୍ଷୁଦ୍ର ଓ ପଦ୍ୟଧର୍ମୀ ହୋଇଛି ଯାହା ସୀମିତ ସମୟ ମଧ୍ୟରେ ପାଠକକୁ ଆକର୍ଷିତ କରେ। ଅତୀତ ଦୃଶ୍ୟରେ ରାଜା ଅନ୍ଧକର ପ୍ରଥମ ସଂଳାପ ପଦ୍ୟଧର୍ମୀ ହୋଇଛି। ଏହିପରି -ଅନ୍ଧକ - ମହାମନ୍ତ୍ରୀ ଚତୁରକ୍ଷ !/ ଆଉସର୍ବ ପାରିସଦବର୍ଗ/କିପରି ଚାଲିଛି ରାଜ୍ୟ/କିପରି ଅଛନ୍ତି/ମୋ ପ୍ରଜା କୂଳ ବର୍ଗ ।

କେତେକ ସ୍ଥାନରେ ସଂଳାପ ଗୁଡ଼ିକ କ୍ଷୁଦ୍ର ହେଲେ ହେଁ ପଦ୍ୟ ହୋଇ ପୂର୍ବ ଆଲୋଚିତ ସବୁ ଅର୍ଥକୁ ବୁଝାଇଛି। ଅନ୍ଧକର ବିପୁଳ ଗୌରବ ତଥା ଐଶ୍ୱର୍ଯ୍ୟ ଅଧିକାରୀ ବୋଲି ଅହଂକାରକୁ ସର୍ମଥନ କରି ବୟସ୍ୟର ସଂଳାପ ଏହିପରି - ବୟସ୍ୟ - ନିଶ୍ଚିତ ମହାରଜ/ମୃତ୍ୟୁପରି ସତ୍ୟ/ ଏହି ତବ ବାଣୀ। ନାଟ୍ୟକାର ଚମତ୍କାରୀତା ସହ ରାଜାର ଆଦେଶକୁ ପଦ୍ୟ ଆକାରରେ ପ୍ରକାଶ କରିଛନ୍ତି। ଅନ୍ଧକ ମନ୍ତ୍ରୀ ଚତୁରାକ୍ଷକୁ ଦେଉଥିବା ସତ୍ୟବ୍ରତ ଦଣ୍ଡବିଧାନର ଆଦେଶ ଏହି ପରି - ଅନ୍ଧକ - ଦିବସ ଉଜ୍ୱଳ ଆଲୋକେ/ ବିସ୍ତୃତ/ରାଜଦାଣ୍ଡନେଇ/ଚକ୍ଷୁ ତା'ର ଉତ୍ପାଟିତ କର/ ରକ୍ତାପ୍ଳୁତ ଅନ୍ଧ ଚକ୍ଷୁ ନେଇ/ଘୂରି ବୁଲୁ ଦ୍ୱାର ଦ୍ୱାର/ଏଇଟା ଚରମ ଶାସ୍ତ୍ର/ମନ୍ତ୍ର ଚତୁରାକ୍ଷ/ଅବିଳମ୍ବେ ପାଳନ କର। ନାଟକର ସଂଳାପରେ ପ୍ରତୀକର ବ୍ୟବହାର ହୋଇଛି ଯେପରି ନୂଆ ଯୁଗର ପ୍ରତୀକ ଲାଲ ସୂର୍ଯ୍ୟ ବୋଲି ସତ୍ୟବ୍ରତ ସଂଳାପରୁ ଜଣାପଡ଼େ ।

ପ୍ରଥମ ପାରିଷଦ : ନ୍ୟାୟ, ଧର୍ମ ଆଉ ସତ୍ୟର ଚକ୍ଷୁ କ'ଣ ଉତ୍ପାଟିତ କରିଦିଆଯାଇ ପାରେ...? ସେହି ଅଲୌକିକ ଶିଶୁର ଜନ୍ମପରେ ପରେ ପୁଣି ମୁଁ ମୋର ଦୃଷ୍ଟିଶକ୍ତି ଫେରି ପାଇଛି। ଆହୁରି ତେଜୀୟାନ୍, ଆହୁରି ତୀବ୍ର, ଶାଣିତ ହୋଇଉଠିଛି ମୋର ଦୃଷ୍ଟି । ମୋ ଚକ୍ଷୁ ସାମ୍ନାରେ ଏକ ନୂଆ ଯୁଗର ସଙ୍କେତ। ଏକ ଲାଲ ସୂର୍ଯ୍ୟର ସଙ୍କେତ। ସିଏ ଜନ୍ମ ନେଇ ସାରିଛି ବିପ୍ଳବର ସାରଥୀ ଓ ଭାଗୀରଥୀ ।

ନାଟକରେ ଚରିତ୍ର ଅନୁଯାୟୀ ସଂଳାପ ଗୁଡ଼ିକ ବେଶ୍ ପ୍ରଭାବଶାଳୀ ହୋଇଛି। ଯେପରି ଅତ୍ୟାଚାର ଓ ଶୋଷଣର ପ୍ରତୀକ ରାଜା ଅନ୍ଧକ, ଯିଏ ପ୍ରଜାଙ୍କ ଉପରେ ନିର୍ମମ ଭାବେ ଅତ୍ୟାଚାର କରିଚାଲେ, ତାହାର ସଂଳାପ ମଧ ସେହିପରି ହୋଇଛି - ଅନ୍ଧକ : ଅନ୍ଧକର ଦଣ୍ଡ/ପ୍ରତ୍ୟାହୃତ ନୁହେଁ/ ଯମଠାରୁ ଭୟଙ୍କର ସିଏ/ଶାସ୍ତି ତାର ଅତୀବ ନିର୍ମମ। ହାଃ ହାଃ ହାଃ...ଏବଂ ଅନ୍ଧକ : ମନ୍ତ୍ରୀ ଚତୁରାକ୍ଷ/ଏହି ମୁହୂର୍ତ୍ତରେ କର ଅଭିଯାନ/ସୈନବଳ ଚତୁରଙ୍ଗ ସାଥେ/ ରାଜ୍ୟସାରା ଖେଳିଯାଉ/ଧ୍ୱଂସର ତାଣ୍ଡବ/ପରାକ୍ରମୀ/ ଅନ୍ଧକର।/ବିପର୍ଯ୍ୟୟ କେତେ/ଜାଣନ୍ତୁ ସମସ୍ତେ।/ମୃତ୍ୟୁ ପରି ଭୟଙ୍କର/ଭୀଷଣ ଅନ୍ଧକ/ହାଃ ହାଃ ହାଃ.../ଜନମିବ ତା'ର ପୁଣି ଶତ୍ରୁ।

ଆଧୁନିକ ପଟ୍ଟଭୂମିରେ ଗଣତାନ୍ତ୍ରିକ ଶାସନରେ ନେତାମାନଙ୍କର ଭାଷା ଓଡ଼ିଆ ସହ ଇଂରାଜୀ କହନ୍ତି, ଯଥା 'ଏହିପରି:- Oh I see. ହଁ ଚତୁର ସେନ, ଆମର ପ୍ରଥମ Target ବିପ୍ଳବ ତା ପରେ ଅନ୍ୟମାନେ। ହଁ ଶୁଣ, ତୁମେ ଶ୍ରମିକ ଧର୍ମପାଳ ଓ ସତ୍ୟବ୍ରତଙ୍କ ନାଁରେ False Charge ଆଣ। କେତେଗୁଡ଼ାଏ ଲୋକ ସଂଗ୍ରହ କରି ସେଗୁଡ଼ାକୁ Establish କରିଦିଅ। ମୁଁ ସେମାନଙ୍କୁ Suspend କରିବି। ସେହିପରି ପୋଲିସ୍ Shut Up, Arrest, Court ଏହିଭଳି ଭାବରେ ପତ୍ରୋପଯୋଗୀ ସଂଳାପ ବ୍ୟବହାର ହୋଇଛି ।

**ଉତ୍କଣ୍ଠା** : ଉତ୍କଣ୍ଠା ନାଟକକୁ ଗତିଶୀଳ କରାଏ। ଏହା ଚରିତ୍ର ଭିତରେ ଥିବା ଦ୍ୱନ୍ଦ୍ୱକୁ ଆହୁରି ତୀବ୍ର କରେ। ନାଟକର ଉତ୍କଣ୍ଠା ଦର୍ଶକଙ୍କୁ ନାଟକର ଆରମ୍ଭରୁ ଶେଷ ଯାଏଁ ମନ୍ତ୍ର

ମୁଗ୍ଧ କରିରଖେ। "କଂସର ଆତ୍ମା" ନାଟକରେ ଦୁଇଟି ଅଂକ ଦୁଇଟି ଭିନ୍ନ ପରିବେଶର। ଏକ କାଳ୍ପନିକ ରାଜକୀୟ ପଟ୍ଟଭୂମି ଓ ଅନ୍ୟଟି ଆଧୁନିକ ଶିଳ୍ପାଞ୍ଚଳ ଉପରେ ପ୍ରତିଷ୍ଠିତ। ମତାନ୍ଧ କ୍ଷମତା ସମ୍ପୂର୍ଣ୍ଣ ବ୍ୟକ୍ତିଙ୍କର ନିଃସହାୟ ଦୁର୍ବଳ ଓ ଗରିବଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଓ ତା' ବିରୁଦ୍ଧରେ ବିଦ୍ରୋହ ହିଁ ନାଟକର ଉପଜୀବ୍ୟ ଅର୍ଥାତ୍ ଶ୍ରେଣୀ ସଂଘର୍ଷକୁ ନେଇ ନାଟକଟି ରଚିତ।

ନାଟକର ଆରମ୍ଭରୁ ପୁରାଣ ଚରିତ୍ର କଂସର ଉପାଖ୍ୟାନକୁ ଆଶ୍ରୟ କରି ଏକ କାଳ୍ପନିକ ରାଜତନ୍ତ୍ରର ପଟ୍ଟଭୂମିର ରୂପାନ୍ତର ଘଟିଛି ଏବଂ ତାହା ଦ୍ୱିତୀୟ ପର୍ଯ୍ୟାୟରେ ହୋଇଚି ଗଣତନ୍ତ୍ର ତଥା ଆଧୁନିକ ସମାଜବ୍ୟବସ୍ଥା। ଏହି ଦୁଇଟି ପର୍ଯ୍ୟାୟକୁ ଆଧାର କରି କାହାଣୀ ଦୂର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲମ୍ବି ଆସିଚି। ନାଟ୍ୟକାର ନାଟକରେ ବେଶ୍ ନାଟକୀୟତା ସୃଷ୍ଟି କରିଛନ୍ତି। ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିପାରିଛନ୍ତି। ପୌରାଣିକ ନାଟକରେ ଦର୍ଶକଙ୍କ ପାଖରେ ଉତ୍କଣ୍ଠା ସୃଷ୍ଟି ହୁଏ ନାହିଁ। କାରଣ ପୁରାଣର କଥାବସ୍ତୁ ଆମକୁ ଜଣା ଥାଏ। କିନ୍ତୁ ଏହି ନାଟକରେ ପୁରାଣର ଉପାଖ୍ୟାନ ଥାଇ ମଧ୍ୟ କାଳ୍ପନିକ ପଟ୍ଟଭୂମି ଅଭିନୀତ ଚରିତ୍ର ତଥା ଚରିତ୍ର ମୁଖୀସଂଳାପ ଦର୍ଶକଙ୍କ ପାଖରେ ଉତ୍କଣ୍ଠା ସୃଷ୍ଟି କରି ପାରିଛି। ରାଜଦରବାରରେ ସଦସ୍ୟ ପ୍ରଥମ ପରିଷଦ ଯେ କି ରାଜ ଅନ୍ନରେ ପ୍ରତିପାଦିତ ସେ ହଠାତ୍ ଜୟଧ୍ୱନିକୁ ବିରୋଧ କରିଛି। ପ୍ରତିବାଦ କରିଛି ମାହାପରାକ୍ରମୀ ରାଜା ଅନ୍ଧକ ସମ୍ମୁଖରେ ରାଜଦ୍ରୋହୀ ହୋଇଛି। ଫଳରେ ସେତେବେଳେ ଏହି ଦୃଶ୍ୟ ଦର୍ଶକଙ୍କ ଆଗରେ କାହିଁକି ବା ଏହାର କାରଣ କ'ଣ ଏ ପ୍ରଶ୍ନ ସୃଷ୍ଟି ହୋଇଛି। ସତ୍ୟବ୍ରତର ଦଣ୍ଡବିଧାନ କିଭଳି ବା କ'ଣ ହେବ ଏହା ଦେଖି ଦର୍ଶକ ମନରେ ଦେଖିବା ଓ ଜାଣିବାର ଉଦବେଗ ସୃଷ୍ଟି ହୋଇଛି। ନାଟ୍ୟକାରଙ୍କ ନାଟକରେ ଏହି ଉତ୍କଣ୍ଠା ଦର୍ଶକଙ୍କୁ ବାନ୍ଧି ରଖିଛି। ସତ୍ୟବ୍ରତର ରାଜଦ୍ରୋହର କାରଣ ଶୁଣି, ଦ୍ୱିତୀୟ ପାରିଷଦ, ତୃତୀୟ ପାରିଷଦ, ବୟସ୍ୟ : ଅସହ୍ୟ ଅସହ୍ୟ ବାଣୀ ମହାରାଜ ।/ବୟସ୍ୟ : ଶୀଘ୍ର ଏହାର ଦଣ୍ଡ ବିଧାନ କରାଯାଉ।

ଏହା ଫଳରେ ଦର୍ଶକଙ୍କ ମନରେ ଦଣ୍ଡବିଧାନ କ'ଣ ହେବ ଜାଣିବାକୁ ଆଗ୍ରହ ସୃଷ୍ଟି ହୋଇଛି। ନାଟକରେ ସତ୍ୟବ୍ରତର ବିପ୍ଳବାତ୍ମକ ବାର୍ତ୍ତା ନାଟକକୁ ଗତିଶୀଳ କରିବାରେ ସାହାଯ୍ୟ କରିଛି। ଯାହା ମାଧମରେ ନାଟକରେ ନାଟକୀୟ ଉତ୍କଣ୍ଠା ସୃଷ୍ଟି ହୋଇଛି ସଂଳାପଟି ଏହିପରି- ଶୁଣ ଅତ୍ୟାଚାରୀ ରାଜା ଆଉ ତା'ର ତୋଷାମଦକାରୀ ମାନେ! ମୋର ଦୁଃଖ ନାହିଁ ଏ ଚରମ ଶାସ୍ତି ପ୍ରତି। ରାଜା ଅନ୍ଧକ ଚକ୍ଷୁ ଥାଇ ଅନ୍ଧ, ଆଉ ମୁଁ ସତ୍ୟର ସନ୍ଧାନ କରି ଯଦି ଚକ୍ଷୁହୀନ ହୁଏ ସେଥିପାଇଁ ମୋର ତିଳେ ହେଲେ ବି ଭ୍ରୂକ୍ଷେପ ନାହିଁ ।

କାରାଗାରରେ ଶିଶୁ ଜନ୍ମ ପୂର୍ବର ପରିବେଶ ଓ ପରିବର୍ତ୍ତନ ଦେଖି ରାଜା ଅନ୍ଧକ ଓ ଚତୁରାକ୍ଷ ଭୟଭୀତ ହୋଇଛନ୍ତି। ରକ୍ଷୀଠାରୁ ବନ୍ଦୀଶାଳରେ ଧର୍ମପାଳର ପତ୍ନୀ ଏକ ସନ୍ତାନ ଜନ୍ମ କରିଛନ୍ତି। ଶିଶୁ ଜନ୍ମ ହେବା କ୍ଷଣି ତା ବିଚ୍ଛୁରିତ ତେଜମୟୀ ରଶ୍ମି। ସମସ୍ତ ସୈନିକକୁ ମୃତ୍ୟୁ ମୁଖକୁ ଠେଲି ଦେଇଚି ଏସବୁ ବାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି। ନାଟକଟି ତୀବ୍ର ଭାବରେ ଗତି ଡ଼ରିଛି। ଦ୍ୱିତୀୟ ପର୍ଯ୍ୟାୟ ଗଣତାନ୍ତ୍ରିକ ଦୃଶ୍ୟ ରେ ଗଣତାନ୍ତ୍ରିକ ଦୃଶ୍ୟରେ ନାଟକୀୟ ଶୈଳୀ ବେସ୍ ସୃଷ୍ଟି ହୋଇଛି। ଦ୍ୱିତୀୟ ଦୃଶ୍ୟରେ ଫ୍ୟାକ୍ଟ୍ରୀରେ ହୋଇଥିବା ଧର୍ମଘଟକୁ ନେଇ କଥପୋକଥନ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହୋଇଛି।

ଯେପରି- ଅନ୍ଧଲୋଚନ : ଫ୍ୟାକ୍ଟ୍ରୀର ଦଶଦିନ ହେଲା ଯେଉଁ ଧର୍ମଘଟ ଚାଲିଛି, ତା'ର ଅବସାନ ଘଟାଇବା ପାଇଁ ଆପଣ କି Step ନେଇଛନ୍ତି ମ୍ୟାନେଜର୍ ବାବୁ ।/ ମ୍ୟାନେଜର୍ : ହଁ ଆଜ୍ଞା, କର୍ମଚାରୀମାନଙ୍କୁ ବହୁ ଚେଷ୍ଟା କରି ବୁଝାଇଛି, ମାତ୍ର ସମସ୍ତ ବୃଥା ହେଲା ଆଜ୍ଞା !

ତୃତୀୟ ଦୃଶ୍ୟରେ ମ୍ୟାନେଜର୍ ଓ ଅନ୍ଧଲୋଚନ Plan Workout କରିବାକୁ ପଡ଼ିବ। ଯାହା ପୂର୍ବ କଳ୍ପିତ ଏହି କଥାବାର୍ତ୍ତାରୁ ଦର୍ଶକଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଛି ସେ ପ୍ଲାନ କ'ଣ ଡାଣିବା ପାଇଁ। ଏହି କଳ୍ପିତ ଯୋଜନା ନାଟକରେ ଦର୍ଶକଙ୍କୁ ବାନ୍ଧି ରଖିଛି। ଧର୍ମପାଳ ବିପ୍ଳବ ରାୟର ହତ୍ୟାକାରୀ ଅନ୍ଧଲୋଚନ ବୋଲି କହି ପ୍ରତିଶୋଧ ପ୍ରବଣ ହୋଇ ଅନ୍ଧଲୋଚନ ଆଡ଼କୁ ଧାଇଁ ଯାଉଛି। ଧର୍ମପାଳ ଓ ସତ୍ୟବ୍ରତ ବିପ୍ଳବର ହତ୍ୟାକାରୀ ବୋଲି ପ୍ରମାଣ କରିବାକୁ ଯାଇ ଏକ କାଗଜ ଦେଖାଇ ମ୍ୟାନେଜର କହିଛି: (ଏକ କାଗଜ କାଢ଼ି ଦେଖାଇଲେ) ଏଇ ଦେଖ ତମେ ଆମର କେତେଟା ପ୍ରସ୍ତାବରେ ରାଜି ହୋଇ ଦସ୍ତଖତ କରିଛ। ବିନା ଦାବି ପୂରଣରେ ଧର୍ମଘଟର ଅବସାନ ପାଇଁ ମଧ୍ୟ ରାଜି ହୋଇଛ ।

ଏହା ଦର୍ଶକଙ୍କୁ ନାଟକର ସମାପ୍ତି ପର୍ଯ୍ୟନ୍ତ ଟାଣିଦେଇଛି ଉତ୍କଣ୍ଠା ସହକାରେ। ଏହି ଭାବରେ ନାଟକରେ ନାଟକୀୟ ଉତ୍କଣ୍ଠା ନାଟକକୁ ଗତିଶୀଳ କରାଇଛି।

**ନାଟକୀୟ ଦ୍ୱନ୍ଦ୍ୱ** : ନାଟକକୁ ଗତିଶୀଳ କରିବା ପାଇଁ ଦ୍ୱନ୍ଦ୍ୱ ଅପରିହାର୍ଯ୍ୟ। ଦ୍ୱନ୍ଦ୍ୱ ହିଁ ନାଟକକୁ ଗତିଶୀଳ କରାଏ। କଂସର ଆତ୍ମା ନାଟକରେ ଦୁଇଟି ପର୍ଯ୍ୟାୟ ନେଇ ରଚିତ ହୋଇଛି। ପ୍ରଥମ ପର୍ଯ୍ୟାୟର ପୌରାଣିକ ବା କାଳ୍ପନିକ ପଟ୍ଟଭୂମିର ରୂପାନ୍ତର ଘଟିଛି ଓ ତାହା ଦ୍ୱିତୀୟ ପର୍ଯ୍ୟାୟରେ ହୋଇଛି ଆଧୁନିକ ସମାଜ ବ୍ୟବସ୍ଥା ଚିତ୍ର। ପ୍ରଥମ ପର୍ଯ୍ୟାୟରେ କଂସର ମିଥ୍ କୁ ଏକ ପୌରାଣିକ ଆଖ୍ୟାନ ସହ ଯୋଡ଼ି ଉପସ୍ଥାପନା କରାଯାଇଛି। ଏବଂ କୃଷ୍ଣ ଜନ୍ମହେଲେ ସାଧାରଣ ମଣିଷର ଦୁଃଖର ଅବସାନ ଘଟିବ। ଏହି ଆଖ୍ୟାନଟିକୁ କାଳ୍ପନିକ ଚରିତ୍ର ସହିତ ସମନ୍ୱିତ କରି ଉପସ୍ଥାପନ କରାଯାଇଛି। କଂସ ବରାବର ଅଛି। ଯାହାର ବିନାଶ ନାହିଁ। ସମୟ ପରିବର୍ତ୍ତନ ହେଉଛି। ଏବଂ ସମୟ ପରିବର୍ତ୍ତନ ଘଟିଲେ ଶୋଷଣ ତା'ର ସ୍ୱରୁପକୁ ବଦଳାଉଛି। ଏହି ନାଟକ ପ୍ରତିପାଦନ କରୁଛି କି ଶୋଷଣ ସତ୍ୟ। କଂସ ଓ କୃଷ୍ଣକୁ ନେଇ ସଂଘର୍ଷ। ଏ ସଂଘର୍ଷର ଶେଷନାହିଁ। ଏହି ନାଟକରେ ନାଟ୍ୟ ଦ୍ୱନ୍ଦ୍ୱ କାଳ କାଳ ଧରି ଅଛି। ସେ କେଉଁଠି ସରିଯାଉନାହିଁ। ଏହି ଦ୍ୱନ୍ଦ୍ୱର ସମୟସୀମା ନାହିଁ। ଏହା ବରାବର ଅଛି। ଘଟଣା ଓ ଚରିତ୍ରର ରୂପାନ୍ତରଣ ହୋଇ ଶୋଷଣର ସତ୍ୟକୁ ଉପସ୍ଥାପନ କରାଯାଇଛି। ଯାହା କାଳ କାଳ ଧରି ଚାଲିଥିଲା ଚାଲିଥିବ। ତାହାର ଶେଷ ନାହିଁ। ନାଟ୍ୟଦ୍ୱନ୍ଦ୍ୱ ପୁରାଣ କାଳରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ। ନାଟକର ଧରାବନ୍ଧା କାହାଣୀର ଧରାବନ୍ଧା ଗତିଶୀଳତା ଦ୍ୱନ୍ଦ୍ୱ ଏଥିରେ ନାହିଁ। କୃଷ୍ଣ ଓ କଂସଙ୍କ ଦ୍ୱନ୍ଦ୍ୱ ଅନିବାର୍ଯ୍ୟ। ଉକ୍ତ ନାଟକରେ ନାଟ୍ୟଦ୍ୱନ୍ଦ୍ୱ ଲମ୍ବିଆସିଛି ପୁରାଣ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ। ଦ୍ୱନ୍ଦ୍ୱ ଗଢ଼ିଉଠିଛି କୃଷ୍ଣ ଓ କଂସକୁ ନେଇ ଏହି ଦ୍ୱନ୍ଦ୍ୱର ଅବସାନ ନାହିଁ। ଅତୀତରେ ଥିଲା ବର୍ତ୍ତମାନ ମଧ୍ୟ ଅଛି। ଏଥିରେ ଚିରନ୍ତନ ହୋଇଛି ଦ୍ୱନ୍ଦ୍ୱ। ସତ୍ୟନିଷ୍ଠତା ପାଇଁ ମଣିଷର ସଂଘର୍ଷ ଓ ସଂଗ୍ରାମ। ସତ୍ୟର କେବେ ଗଳାରୁଦ୍ଧ କରିବା ଅସମ୍ଭବ। ସେ ଦିନେ ନା ଦିନେ ସତ୍ୟ ପ୍ରକଟିତ ହେବ। ଅବସାନ ହେଲାପରେ ମଧ୍ୟ ଦ୍ୱନ୍ଦ୍ୱ ଆସୁଛି ଯାହାକୁ ଅନ୍ୱୟ ପ୍ରତ୍ୟୟନ୍ନର ସଂଘର୍ଷ ବୋଲି କୁହାଯାଏ। ଅନ୍ୱୟ ପ୍ରତ୍ୟୟନ୍ନର ସଂଘର୍ଷ। ଏହା ଚକ୍ରାକାରରେ ଚାଲେ। ନାଟ୍ୟକାର ଏହି ଧାରାଟିକୁ ନାଟକରେ ଦେଖାଇଛନ୍ତି ।

ସର୍ବୋପରି ସଂପୂର୍ଣ୍ଣ ନାଟକର ବିଷୟ ଚୟନଠାରୁ ଆରମ୍ଭ କରି ଏହାର ପ୍ରତିଟି ଏକକକୁ ନାଟ୍ୟକାର ଉପଯୁକ୍ତ ମାନରେ ଗଢ଼ିତୋଳିଛନ୍ତି। ଏହାର ପ୍ରତିଟି ଆଙ୍ଗିକ ଉପାଦାନ ନାଟକଟିର ସଫଳତା ଦିଗରେ ନିଜର ପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ବାସ୍ତବିକ ଆଙ୍ଗିକ କଳା ଓ କୌଶଳର ସଫଳ ପ୍ରୟୋଗ ହିଁ 'କଂସର ଆତ୍ମା' ନାଟକର ପ୍ରମୁଖ ବିଭବ।

ସହାୟକ ଗ୍ରନ୍ଥସୂଚୀ :


୧. ମହାରଣା, ସୁରେନ୍ଦ୍ର କୁମାର, ସାହିତ୍ୟର ତାଳପତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ଚତୁର୍ଥ ସଂସ୍କରଣ -୨୦୧୪ ।

୨. ଦାଶ, ସର୍ବେଶ୍ୱର, ଓଡ଼ିଆ ନାଟ୍ୟ ସାହିତ୍ୟ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ଚତୁର୍ଥ ସଂସ୍କରଣ -୨୦୨୦

୩. ଶତପଥୀ, ବିଜର କୁମାର, କଂସର ଆତ୍ମା, ସୁଧା ପ୍ରକାଶନ, ବାଖରାବାଦ୍, କଟକ, ପଞ୍ଚମ ସଂସ୍କରଣ -୨୦୧୨ ।

୪. ପଣ୍ଡା, ଜ୍ଞାନରଞ୍ଜନ, ବିଜୟ ଶତପଥୀଙ୍କ ନାଟ୍ୟଚିନ୍ତା, ଅଗ୍ରଦୂତ, ବାଙ୍କାବଜାର, କଟକ, ପ୍ରଥମ ପ୍ରକାଶ -୨୦୧୪।

୫. ଦାସ, ହେମନ୍ତ କୁମାର ,ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ବିଦ୍ୟାପୁରୀ, ବାଲୁବଜାର, କଟକ, ଦ୍ୱିତୀୟ ମୁଦ୍ରଣ -୨୦୧୧ ।

୬. ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଏକେ ମିଶ୍ର ପବ୍ଲିକେଶନ, ବାଦାମବାଡ଼ି, କଟକ, ପଞ୍ଚମ ସଂସ୍କରଣ -୨୦୧୮ ।


●

# ରାଧାନାଥୀୟ ସଂସ୍କାରବୋଧ ଓ ଜୀବନଦର୍ଶନର ସଫଳ ସ୍ଫୁରଣ : 'ବଡ଼ପଣ'

## ଉପସ୍ଥାପନା : ତୃପ୍ତିମୟୀ ଭୋଇ

ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ଯୁଗ ପୁରୁଷ କବି ରାଧାନାଥ ରାୟ। ଓଡ଼ିଆ ସାହିତ୍ୟରେ ନୂତନଚିନ୍ତା ଓ ଚେତନାର ସେ ଥିଲେ ଅନନ୍ୟ ରୂପକାର। କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୧-୯୨), ଦରବାର (୧୮୯୭) ଆଦି କାବ୍ୟ, ତୁଳସୀ ସ୍ତବକ (୧୮୯୪), ଯଯାତିକେଶରୀ (୧୮୯୪), ଉର୍ବଶୀ (୧୮୯୫), ଦଶରଥ ବିୟୋଗ (୧୯୦୧), ଭାରତ ଗୀତିକା (୧୯୦୩), ଧବଳେଶ୍ୱର, ସ୍ତୋତ୍ରମ(୧୯୦୩), ସାବିତ୍ରୀ ଚରିତ୍ର (୧୯୦୬), ତିନିବନ୍ଧୁ (୧୮୯୮), ବନ୍ଦନା (୧୯୧୧), ନିବେଦନ (୧୯୧୧), ପ୍ରତାପରୁଦ୍ର (୧୯୧୧), ଶ୍ମଶାନ ଦୃଶ୍ୟ (୧୯୦୪), ଏକାଗ୍ରତା। (୧୯୦୪), ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ(୧୯୦୫), ଚିଲିକାରେ ସାୟନ୍ତନ ଦୃଶ୍ୟ ଆଦି କବିତା ତାଙ୍କ ଓଜସ୍ୱିନୀ ପ୍ରତିଭାର ସ୍ୱର୍ଣ୍ଣିମ ସ୍ୱାକ୍ଷର।

ଅନୁରୂପ ଭାବେ ରାଧାନାଥୀୟ କାବ୍ୟ ପ୍ରତିଭାର ଏକ ଅନନ୍ୟ ଉଦାହରଣ ହେଉଛି ବ୍ୟଙ୍ଗାତ୍ମକ କାବ୍ୟ 'ଦରବାର'। ଏହି କାବ୍ୟର ଶେଷଅଂଶ ପ୍ରଥମେ 'ସମ୍ବଲପୁର ହିତୈଷିଣୀ' (୨୧ ଜୁନ୍ ୧୮୯୪)ରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି କାବ୍ୟଟି 'ଉତ୍କଳ ସାହିତ୍ୟ'ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା (ଜାନୁଆରୀ,୧୮୯୭)ଠାରୁ ସେହି ବର୍ଷ ଚତୁର୍ଥ ସଂଖ୍ୟା (ଏପ୍ରିଲ,୧୮୯୭) ପର୍ଯ୍ୟନ୍ତ କ୍ରମାନ୍ୱୟରେ ଚାରୋଟି ସଂଖ୍ୟାରେ ପ୍ରକାଶିତ ଏବଂ ଏହି ପତ୍ରିକାରେ 'ବୈୟସିକୀ ବାଣୀ 'ନାମରେ ପ୍ରକାଶ ପାଇ ପରେ 'ଦରବାର'ନାମରେ ପରିବର୍ତ୍ତନ ହେଲା। ପରବର୍ତ୍ତୀ ସମୟରେ ଏହି କାବ୍ୟଟି ୧୮୯୮ରେ 'ରାୟପ୍ରେସ୍'ରୁ ଛପାହୋଇ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା।

ରାଧାନାଥଙ୍କ ଅନ୍ୟାନ୍ୟ କାବ୍ୟଠାରୁ 'ଦରବାର' କାବ୍ୟଟି ଭିନ୍ନ ମନେହୁଏ। ତାଙ୍କ ଶେଷ ଜୀବନରେ ଏହି କାବ୍ୟଟି ଓଡ଼ିଆ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ଅନ୍ୟାନ୍ୟ କାବ୍ୟପରି ଏଥିରେ ରୂପ ଲାଳସା ନାହିଁ କି ନୈସର୍ଗିକ ପ୍ରକୃତିର ଚିତ୍ର ନାହିଁ ଅଛି କେବଳ ଜୀବନବୋଧ। ଏଥିରେ ଭରି ରହିଛି ସମାଜ ସମୀକ୍ଷାର ଅମିତ ସାହସ। ସେ ସମୟର କ୍ଷୟିଷ୍ଣୁ ରାଜା, ଜମିଦାର ତୋଷାମଦକାରୀ ତଥା ବ୍ରିଟିଶ ପଦଲେହନକାରୀ ସରକାରୀ କର୍ମଚାରୀ ତଥା ନିଜକୁ କ୍ଷମତାସୀନ, ପ୍ରତିଭାବାନ ମଣୁଥିବା ଉପଭୋଗୀମାନଙ୍କ ପ୍ରତି ଏହି କାବ୍ୟ ଏକ ବ୍ୟଙ୍ଗ, ବିଦ୍ରୁପର ଶକ୍ତ ଚାବୁକ୍। ସମସାମୟିକ ଓଡ଼ିଶାର ଚିତ୍ର, ତାଙ୍କ ଜୀବନରେ ଦେଖାଦେଇଥିବା ଝଡ଼ଝଞ୍ଜା ତାଙ୍କର ଏହି କାବ୍ୟରେ ନୂତନ ଭାବରେ ଜୀବନ୍ୟାସ ପାଇଛି।

୧୮୯୪ ମସିହା ଅଗଷ୍ଟ ମାସ ୨୯ ତାରିଖ ବୁଧବାର ଦିନ ୨ଟା ବେଳେ କଟକର ବାରବାଟୀ କିଲାରେ ଏକ ଦରବାର ଅନୁଷ୍ଠିତ ହୋଇଥିଲା। ବ୍ରିଟିଶ ସରକାରଙ୍କ ଏହି ପଦବୀ ବଣ୍ଟନ ଦରବାରୀ ସଭାକୁ ଗଡ଼ଜାତର କେତେକ ରାଜା ମହାରାଜାଙ୍କ ସହିତ ଇଂରେଜ ସରକାରଙ୍କ କେତେକ ନେଟିଭ୍ ଅଫିସରଙ୍କୁ ସଭା ପରିଚାଳନା କରିବା ପାଇଁ ଡକାଯାଇଥିଲା। ଏହି ଦରବାରରେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖରଙ୍କୁ ମହାମହୋପାଧ୍ୟାୟ ଓ କାଉପୁରର ଜମିଦାର ଓ ରାଧାନାଥଙ୍କ ଭିଣୋଇ ଗୋବିନ୍ଦବଲ୍ଲଭ ରାୟଙ୍କୁ ରାୟବାହାଦୁର ଉପାଧି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଥିଲା। ଏହି ଦରବାରକୁ କେବଳ

ଗୋବିନ୍ଦ ବଲ୍ଲଭ ରାୟ ଆସିଥିଲେ, ପଠାଣି ସାମନ୍ତଙ୍କୁ ଠିକ ସମୟରେ ଖବର ଦିଆଯାଇନଥିଲା; ତେଣୁ ସେ ସେଦିନ ଅନୁପସ୍ଥିତ ଥିଲେ। ପଠାଣି ସାମନ୍ତଙ୍କୁ କମିଶନର ସାହେବଙ୍କ କୋଠିରେ ଅତିରିକ୍ତ ଦରବାର ବସି ସେପ୍ଟେମ୍ବର ମାସ ୩ ତାରିଖରେ ଉପାଧି ପ୍ରଦାନ କରାଗଲା। ଏହି ସଭାରେ ୮୦ ଜଣ ଉପସ୍ଥିତ ଥିଲେ। ରାଧାନାଥ ଦୁଇଟି 'ଦରବାର' କଥା କାବ୍ୟରେ ଉଲ୍ଲେଖ କରିଛନ୍ତି। କାଉପୁରର ଜମିଦାର ରାଧାନାଥଙ୍କ ଭଗିନୀପତି ଗୋବିନ୍ଦବଲ୍ଲଭଙ୍କ ନାମ ଉଲ୍ଲେଖ ନ କରିଥିଲେ ମଧ ପରୋକ୍ଷରେ ତାଙ୍କ ବିଷୟରେ ଓ ପଠାଣି ସାମନ୍ତଙ୍କ ବିଷୟରେ ଲେଖାଯାଇଛି। 'ଦରବାର' କାବ୍ୟରେ ରାଧାନାଥ ଏ ପୂର୍ବ ଦରବାର ଓ ପର ଦରକାର ପ୍ରସଙ୍ଗ ଉଲ୍ଲେଖ କଲାବେଳେ ନିଜକୁ ଜଣେ ଉପଦେଷ୍ଟା ଭାବରେ ପ୍ରଦର୍ଶନ କରାଇଛନ୍ତି। କବିଙ୍କର ଦରବାର କାବ୍ୟକୁ ମୁଖ୍ୟତଃ ବିଷୟବସ୍ତୁ ଦୃଷ୍ଟିରୁ ପାଞ୍ଚଟି ଅଂଶରେ ନିର୍ବାଚିତ କରିପାରିବା। ପ୍ରଥମରେ ବାରବାଟୀ କିଲ୍ଲା ପଡ଼ିଆରେ ଯେଉଁ ସାଜସଜ୍ଜା ହୋଇଥିଲା ସେ ପ୍ରସଙ୍ଗ ଆଲୋଚନା ହୋଇଛି ପୂର୍ବରୁ ଉତ୍କଳ କେମିତି ଥିଲା ବର୍ତ୍ତମାନ କେମିତି ଅଛି ତୁଳନା କରାଯାଇଛି ଏବଂ ଅହମିକା ପ୍ରଦର୍ଶନ କରି ଆସିବାର ଚିତ୍ର। ଦ୍ୱିତୀୟ ଅଂଶରେ ଆମେ ଦେଖୁଛୁ ଆସନ ନିମନ୍ତେ କିପରି ବିବାଦ ହୋଇଛି ସେହି ପ୍ରସଙ୍ଗ ଉପସ୍ଥାପିତ ହୋଇଛି। ତୃତୀୟ ପ୍ରସଙ୍ଗରେ ରାଧନାଥଙ୍କ ନିଜସ୍ୱ ସଂଳାପ ପ୍ରତିଫଳିତ। ସେହି ସମୟରେ ରାଧାନାଥ ଓଡ଼ିଶାର ଶିକ୍ଷା ବିଭାଗରେ ସର୍ବୋଚ୍ଚ କର୍ମଚାରୀ ଥିଲେ। ପାଠ୍ୟପୁସ୍ତକ ବିବାଦଠାରୁ ଆରମ୍ଭ କରି ବିଜୁଳି-ଇନ୍ଦ୍ରଧନୁ କଳହ ପର୍ଯ୍ୟନ୍ତ ସବୁ ତାଙ୍କୁ ବିବ୍ରତ କରୁଥିଲା। ଏଣୁ ରାଧନାଥ ନିଜସ୍ୱ ସଂଳାପ ଏହି ପ୍ରସଙ୍ଗରେ ବାଢ଼ିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ତାଙ୍କ ରଚିତ ଆଲୋଚ୍ୟ 'ବଡ଼ପଣ' କବିତାଂଶଟି ରହିଛି। ରାଜପରିବାରରେ ଦେଖାଦେଉଥିବା ବିଳାସବ୍ୟସନ, ଅନ୍ୟାୟ ଆଚରଣ, ପ୍ରଜାପୀଡ଼ନ ଆଦି ଯାହାସବୁ ଦେଖିଥିଲେ; ସେ ସଂପର୍କରେ ଆଲୋଚନାକରି ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଭବଭୂମିର ଦରବାରରେ ଯେଉଁ ବଡ଼ିମା ଦେଖାଯାଉଛି ଯମ ଦରବାରରେ ତାହାର କୌଣସି ମୂଲ୍ୟ ରହିବ ନାହିଁ ବୋଲି ବାରମ୍ବାର ସତର୍କ କରାଇଦେଇଛନ୍ତି ।

କବି କବିତାର ପ୍ରଥମରୁ ପୂର୍ବପୁରୁଷ ମହିମାଗାନ କରିବା ସହିତ ସେହି ଦରବାରରେ ଉପସ୍ଥିତ ଥିବା ଉଚ୍ଚ ବଂଶଜ, ଅହମିକାଗ୍ରସ୍ତ ଗଡ଼ଜାତ ରାଜା, ଜମିଦାର, ବ୍ରିଟିଶ ତୋଷାମଦକାରୀ କର୍ମଚାରୀମାନଙ୍କୁ ଘୋର ସମାଲୋଚନା କରିଛନ୍ତି। ଦରବାରରେ ଉପସ୍ଥିତ ଥିବା ଅହଂପ୍ରମତ୍ତ ସମ୍ଭ୍ରାନ୍ତ ଶ୍ରେଣୀଙ୍କୁ ସେ ମନେପକେଇ ଦେଇଛନ୍ତି ସେମାନଙ୍କର ପୂର୍ବ ପୁରୁଷଙ୍କ ମହାମାମଣ୍ଡିତ ଗାଥା। ଆସନ ପରସ୍ପର ମଧ୍ୟରେ ବିବାଦ କରୁଥିବା ନିମନ୍ତ୍ରିତ ସମସ୍ତ ଇଂରେଜ ସରକାରଙ୍କର ଅଧସ୍ତନ ବୋଲକରା ଚମଚାମାନଙ୍କୁ ସେ ଦୃଢ଼ ଭାବରେ ନିନ୍ଦା କରିବା ସହ ଏ ଜାତିର ଗୌରବ ଗାଥା ବଖାଣିଛନ୍ତି। ଯାହାର ପୂର୍ବଜମାନେ ସୋମବଂଶୀ କେଶରୀ, ଗଙ୍ଗବଂଶୀ କପିଳେନ୍ଦ୍ରଦେବ ଆଦି ମହାନ ଶାସକମାନେ ସର୍ବଦା ଉଚ୍ଚ ବିଚାର ସହ ଏ ଜାତିର ସର୍ବବିଧ ଉନ୍ନତି ସାଧନ ପାଇଁ ନିଜକୁ ନିଯୋଜିତ କରିଥିଲେ। କିନ୍ତୁ ଆଜି ତମେମାନେ ସେଇ ମାନଙ୍କର ବଂଶଧର ହୋଇ ଶ୍ୱାନ ପାଲଟି ଯାଇଛ ଅର୍ଥାତ ବ୍ରିଟିଶ ମାନଙ୍କର ତୋଷାମଦକାରୀ ପାଦଚଟା କୁକୁର ସଦୃଶ ନିଜ ଆତ୍ମସମ୍ମାନକୁ ମଧ ପଦରେ ଦଳିଦେବା ପାଇଁ ପଛଉ ନାହଁ। ତୁମମାନଙ୍କୁ ସ ଧିକ୍ !! ତୁମେ ମାନେ ସିଂହ ଗର୍ଭରେ ନିଶ୍ଚିତ ଭାବେ ଶ୍ୱାନ ଜନ୍ମ ହୋଇଛ। ତୁମ୍ଭ ପୂର୍ବ ପୁରୁଷ ଯେଉଁମାନେ ଥିଲେ ସେମାନେ ଇଂରେଜମାନଙ୍କ ଆଗରେ ମୁଣ୍ଡ ନୁଆଁଇ ନଥିଲେ କିନ୍ତୁ ତମେମାନେ ତାଙ୍କରି ଔରସରୁ ଜନ୍ମନେଇ ଆଜି ତୁମ ପୂର୍ବଜଙ୍କ ମହିମା ବା ତାଙ୍କର ଗୁଣ କୀର୍ତ୍ତି, ପ୍ରତିଷ୍ଠାକୁ ଆଜି ବିକି ଭାଙ୍ଗି ଖାଉଛ କେତେଦିନ ଏମିତି ବସି ଖାଉଥିବ। ନିଜ ପୂର୍ବ ପୁରୁଷଙ୍କ ପ୍ରତିଷ୍ଠାକୁ ତୁମେ ବୃଦ୍ଧି ନ କରି ତାଙ୍କର ପ୍ରତିଷ୍ଠାରେ ତୁମେମାନେ ଆତ୍ମବଡିମା ଦେଖେଇହେଉଛ।(ମନେ ନାହିଁ ତୁମ୍ଭେ କାହାର ସନ୍ତାନ/କେଶରୀ-ଔରସେ ତୁମ୍ଭେ ସିନା ଶ୍ୱାନ।/ ପୂର୍ବପୁରୁଷର ପ୍ରତିଷ୍ଠା ବିଶାଳ,/ବିକି ଭାଙ୍ଗି ଖାଉଥିବ କେତେ କାଳ ?/ସେ ପ୍ରତିଷ୍ଠା ନିଜେ ତିଳେ ନ ବଢ଼ାଇ,/ କରୁଥିବ ଆଉ କେତେ ତା ବଡ଼ାଇ?) ତୁମ୍ଭର ପୂର୍ବ ପୁରୁଷ ଅର୍ଥାତ ଉତ୍କଳର ରାଜା ସୁବର୍ଣ୍ଣ କେଶରୀ, କପିଳେନ୍ଦ୍ରଦେବ, ପ୍ରତାପରୁଦ୍ରଦେବ, ପୁରୁଷୋତ୍ତମଦେବ,ମୁକୁନ୍ଦଦେବ ଆଦି ସେମାନେ ଥିଲେ ବହ୍ନିଶିଖା ପରି ଊର୍ଦ୍ଧ୍ୱଗାମୀ, କିନ୍ତୁ ସେହି ବଂଶର ହୋଇ ତୁମେ ଆଜି ନଦୀ ପରି ଅଧୋଗାମୀ ହୋଇପଡ଼ିଛ। ତୁମ୍ଭର ପୂର୍ବ ପୁରୁଷ ଯେଉଁମାନେ ପରମ ଉଦାର, ଦୟାଶୀଳ ଥିଲେ ଏବଂ ସମଗ୍ର ଉତ୍କଳ ରାଜ୍ୟକୁ ଗୋଟିଏ ପରିବାର ମନେ କରୁଥିଲେ କିନ୍ତୁ ତୁମେ ପ୍ରଜାପୀଡ଼କ ଶାନ୍ତିରେ ପ୍ରଜାମାନଙ୍କୁ ଖାଇବାକୁ ନଦେଇ ଶୋଷଣ କରୁଛ। ସେହି ଅର୍ଥରେ ଇଂରେଜମାନଙ୍କୁ ପୋଷଣ କରୁଛ ବୋଲି କବି ବ୍ୟଙ୍ଗ କରିଛନ୍ତି।

ରାଜା ସବୁବେଳେ ପ୍ରଜାମାନଙ୍କ ହିତ ସାଧନ କରିଥାଏ। ପ୍ରାଚୀନ କାଳର ସେହି ଉତ୍ତମ ପ୍ରଥା କୁଆଡ଼େ ଗଲା ଯେଉଁମାନେ ସମଗ୍ର ଉତ୍କଳକୁ ଏକ ପରିବାର ମନେ କରୁଥିଲେ କିନ୍ତୁ ଆଜି ରାଜା ଓ ପ୍ରଜା ଭିତରେ ସମ୍ପର୍କ ବାଜ ପକ୍ଷୀ ଓ ପାରା ଭଳି ହୋଇଯାଇଛି। ଅର୍ଥାତ୍ ବାଜ ପକ୍ଷୀ ପରି ରାଜା ପ୍ରଜାମାନଙ୍କୁ ଶୋଷଣ କରୁଛନ୍ତି। ତେଣୁ କବି କ୍ଷୋଭ ପ୍ରକାଶ କରିଛନ୍ତି। ଏବେ ଯେଉଁ ରାଜା ବୋଲି ନିଜକୁ ଦେଖେଇ ହେଉଛନ୍ତି ସେମାନେ ନାମକୁ ମାତ୍ର ରାଜା। ନିଜର ଭୋଗ ଅଭିଳାଷକୁ ମେଂଟେଇବା ପାଇଁ ପ୍ରଜାମାନଙ୍କ କଷ୍ଟ ଉପାର୍ଜନ ଧନକୁ ବିଭିନ୍ନ କର, ଶୋଷଣ ଆକାରରେ କାଢ଼ିନେଉଛନ୍ତି। ପୁଣି କବି କହୁଛନ୍ତି ତୁମେମାନେ ଏ ଉତ୍କଳମାତାର ସନ୍ତାନ ହୋଇ ବ୍ରିଟିଶମାନଙ୍କ ପରି ନିଷ୍ଠୁର, କ୍ରୁର, ଶୋଷଣକାରୀ ପରି ଆଚରଣ କରି ପ୍ରଜାମାନଙ୍କୁ ଶୋଷଣ କରୁଛ। ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ପିତାପୁତ୍ର ପରି ସ୍ନେହବୋଳା ସମ୍ପର୍କ ରହିବା କଥା କିନ୍ତୁ ତୁମେମାନେ ତୁମ ପୁତ୍ରତୁଲ୍ୟ ପ୍ରଜାମାନଙ୍କୁ ଇଂରେଜମାନଙ୍କ ପରି ବନ୍ଧୁକ ମୁନ ଦେଖାଇ ଭୟ ପ୍ରଦାନ କରୁଛ। ପୁଣି କବି ଦରବାରରେ ଉପସ୍ଥିତଥିବା ଆତ୍ମଗର୍ବୀ ରାଜାମାନଙ୍କ ଲୋଭ ଓ ଆତ୍ମପ୍ରଚାର ପ୍ରତି ତୀବ୍ରସ୍ୱର ଉତ୍ତୋଳନ କରିଛନ୍ତି। ପ୍ରାସାଦ, ହାତୀ, ଘୋଡ଼ା, ଗାଈ ପ୍ରତି ମନର ଲୋଭ ଅଛି; କିନ୍ତୁ ନିରୀହ ପ୍ରଜା ପ୍ରତି ତିଳେ ମାତ୍ର ସେମାନଙ୍କ ଶ୍ରଦ୍ଧା ନଥିବା କବିଙ୍କୁ ବ୍ୟଥିତ କରିଛି।( ଦେଶୀ ହୋଇ ତୁମ୍ଭେ ଆଚରିଲ ନିତି,/ ନିର୍ମମ ବିଦେଶୀ-ସର୍ବ-ଶୋଷୀ-ନୀତି !/ବାତ୍ସଲ୍ୟ ନ ବାନ୍ଧି ପ୍ରଜାଙ୍କର ଚିତ୍ତ,/ବିଦେଶୀ-ସଙ୍ଗୀନେ କଲ ତାଙ୍କୁ ଭୀତ ।/ ଗନ୍ତାଘର ହେଲା ତୁମ୍ଭର ସର୍ବସ୍ୱ,/ସର୍ବସ୍ୱ ପ୍ରାସାଦ, ଗାଭୀ, ହସ୍ତୀ, ଅଶ୍ୱ।) ପ୍ରଜାମାନଙ୍କ ପାଇଁ ରାଜା। ପ୍ରଜାମାନଙ୍କ ଉନ୍ନତି ସବୁବେଳେ ରାଜାର କାମନା। କିନ୍ତୁ ପ୍ରଜାମାନଙ୍କ କଷ୍ଟ ଅର୍ଜିତ ଧନକୁ ଛଡ଼େଇ ନେଇ ନିଜ ରାଜକୋଷ ପୂର୍ଣ୍ଣ କରିବା ଦୁର୍ଭାଗ୍ୟଜନକ। ଆମେ ଜାଣିଛେ ଇଂରେଜମାନେ ବିଭିନ୍ନ ନୀତି ନିୟମରେ ବାନ୍ଧି ସାମନ୍ତ ରାଜା ଓ ଜମିଦାରମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରିଆସିଛନ୍ତି। ତଥାପି ସେଇ ସବୁ ଶୋଷଣ ଓ ପ୍ରଜା ପେଷଣ ନୀତି ବିରୁଦ୍ଧରେ ସ୍ୱରଉତ୍ତୋଳନ ନକରିବା ନିଶ୍ଚିତ ଭାବେ ସେମାନଙ୍କ ହୀନତାର ପରିଚାୟକ। ପାପଦ୍ରବ୍ୟକୁ ଆଶା କରି ପ୍ରଜାମାନଙ୍କ ମଧ୍ୟରେ ପାପ ବୃଦ୍ଧି କରିବାର ଇଚ୍ଛା ହିଁ ସେମାନଙ୍କୁ ସର୍ବଦା ଆଚ୍ଛନ୍ନ କରିଛି। ପ୍ରଜାମାନଙ୍କୁ ଅନ୍ୟାୟ, ଅତ୍ୟାଚାର କରି ତାଙ୍କ ଠାରୁ ଧନ ଆଣି ନିଜର ମାଲଖାନା ପୁରେଇବା ହିଁ ହୋଇଛି ସେମାନଙ୍କ ଲକ୍ଷ୍ୟ। ଧନର ସୁବ୍ୟୟ ହିଁ ଧନର ମୂଲ୍ୟ ନିର୍ଣ୍ଣାୟକ। ଯେଉଁ ଧନ କଷ୍ଟ ଅର୍ଜିତ ନୁହେଁ ତାହା କଦାପି ଦୀର୍ଘସ୍ଥାୟୀ ହୋଇପାରେ ନା। ତେଣୁ ଏଭଳି କର୍ମରୁ ସର୍ବଦା ଦୂରେଇ ରହି ସତ୍ କର୍ମରେ ଉଭୟ ଧନ ଓ ଜୀବନକୁ ନିୟୋଜିତ କଲେ ହିଁ ଉଭୟର ସାର୍ଥକତା। ଯାହା କବିଙ୍କ ସଂସ୍କାର ମନବୃତ୍ତି ଓ ବ୍ୟକ୍ତିତ୍ୱ ଗଠନ ପାଇଁ ସର୍ବୋତ୍କୃଷ୍ଟ ଦିଗଦର୍ଶନ।

ବାସ୍ତବରେ ମଣିଷ ଜୀବନର କୌଣସି ଭରସା ନାହିଁ। ଏ ପୃଥିବୀର ରଙ୍ଗମଞ୍ଚରେ କେତେ ଆସି କେତେ ଗଲେଣି। ତେଣୁ ମୃତ୍ୟୁ ସମୟରେ କିଏ କେବେ ଧନ ମୁଣ୍ଡେଇକି ନେଇଛି ନା କେବେ ନେବ? ସମସ୍ତ ଅହମିକାଗ୍ରସ୍ତ ରାଜନ୍ୟମଣ୍ଡଳୀକୁ କବି କଡ଼ା ବିଦ୍ରୁପ କରି କହିଛନ୍ତି - ତୁମେମାନେ ଏଠି ମିଛଟାରେ ଅହମିକା ଦେଖାଉଛ। ଥରେ ତୁମ ପୂର୍ବ ପୁରୁଷଙ୍କୁ ମନେ ପକାଅ। ଥରେ ସେମାନଙ୍କ ପରି ବଡ଼ପଣକୁ ଆପଣାଅ । କିନ୍ତୁ ତମେମାନେ କ'ଣ କରୁଛ? କେବଳ ନିରୀହ ପ୍ରଜାମାନଙ୍କୁ ଶୋଷଣ କରି ବିଦେଶୀ ଲୋକଙ୍କୁ ପାଳନ କରିବାରେ ସର୍ବଦା ବ୍ୟସ୍ତ ଅଛ। ଏ ପରିପ୍ରେକ୍ଷୀରେ କବି ଆଲେକଜାଣ୍ଡାରଙ୍କ ଉଦାହରଣ ଦେଇଛନ୍ତି। ବିଶ୍ୱବିଜୟୀ ଆଲେକଜାଣ୍ଡାର ସମଗ୍ର ଦେଶକୁ ଜିତିସାରିବା ପରେ ଆଉ କୌଣସି ଦେଶ ଜିତିବା ପାଇଁ ନ ଥିବାରୁ ମନରେ ଦୁଃଖ ଜାତ ହୋଇଛି। ସେ ମୃତ୍ୟୁବେଳେ ତାଙ୍କ ଅନୁଚରମାନଙ୍କୁ କହିଥିଲେ- ଯେତେବେଳେ ଏ ପିଣ୍ଡରୁ ପ୍ରାଣ ଚାଲିଯିବ, ସେତେବେଳେ କୋକେଇରେ ମତେ ଶୁଆଇ ମୋର ବେନି କରକୁ ଝୁଲାଇଦେବ ଅର୍ଥାତ୍ ମୃତ୍ୟୁ ପରେ କେହି କିଛି ନେଇକି ଯାଏ ନାହିଁ। ଯିଏ ଯେତେବଡ଼ ରାଜା, ମହାରାଜା ହୋଇଥାଉ ନା କାହିଁକି ଗଲାବେଳେ ସମସ୍ତଙ୍କୁ ଶୂନ୍ୟ ହସ୍ତରେ ହିଁ ଯିବାକୁ ହେବ। ("ଜିଣିବାକୁ ଆଉ ନାହିଁ ଧରାଖଣ୍ଡ "/ବୋଲି କଲେ ଯେହୁ ଅଶ୍ରୁସିକ୍ତ ଗଣ୍ଡ,/ମଲାବେଳେ ବିଶ୍ୱ-ବିଜୟୀ ସ୍କନ୍ଦର/କି କହିଥିଲେ ତା' ଚିତ୍ତେ ଥରେ ଧର।)କବି ସେହି ଅହଂପ୍ରମତ୍ତ ରାଜାମାନଙ୍କୁ ଚେତେଇ ଦେବା ପାଇଁ ଆଲେକଜାଣ୍ଡାରଙ୍କ କଥା ସ୍ମରଣ କରେଇ ଦେଇ ଲୋଭ, ଅନ୍ୟାୟ ଓ ଅଧର୍ମ ତ୍ୟାଗ କରି ସତ୍ତ୍ୱ ଗୁଣକୁ ଆହରଣ କରିବା ପାଇଁ କହିଛନ୍ତି। ଜୀବନର ସୀମିତତା ସମ୍ପର୍କରେ ଜାଣି ସୁଦ୍ଧା ଲକ୍ଷ ଲକ୍ଷ ଦୁଃଖୀ, ଅରକ୍ଷିତ ଲୋକଙ୍କୁ ଶୋଷଣ କରି ତମେ ଲକ୍ଷପୋଷୀ ବୋଲାଉଛ; କିନ୍ତୁ ପ୍ରକୃତରେ ତମେମାନେ ଗୋଟେ ଗୋଟେ ଲକ୍ଷଶୋଷି। ସେହି ଶୋଷଣ ଟଙ୍କାକୁ ଗଣିକା, ଓକିଲ, ଛାମୁଣ୍ଡାଙ୍କୁ ପୋଷୁଛ ତେଣୁ ତମେମାନେ ପାପଗ୍ରସ୍ତ ଏବଂ ପାପ ଅର୍ଜିତ ଧନକୁ ଗରିବ ଲୋକଙ୍କୁ

ବାଣ୍ଟିଦେବା ବଦଳରେ (ଯଜ୍ଞକୁଣ୍ଡରେ ଘିଅ ନ ଢଳା ହୋଇ) ଘୁଷୁରୀ ମୁଖରେ ଢାଳୁଛ ଅର୍ଥାତ୍ ପାପ ଅର୍ଜିତ ଧନକୁ ପ୍ରଜାମାନଙ୍କୁ ଦେଇ ପ୍ରାୟଶ୍ଚିତ କରିବା କଥା କିନ୍ତୁ ତମେ ଗଣିକା, ଓକିଲ ପରି ଘୁଷୁରୀଙ୍କୁ ଦେଉଛ ବୋଲି କବି ବିଦ୍ରୁପ କରିଛନ୍ତି। (ପ୍ରାୟଶ୍ଚିତ୍ତେ ବ୍ୟୟ ନ କରି ଯତନେ,/ ପାପ ଅର୍ଜୁଅଛ ପାପାର୍ଜିତ ଧନେ।/ଅର୍ଜୁଅଛ ସିନା କେବଳ ଦୁଷ୍କୃତ,/ଘୃଷ୍ଟିମୁଖେ ଢାଳି ଯଜ୍ଞକୁଣ୍ଡ-ଘୃତ।)

ମୃତ୍ୟୁ ହିଁ ଧ୍ରୁବ ସତ୍ୟ। ତଥାପି ମଣିଷ ଏ ଅପ୍ରିୟ କଥାକୁ ସହଜରେ ଗ୍ରହଣ କରିପାରେ ନାହିଁ। ଅନିଶ୍ଚିତ ଜୀବନ କେତେବେଳେ ଯେ ପିଣ୍ଡ ଛାଡ଼ି ଚାଲିଯିବ ଏହା କେହି କହିପାରିବେ ନାହିଁ। ତେଣୁ କବି ସତର୍କର ବାର୍ତ୍ତା ଶୁଣେଇଛନ୍ତି ସମସ୍ତ ସାମନ୍ତ ସ୍ୱାର୍ଥନ୍ୱେଷୀ ରାଜା ଓ ଜମିଦାର ମାନଙ୍କୁ। ମୃତ୍ୟୁ ପୂର୍ବରୁ ଯେତିକି ପାରୁଛ ଧର୍ମ କରି ଯାଇଥାଅ, କାହିଁକି ନା ଧର୍ମ ଦାଣ୍ଡରେ କେବଳ ପୁଣ୍ୟ ହିଁ ଏ ଜୀବନ ପାଇଁ ସହାୟ। ଭଙ୍ଗା ମାଠିଆରୁ ପାଣି ଯେମିତି ବହିଯାଏ ଠିକ୍ ସେମିତି ଆମ ଆୟୁଷ ମଧ୍ୟ ସରିଯାଉଛି। ତେଣୁ ବଡ଼ପଣ - ଶ୍ରେଷ୍ଠ ଗୁଣ, ମହତପଣିଆ ଆଚରଣ କର। ନିଜର ଗର୍ବପଣିଆ ପାଇଁ ସ୍ୱୟଂ ମୃତ୍ୟୁ ବା କାଳ ପ୍ରତି ତମେ ହସୁଛ କିନ୍ତୁ ଏ କ୍ରୁର, ନିଷ୍ଠୁର, ଅବିଶ୍ୱାସୀ, ଯମ ବା ମୃତ୍ୟୁ ହଠାତ୍ ଆସିଯିବ। ତମେ ଯେଉଁ ଅନବରତ ପ୍ରଜାମାନଙ୍କୁ ଲୁଟି ଚାଲିଛ ଏହି ଖେଳ ଆଉ କେତେଦିନ ଖେଳିବ ତୁମର ଅନ୍ତିମ ବେଳ ଆସିଗଲାଣି। ସମୟ ଚକ ଯେମିତି ଅନବରତ ଗଡୁଥାଏ ସେମିତି ସେହି ମୃତ୍ୟୁ ନିରବ, ନିଶ୍ଚଳରେ ପ୍ରତୀକ୍ଷଣ ଆସୁଛି। ସୂର୍ଯ୍ୟ ଯେତେ ଯେତେ ଅସ୍ତ ହେବ ସେତେ ସେତେ ଛାଇ ବଢ଼ିବ ଠିକ୍ ସେମିତି ମଣିଷର ଆୟୁ ଯେତେ ବଢ଼ି ବଢ଼ି ଯିବ ତା'ର ମୋହ ମାୟା ଛାଇ ପରି ବଢ଼ି ବଢ଼ି ଯିବ ଏବଂ ସେ ମୋହ ମାୟା ଯେତିକି ବଢ଼ିବ ମୃତ୍ୟୁ ମଧ୍ୟ ସେତେ ଯନ୍ତ୍ରଣା ଦେବ । ତେଣୁ ସେ ଯମ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ପ୍ରଜାମାନଙ୍କ ମଙ୍ଗଳ କାମନା କରି ବଡ଼ପଣ ବା ମହତ ପଣିଆକୁ ଆପଣେଇ ନେବା ପାଇଁ କବି କହିଛନ୍ତି। (ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି,/ତରିବାକୁ ଏହି ସଂସାର-ବାରିଧି।/ଧର୍ମ ଏକା ସିନା ମହତପଣିଆ,/ଆଉ ବଡ଼ପଣ ଅଢ଼େଇଦିନିଆ ।)

କେତେବେଳେ ଯେ ମୃତ୍ୟୁ ଆସି ପାଖରେ ଆସି ପହଂଚିଯିବ ସେ କଥା କିଏ କହିବ। ତେଣୁ ଯମର ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବେଳ ଥାଉ ଥାଉ ଧର୍ମ ଅର୍ଜନ କରିବା ପାଇଁ କବି କହିଛନ୍ତି।ପୂର୍ବ ଜନ୍ମର କର୍ମଫଳ ନେଇ ମଣିଷ ତଦନୁରୂପ ଜନ୍ମ ନେଇଥାଏ। କେଉଁ ଜନ୍ମରେ କେଉଁ ମହତ କାର୍ଯ୍ୟ କରିଥିଲ ବୋଲି ଏ ଜନ୍ମରେ ରାଜା, ମନ୍ତ୍ରୀ, ଜମିଦାର ହୋଇ ବଡ଼ପଣ ବା ମହତଗୁଣ ଧରି ଜନ୍ମ ନେଇଛ। ତେଣୁ ନିଜ ନିଜର ଧର୍ମ ରୂପକ କର୍ମ ସମ୍ପାଦନ କର ବୋଲି କବି ସମସ୍ତଙ୍କୁ ଅନୁଗ୍ରହ କରିଛନ୍ତି। ଧର୍ମ ଆଚରଣ କରି ତଦନୁସାରେ ତାକୁ ସବୁଦିନ ଚିରସ୍ଥାୟୀ ରଖିବା ପାଇଁ ପରାମର୍ଶ କରିଛନ୍ତି। କାହିଁକି ନା ସଂସାର ରୂପକ ବାରିଧିକୁ ଲଙ୍ଘିବା ପାଇଁ ଭଗବାନ ଧର୍ମର ନୌକା ଗଢ଼ିଛନ୍ତି । ତେଣୁ ଧର୍ମ ଆଚରଣ ହେଉଛି ମହତପଣ; ମିଥ୍ୟା ଓ ଅହଂଭାବ ହେଉଛି ଅଢ଼େଇ ଦିନିଆ। ତେଣୁ ପ୍ରକୃତରେ ଯାହା ବଡ଼ପଣ ତାକୁ କେହି ଛଡ଼େଇ ପାରିବେନାହିଁ। ବଡ଼ପଣ ହେଉଛି ତାହା ଯାହାର ଅନ୍ତ ସମୟରେ ବା ମୃତ୍ୟୁ ସମୟରେ ମଧ୍ୟ ଯାହାର ବାସ୍ନା ସବୁଆଡ଼େ ଚହଟୁଥିବ। ତାହା ହିଁ ଆମ ସମସ୍ତଙ୍କର ଲକ୍ଷ୍ୟ ହେବ ଉଚିତ।

ଉକ୍ତ କବିତାରେ କବି ଯଦିଓ ଦରବାରର ସେହି ରାଜା, ଜମିଦାରମାନ ଉପଲକ୍ଷେ ଏ ସମସ୍ତ କଥା କହିଛନ୍ତି। କିନ୍ତୁ ଏହା ଯେ ସମସ୍ତ ମଣିଷ ସମାଜ ପାଇଁ ଏକ ଦିଗଦର୍ଶନ ତାହା କହିବବାହୁଲ୍ୟ ମାତ୍ର। କବିତାର ପ୍ରତି ସତ୍ରରେ କବିଙ୍କ ସ୍ୱକୀୟ ଜୀବନବୋଧ ପ୍ରକାଶ ଲାଭ କରିଛି। ସମଗ୍ର ମାନବ ସମାଜକୁ ସେ ଜୀବନର ବାସ୍ତବ ଚିତ୍ରକୁ ଜଣେଇଦେବା ପାଇଁ କବିତା ଭିତରେ ପ୍ରୟାସ କରିଛନ୍ତି। ଯାହା ବାସ୍ତବରେ କବିଙ୍କ ଗଭୀର ଅନୁଶୀଳନ ଓ ଜୀବନଦର୍ଶନର ପ୍ରତିଫଳନ ମାତ୍ର।

...................................................... ଅଧ୍ୟାପିକା,
ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର

●

# ଫିଂ'ଥର କିଛି ନୂଆପଣ ଭେଟିଦିଏ ଯାହାଙ୍କ କବିତା : ସଙ୍ଘମିତ୍ରା ଭୁତିଆ

ସମକାଳୀନ ଓଡ଼ିଆ କବିତାକାଶରେ ସଙ୍ଘମିତ୍ରା ଭୂତିଆ ସୁପରିଚିତ। ତାଙ୍କ କବିତାର ଗଢ଼ଣ ଓ ବିଷୟ ଚୟନ ସ୍ୱତନ୍ତ୍ର। କିଛି ନୂଆ କରିବାର ପ୍ରଚେଷ୍ଟା ସର୍ବଦା ତାଙ୍କ କବିତାରେ ଲକ୍ଷଣୀୟ। ଭାବନାର ଏକ କେନ୍ଦ୍ରୀଭୂତ ବଳୟକୁ ସୀମିତ ଶବ୍ଦ ଭିତରେ ସଜେଇ ଦେବାର କଳା ଓ କୌଶଳରେ ସେ ବେଶ୍ ସିଦ୍ଧହସ୍ତ। ତାଙ୍କ କବିତା ପଢ଼ିଲେ ଲାଗେ ଯେମିତି ତାଙ୍କ କବିତାର ପ୍ରତିଟି ଶବ୍ଦ ଅବ୍ୟର୍ଥ । 'ଗୀତିଝର ସମ୍ମାନ', 'ଉଦୟରାଗ ସମ୍ମାନ', 'ତପସ୍ୟା ସମ୍ଭାବନା ପୁରସ୍କାର', 'ସମ୍ବାଦ ଏ ମାସର ଲେଖକ', 'ୟୁଥ୍ ଆଇକନ ଆୱାର୍ଡ' ଆଦି ପୁରସ୍କାର ଓ ସମ୍ମାନ ତାଙ୍କ ପ୍ରତିଭାର ସ୍ୱାକ୍ଷର।

ତେବେ ବନ୍ଧୁଗଣ 'ନିନାଦ' ଶୃଙ୍ଖଳାରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ସଙ୍ଘମିତ୍ରା ଭୂତିଆଙ୍କ ଦୁଇଟି ଚମତ୍କାର କବିତା । ଆଶା ଏ କବିତା ଆପଣ ସମସ୍ତଙ୍କୁ କାବ୍ୟିକ ପରିତୃପ୍ତି ପ୍ରଦାନ କରିବାରେ ସମର୍ଥ ହେବ ।

- ସଂପାଦକ



## ମୋ ପ୍ରେମିକ

ମୁଁ ଜାଳୁଥିବା
ପ୍ରତିଟି ଦୀପକୁ
ଅଧରାତିରେ

ଫୁଙ୍କି ଦେଉଥିବା ନୀଳ ପବନ ସେ
ଯେ ଲୁଚିଯାଉଥାଏ

ମୋ ତମାମ୍ ଅନ୍ୟମନସ୍କତାରେ !
*

ସବୁ ରାସ୍ତାରେ
ମୋ ସହ ଚାଲୁଥିବା
ଓ କ୍ରମଶଃ ବଢୁଥିବା ଗୋଟେ ଛାଇ

ଯେ ମୋ ଛଡ଼ା
କୋଉଠି ବି ପହଞ୍ଚିପାରେନା
ଏଇ ପୃଥିବୀରେ !

*
ସମସ୍ତେ ମତେ ଭୁଲିଗଲାବେଳେ
ମୋତେ ଚିହ୍ନିପାରୁଥିବା
ହଳେ ଆଖି

କିନ୍ତୁ ବୁଝିପାରେନି ସେ ନିଜକୁ
ମୋ କବିତା ରେ !
*

ମାଟି କଣ୍ଢେଇକୁ ମୁଁ ଭାବି
ତା ଆଖିରେ
କଜଳ ଲେସୁଥିବା
ହଳେ ହାତ

ଯେ ମୋ ଆଗରେ
ଝାଳ ପିନ୍ଧେ
ସବୁ ରାସ୍ତାରେ !
*

ସବୁ ଡହଡ଼ହ ଖରାରେ
ସେ ଥାଏ ଧଳା କାମିଜରେ

ଓଃ...ଈଶ୍ୱର !
ତମେ ବି ତ ଦେଖିଯାଅ ଥରେ ।

## ନିଆଁ

ଜଙ୍ଗଲରେ ନିଆଁ ଲାଗେ
ଜଳିଯାଆନ୍ତି ମାଟିଆ ରଙ୍ଗର
ପଶୁ,ପକ୍ଷୀ,ଗଛ ଆଉ ଭରସା !

ସମୁଦ୍ରରେ ନିଆଁ ଲାଗେ
ଜଳିଯାଆନ୍ତି ନୀଳ ନୀଳ
ଢେଉ,ସିପ, ଶାମୁକା,
ପୁଣି କେତେକେତେ ଇଚ୍ଛା !

ମେଘରେ ନିଆଁ ଲାଗେ
ଜଳିଯାଏ ଧଳା ରଙ୍ଗର ଓଢ଼ଣୀ
କୁଆଁରୀ କଇଁ, ଫଟା ମାଟିର ଜିଭ,
ଆଉ ଗାଁ ମୁଣ୍ଡ ବରଗଛର ଛାଇ

ତଥାପି ସବୁଜେଇ ଯାଏ
ପଥରର ଗଣ୍ଠି !
ଡେଣା ବାନ୍ଧି ଆକାଶ ଛୁଏଁ
ବେଳାଭୂଇଁ !
ଆଷାଢ଼କୁ ନିଜର କହି
ଫସଲ,ପାହାଡ଼,ମରୁଭୂମିରେ ବି
ହସୁଥାଏ କେହି !

ଲାଗେ ସବୁ ରଙ୍ଗ ଫେରିଆସେ ଦିନେ
ଫେରିଆସେ ଦୂରରୁ।

କିନ୍ତୁ ପୁଣି ନିଆଁ ଲାଗେ
ଆକାଶ,ଆସନ,ଆଖିକଣ କେହି ବି
ବଞ୍ଚିଯାଏନି ତା'ର ଆଁ ରୁ ।


ବୁଝିହୁଏନା ଏ ନିଆଁ ରେ କ'ଣ କେବେ
ନିଆଁ ଲାଗେନାହିଁ ?

●●● ସା।କ୍ଷା।ତ।କା।ର

# ବାଗୀଶ ବରେଣ୍ୟ

ପ୍ରତିଶ୍ରୁତି ସ୍ୱରୂପ ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ସଂପାଦକ **ପ୍ରଫେସର୍ ନାରାୟଣ ସାହୁ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର।

ନାରାୟଣ ସାହୁ (୧୫ ଅକ୍ଟୋବର, ୧୯୫୫): ଜନ୍ମ- କେନ୍ଦ୍ରାପଡ଼ା ଜିଲ୍ଲାର ବଗଡ଼ା, ବାପା-ହରେକୃଷ୍ଣ ଓ ମା- ମାଳତୀ। ନାଟ୍ୟକାର ଓ ନାଟ୍ୟ ସମାଲୋଚକ। ଜୀବନ ଓ ଜଗତ ପ୍ରତି ସକାରାତ୍ମକ ବିଚାର ତାଙ୍କ ନାଟକର ପ୍ରାଣ । ପ୍ରକାଶିତ ପୁସ୍ତକ: 'ପ୍ରଶ୍ନ' (୧୯୮୨), 'ଆଶ୍ରା ଖୋଜୁଥିବା ଈଶ୍ୱର' (୧୯୯୦), 'କାହାଣୀ ସବା ଶେଷଲୋକର' (୧୯୯୨), 'ସୁବର୍ଣ୍ଣ ସକାଳ' (୧୯୯୮), 'ମୂକ' (୨୦୦୨), 'ଉପାସନା' (୨୦୦୨), 'ଅଦେଖା ସ୍ୱପ୍ନ' (୨୦୦୪) ନାଟକ; 'ଅସ୍ତରାଗର ଏଲିଜି', 'ଅନ୍ଧକାରର ପୂରବୀ', 'ଅମ୍ରାପଲ୍ଲୀ ସହ ଦିନେ', 'ସବୁଜ ଅନ୍ଧାର', 'ଅନ୍ୟଏକ ବର୍ତ୍ତମାନ', 'ଏକ ମୃତ ବ୍ୟକ୍ତି ସପକ୍ଷରେ', 'ଶେଷ ପାହାଚ', 'ଅନୁଭବ', 'ସାବିତ୍ରୀ ଉପାଖ୍ୟାନମ୍', 'ନିଷିଦ୍ଧ ସଂଳାପ', 'ମୋ ଜୀବନ ପଛେ', 'ଓଦାମାଟିର ସପନ', 'ପ୍ରଶ୍ନ', 'କାଳିଦାସ', 'ଝଡ଼', 'ହାଅନ୍ନ', 'ଡାକବଙ୍ଗଳା', 'ସବୁଠୁ ସୁନ୍ଦର ପକ୍ଷୀ', 'ରାଧା' ଇତ୍ୟାଦି ବେତାର ନାଟକ; 'ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ', 'ଓଡ଼ିଆ ସାହିତ୍ୟର ବିଭିନ୍ନ ଧାରା', 'ପ୍ରାଚୀନ ଭାରତୀୟ ସାହିତ୍ୟ', 'ମଧ୍ୟଯୁଗୀୟ ଗଦ୍ୟ ଓ ପଦ୍ୟ ସାହିତ୍ୟ: ଏକ ଅଧ୍ୟୟନ', 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ' ଇତ୍ୟାଦି ସମାଲୋଚନା ପୁସ୍ତକ। ସ୍ୱାଧୀନତା ପରବର୍ତ୍ତୀ ସମାଜବ୍ୟବସ୍ଥା, ସେବା ଓ ଧର୍ମ ନାମରେ ଚାଲିଥିବା ଶ୍ରେଣୀ ସଂଘର୍ଷ ଓ ବ୍ୟାପାରିକ ସଂସ୍କୃତିର ସେ ଜଣେ ସଫଳ ରୂପକାର।



ଆଲୋକଚିତ୍ର ସୌଜନ୍ୟ : ସ୍ରଷ୍ଟା

**୧. ଆଲୋଚନା ବା ସମାଲୋଚନା କହିଲେ ଆପଣଙ୍କ ମତରେ କ'ଣ ?**

ଉତ୍ତର : ସାହିତ୍ୟର ସମାଲୋଚନା ହେଉଛି ଏକ ବିଶିଷ୍ଟ ଗୁଣ । ସମାଲୋଚନା ଦ୍ୱାରା ସାହିତ୍ୟର ଦୋଷତ୍ରୁଟି ମାର୍ଜିତ ହୁଏ ଏବଂ ସାହିତ୍ୟ ବିକଶିତ ତଥା ସମୃଦ୍ଧ ହୁଏ। ସୃଷ୍ଟିର ପ୍ରଥମ ସମାଲୋଚକ ହେଉଛି ନିଜେ ସ୍ରଷ୍ଟା । ତାପରେ ଅନ୍ୟମାନେ ଏହାର ସମାଲୋଚନା କରନ୍ତି। ଏକ ସାରସ୍ୱତ ସୃଷ୍ଟିକୁ ଯଥାର୍ଥ ସ୍ୱୀକୃତି ଦେବାକୁ ହେଲେ ସମାଲୋଚନା ଅତ୍ୟନ୍ତ ଜରୁରୀ । ସାହିତ୍ୟ ସମାଲୋଚନାର ବିଭିନ୍ନ ପଦ୍ଧତି ରହିଛି । ଅବଶ୍ୟ ଏ ନେଇ ସମାଲୋଚକମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଯାଏ । କୌଣସି ସୃଷ୍ଟିକୁ ସମାଲୋଚନା କରିବାକୁ ହେଲେ ସମାଲୋଚକର ଗଭୀର ଅଧ୍ୟବସାୟ, ଦୂରଦୃଷ୍ଟି, ନିରପେକ୍ଷତା, ସହୃଦୟତା ଏବଂ ଉଦାରତା ଆବଶ୍ୟକ ।

**୨. ଜଣେ ସଫଳ ନାଟ୍ୟକାର ଓ ସମାଲୋଚକ ଭାବେ ଆପଣ ସୁପରିଚିତ । ତେବେ ଉପରୋକ୍ତ କେଉଁ ବିଭାଗ ପ୍ରତି ଆପଣ ବିଶେଷ ଅନୁରାଗ ଓ କାହିଁକି ?**

ଉତ୍ତର : ନାଟ୍ୟକାର ମୋର ଜନ୍ମସିଦ୍ଧ ପ୍ରେମ ଓ ଅଧିକାର। ଆଉ ସମାଲୋଚକ ଏକ ରଙ୍ଗବେରଙ୍ଗୀ ପୋଷାକ, ଯାହା ସାମୟିକ ।

**୩. ଦଶବର୍ଷ ପୂର୍ବର ଓ ବର୍ତ୍ତମାନର ଓଡ଼ିଆ ସମାଲୋଚନା ସାହିତ୍ୟର ସ୍ଥିତି ଭିତରେ ଆପଣ କ'ଣ ସବୁ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି ?**

ଉତ୍ତର : ବହୁ ପରିବର୍ତ୍ତନ ଆସିଛି ଯେମିତି ଆମ ସଭ୍ୟତା ଓ ସଂସ୍କୃତିରେ ଆସିଛି ।

**୪. ସାମ୍ପ୍ରତିକ ସମୟର ଓଡ଼ିଆ ସମାଲୋଚନା ସାହିତ୍ୟର ସ୍ଥିତି ସମ୍ପର୍କରେ ଆପଣ ବେଶ ଅବଗତ ଓ ବର୍ତ୍ତମାନ ସମୟର ଓଡ଼ିଆ ସମାଲୋଚନା ସାହିତ୍ୟର ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ ମଧ୍ୟ । ତେବେ ବର୍ତ୍ତମାନ ଓଡ଼ିଆ ସମାଲୋଚନା ସାହିତ୍ୟ ବାଟବଣା ହେଇଯାଇନି ତ ! କାହିଁକି ନା ଯେଉଁମାତ୍ରାରେ ଆଲୋଚନା ପ୍ରକାଶ ପାଇବା କଥା ପ୍ରକାଶ ପାଉନାହିଁ ଏବଂ ଯେଉଁ କିଛି ହାତ ଗଣତି ଆଲୋଚନା ପ୍ରକାଶ ପାଉଛି ତାହା ବ୍ୟକ୍ତିସ୍ୱାର୍ଥମୂଳକ । ଏ ସମ୍ପର୍କରେ କ'ଣ କହିବେ ?**

ଉତ୍ତର : ସମାଲୋଚନାର ଧର୍ମ ହେଉଛି ବାଟଦେଖାଇବା, ମାତ୍ର ଫମାଲୋଚନାର କାମ ହେଲା ବାଟବଣା କରିବା। ସ୍ୱାର୍ଥ ରହିଲେ ଶୁଦ୍ଧ ସମାଲୋଚନା ଆସିବ ଯୋଉଠୁ । ତେବେ ଅଧିକାଂଶ ସମାଲୋଚନା ତୋଷାମଦି ସପକ୍ଷରେ।

**୫. ବର୍ତ୍ତମାନ ସମାଲୋଚନା ବିଭାଗରେ ନୂଆ ନୂଆ କଲମ ଧରିଥିବା ନବାଗତମାନଙ୍କୁ ଆପଣ କ'ଣ କହିବାକୁ ଚାହିଁବେ ?**

ଉତ୍ତର : ମନର ଝରକା ଖୋଲିଦିଅନ୍ତୁ । ମୁକ୍ତ ବାୟୁ ଆସିବ। ଦେହ ଓ ମନ ଉଭୟ ସୁସ୍ଥ ରହିବ । ସମାଲୋଚନା ସଂଜ୍ଞା ବଦଳିଯିବ । ସ୍ୱପ୍ନ ସାକାର ହେବ ।

.ଉପସ୍ଥାପିକା : ମିନି ଗଡ଼ତିଆ

**ପ୍ରାପ୍ତ ପୁରସ୍କାର ଓ ସମ୍ମାନ**

- ଗୋଦାବରୀଶ ସାହିତ୍ୟ ସମ୍ମାନ – ୨୦୧୯
- ଓଡ଼ିଆ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର –୨୦୧୪
- ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର - ୧୯୯୧
- ଆକାଶବାଣୀ ନାଟ୍ୟକାର ପୁରସ୍କାର - ୧୯୯୪
- ଓଟଜା ପୁରସ୍କାର - ୨୦୦୧
- ବୀରକିଶୋର ସ୍ମୃତି ପୁରସ୍କାର - ୨୦୦୧
- କାହ୍ନୁଚରଣ ସ୍ମୃତି ପୁରସ୍କାର - ୨୦୦୨
- ସହକାର ସମ୍ମାନ (ନାଟକ) – ୨୦୦୨
- ଶ୍ରେଷ୍ଠ ନାଟ୍ୟକାର-ବିଭିନ୍ନ ନାଟ୍ୟ ପ୍ରତିଯୋଗିତା (ଅନ୍ନପୂର୍ଣ୍ଣା, କାସାଣ୍ଡା, ନାଟ୍ୟମ୍, ଶାଶ୍ୱତୀ, ବିନ୍ଦୁବଳୟ, ଜନକଲ୍ୟାଣ, ବହୁଭାଷୀ ନାଟକ ପ୍ରତିଯୋଗିତା)
- ମାନପତ୍ର – (ପୁନର୍ନବା, ଗୋଦାବରୀଶ ସାହିତ୍ୟ ସଂସଦ, ଅଭୀପ୍ସା)
- ଝଙ୍କାର ନାଟକ ପୁରସ୍କାର - ୨୦୦୬
- ଜୀବନରଂଗ୍ର ସମ୍ମାନ – ୨୦୦୭
- ନିଷ୍କଳ ଉତ୍କଳ ପ୍ରଗତୀଶୀଳ ଲେଖକ ସଂଘ ସମ୍ମାନ – ୨୦୧୨
- ଶତାବ୍ଦୀର କଳାକାର ସମ୍ମାନ – ୨୦୧୨
- ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମ୍ମାନ - ୨୦୧୩
- ଫକୀରମୋହନ ସ୍ମୃତି ପରିଷଦ ସମ୍ମାନ – ୨୦୧୩
- ମନନ – ରତିରଂଜନ ସମ୍ମାନ -୨୦୧୪




# ମାର ସମ୍ଭବ

(କାବ୍ୟ )

କବି : ସନାତନ ମହାନ୍ତି
ପ୍ରକାଶକ : କୋଶଳ ପ୍ରକାଶନ
ପ୍ରଥମ ପ୍ରକାଶ : ୨୦୨୩
ପୃଷ୍ଠା - ୯୬, ମୂଲ୍ୟ - ୧୩୦ ଟଙ୍କା

ବର୍ଷିୟାନ କବି ସନାତନ ମହାନ୍ତିଙ୍କ ଘର ନୂଆପଡ଼ା ଜିଲ୍ଲାର ଐତିହ୍ୟ ନଗରୀ ଖଡ଼ିଆଳ ନିକଟବର୍ତ୍ତୀ ପୁଟୁପଡ଼ାରେ। ବୃତ୍ତିଗତ ଜୀବନରେ ଜଣେ ଶିକ୍ଷକ ଭାବେ ପରିଚିତ। ସାରସ୍ୱତ ସାଧନା ହେଉଛି ତାଙ୍କର ପ୍ରବୃତ୍ତି। ଜଣେ ଆଦର୍ଶ ଶିକ୍ଷକ ସହିତ ଆୟୁର୍ବେଦ ଶାସ୍ତ୍ରରେ ଧୁରିଣ ଏବଂ ସୁବକ୍ତା ରୂପେ ମଧ୍ୟ ପରିଚିତ। ସହୃଦୟତା ବିହୀନ ଲୋକ ସାହିତ୍ୟ ସର୍ଜନା କରିପାରେ ନାହିଁ। ଏହି ସହୃଦୟତା ଆମ ଜୀବନର ପୁଞ୍ଜିଭୂତ ସଂସ୍କାରର ପରିପ୍ରକାଶ ଅଟେ। ଆଉ ଯେକୌଣସି ସମୟରେ ଏହାର ଉନ୍ମେଷ ହୋଇପାରେ। କବି ସନାତନ ମହାନ୍ତିଙ୍କ 'ମାର ସମ୍ଭବ' ହେଉଛି ତା'ର ପରିପ୍ରକାଶ। ଏହା କବିଙ୍କ ଦ୍ୱିତୀୟ ସାରସ୍ୱତ ଅର୍ଘ୍ୟ। ଏହା ପୂର୍ବରୁ କବିଙ୍କ ରଚିତ କବିତା ସଂକଳନ 'ପଞ୍ଚାମୃତ' ୨୦୨୧ ମସିହାରେ ପ୍ରକାଶିତ। ଶହେ ଆଠ ପୃଷ୍ଠା ବିଶିଷ୍ଟ ଏହି 'ମାର ସମ୍ଭବ' କାବ୍ୟଟି ପ୍ରଥମେ ୨୦୨୩ ମସିହାରେ ପ୍ରକାଶ ପାଏ କୋଶଳ ପ୍ରକାଶନ ଦ୍ୱାରା। ଆଠଟି ସର୍ଗରେ କାବ୍ୟଟି ବିଭକ୍ତ। ମାର ସମ୍ଭବ ଏକ ପୌରାଣିକ ବିଷୟ ଭିତ୍ତିକ କାବ୍ୟ। ଆମେ କାଳିଦାସଙ୍କ 'କୁମାର ସମ୍ଭବ' କଥା ଶୁଣିଛୁ। ମାତ୍ର ଏ ହେଉଛି ମାର ସମ୍ଭବ। ମାର କହିଲେ କାମଦେବ ବା ପ୍ରଦ୍ୟୁମ୍ନ। ତାଙ୍କର ଜନ୍ମ ପ୍ରସଙ୍ଗକୁ ନେଇ ଏ କାବ୍ୟ ରଚିତ।

କାବ୍ୟଟି ପାରମ୍ପରିକ ରୀତିରେ ରଚିତ। ମଧ୍ୟକାଳୀନ କାବ୍ୟାଦର୍ଶର ପ୍ରତିଫଳନ ଦେଖିବାକୁ ମିଳେ। କାବ୍ୟର ଆରମ୍ଭରେ କବି ମା ବିଦ୍ୟା ଭାରତୀ କବିକଣ୍ଠ ବାସିନୀ ସରସ୍ୱତୀଙ୍କୁ ବନ୍ଦନା କରିଛନ୍ତି। ମଙ୍ଗଳା ଚରଣକୁ ମିଶାଇ ନଅଟି ସର୍ଗ। ମାତ୍ର କବି ମଙ୍ଗଳାଚରଣକୁ ସର୍ଗର ଅନ୍ତର୍ଭୁକ୍ତ କରି ନାହାନ୍ତି। ପ୍ରଥମ ସର୍ଗରେ ଦକ୍ଷଯଜ୍ଞ ପ୍ରସଙ୍ଗ, ସତୀଙ୍କର ଶରୀର ତ୍ୟାଗ ଓ ତାଙ୍କର ମୃତ କଳେବରକୁ କାନ୍ଧରେ ଧାରଣ କରି ଶଙ୍କରଙ୍କର ପଳାୟନ, ଦ୍ୱିତୀୟରେ ସତୀଙ୍କର ଅବୟବର ଖଣ୍ଡମାନ ଭାରତର ବିଭିନ୍ନ ସ୍ଥାନରେ ପତିତ ହୋଇ ଅନେକ ଶକ୍ତିପୀଠର ପ୍ରତିଷ୍ଠା ତଥା ସତୀଙ୍କର ପାର୍ବତୀ ଭାବରେ ପର୍ବତରାଜ ହିମାଳୟଙ୍କର ଗୃହରେ ଜନ୍ମ, ତୃତୀୟରେ ଶିବଙ୍କୁ ପାଇବା ନିମିତ୍ତ ପାର୍ବତୀଙ୍କ ତପସ୍ୟା, ଚତୁର୍ଥରେ ସଦାଶିବଙ୍କର ତପସ୍ୟା ଭଗ୍ନ ଓ କାମଦେବ ଭସ୍ମୀଭୂତ, ପଞ୍ଚମରେ କାମ ପତ୍ନୀଙ୍କର ଶଙ୍କରଙ୍କୁ କାତର ପ୍ରାର୍ଥନା ତଥା କାମଦେବଙ୍କୁ ପରଜନ୍ମରେ ପୁନଃ ପ୍ରାପ୍ତ ହେବା ପାଇଁ ବର ପ୍ରଦାନ, ଷଷ୍ଠରେ ବିଧାତାଙ୍କର ଉପଦେଶରେ ରତିଙ୍କ ତପସ୍ୟା, ସପ୍ତମରେ ସାରାବତୀ ରାଜ୍ୟର ଅସୁର ରାଜା ସମ୍ବର ପୁରରେ ରତିଙ୍କ ଅବସ୍ଥାନ ଓ ଅଷ୍ଟମ ସର୍ଗରେ ଦ୍ୱାରକାରେ ରୁକ୍ମିଣୀଙ୍କ ଗର୍ଭରେ ପ୍ରଦ୍ୟୁମ୍ନଙ୍କ ଜନ୍ମ ଓ ରତି ପ୍ରଦ୍ୟୁମ୍ନଙ୍କ ମିଳନ ସମ୍ପନ୍ନ ହୋଇଛି। ମୋଟାମୋଟି ଭାବେ

ଏ ହେଉଛି କାବ୍ୟର ବିଷୟବସ୍ତୁ।

ଆରମ୍ଭରୁ କହିଛି ଯେ କାବ୍ୟର ବିଷୟବସ୍ତୁ ପୌରାଣିକ। କାଳିଦାସଙ୍କ 'କୁମାର ସମ୍ଭବ'ର ଅନେକ ପ୍ରସଙ୍ଗ ସହିତ ଏହାର ସମାନତା ରହିଛି। ଭିନ୍ନତା ଆସେ କେବଳ ରତି କାମଦେବ ପ୍ରସଙ୍ଗ। ସେ ଯାହାହେଉ ବିଷୟ ପୁରୁଣା ହେଲେ ମଧ୍ୟ ଉପସ୍ଥାପନ କରିବାରେ ନୂତନତା ଅଛି। ଶୈଳୀ, ଭାଷା, ଶବ୍ଦ ଏସବୁରେ କବିଙ୍କ କିଛି ମୌଳିକତା ଦେଖାଯାଏ। ପ୍ରତ୍ୟେକ ସର୍ଗ ନିର୍ଦ୍ଦିଷ୍ଟ ରାଗରେ ରଚିତ। ମାତ୍ର ସପ୍ତମ ସର୍ଗକୁ କବି ଦୁଇଟି ରାଗରେ ଲେଖିଛନ୍ତି। ଅନେକ ଉପଦେଶାତ୍ମକ କଥା, ଆୟୁର୍ବେଦ ଭିତ୍ତିକ ବିଷୟ ଏଥିରେ ସଂଯୋଜିତ। ଏ କାବ୍ୟଟିକୁ ପଢ଼ିଲେ ସେଇ ମଧ୍ୟକାଳୀନ କାବ୍ୟର ସ୍ୱାଦ ପାଠକ ଅନୁଭବ କରିବ। କାବ୍ୟର ବିଷୟବସ୍ତୁ ସହିତ ନାମର ସାମଞ୍ଜସ୍ୟତା ଟିକିଏ ମେଳ ଖାଏ ନାହିଁ। ପୁରାଣରେ ଯଦିଓ କାମ ଦେବ ବା ମାର ପ୍ରଦ୍ୟୁମ୍ନ ରୂପେ ପରିଚିତ। ତଥାପି ମାର କହିଲେ ମନୋଜ ବା ସମସ୍ତଙ୍କର ଶରୀରରେ ଥିବା କାମକୁ ବୁଝାଏ। ଏଣୁ କାବ୍ୟର ନାମକରଣ ଅନୁସାରେ କାମ ଦେବଙ୍କ ମୂଳ ଜନ୍ମ ପ୍ରସଙ୍ଗ ରହିବା ଉଚିତ। ମାତ୍ର ତାହା କାବ୍ୟରେ ନାହିଁ। ପୁନଶ୍ଚ କାବ୍ୟର ବିଷୟ ଯଦି ଶ୍ରୀକୃଷ୍ଣ ତନୁଜ ପ୍ରଦ୍ୟୁମ୍ନ ଜନ୍ମ ପ୍ରସଙ୍ଗ ଆଧାରିତ ତେବେ ଏହାର ନାମ ପ୍ରଦ୍ୟୁମ୍ନ ଜନ୍ମ ରଖିଥିଲେ ଭଲ ହୋଇଥାନ୍ତା। ସେ ଯାହା ହେଉ କାବ୍ୟଟି ରସମୟ, ସୁଖବୋଧ, ସରଳ ଭାଷା, ସାଙ୍ଗୀତିକତା ମାଧ୍ୟମରେ ପାଠକଙ୍କ ମନ ମୋହିବ ଏଥିରେ ସନ୍ଦେହ ନାହିଁ।

ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଏଭଳି କାବ୍ୟର ଆବଶ୍ୟକତା କ'ଣ ? ଏ ପ୍ରଶ୍ନର ଉତ୍ତରରେ ଏତିକି କୁହାଯାଇପାରେ ଯେ ପାଠକର ଆବଶ୍ୟକତାକୁ ଆଖି ଆଗରେ ରଖି କବି ବରାଦିଆ ସାହିତ୍ୟ ତିଆରି କରେ ନାହିଁ। ମଧ୍ୟକାଳରେ ହୁଏତ ଏହା ବରାଦିଆ ହୋଇପାରେ। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ନୁହେଁ। କବି ନିଜ ଭାବନାକୁ ଶବ୍ଦର ରୂପ ଦେଇଛି ସେତିକି ମାତ୍ର। ଏ କାବ୍ୟରୁ ଗୋଟିଏ କଥା ପ୍ରମାଣିତ ହୁଏ ଯେ କୌଣସି ସାହିତ୍ୟର ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଆଜିବି ରୀତି କାଳୀନ ସାହିତ୍ୟ ତିଆରି ହେଉଛି ଆଉ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବାରେ ଏହାର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ। ପରିଶେଷରେ କବିଙ୍କ ସୁସ୍ଥ ନିରାମୟ ଦୀର୍ଘ ଜୀବନ କାମନା କରୁଛି।

---------------- ଉପସ୍ଥାପକ : କନକ ବର୍ଦ୍ଧନ ସାହୁ
ଅଧ୍ୟାପକ, ଓଡ଼ିଆ ବିଭାଗ
ସିନାପାଲି ମହାବିଦ୍ୟାଳୟ, ସିନାପାଲି,
ନୂଆପଡ଼ା

●

**ଘୋ ଷ ଣା**

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର । ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ । ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ । ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ ।

- ସମ୍ପାଦକ

BAGEESHA | VOLUME N0. 01 | ISSUE N0. 04 | JULY - AUGUST 2023




ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU